Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 71
Friday, 15 May 2026
Balasore, Page : 8, ₹ 2/
ବାଲେଶ୍ୱର, ଶୁକ୍ରବାର, ୧୫ ମଇ, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ସତୀଶନ ହେବେ କେରଳମ ନୂଆ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ, ୧୪/୫(ନ୍ୟୁ.ଏ): ୧୦ ଦିନ ଧରି ଯେଉଁ ଦ୍ୱନ୍ଦ୍ୱ ରହିଥିଲା, ତାହା ଦୂର ହେଲା । ଭିଡି ସତୀଶନଙ୍କୁ କେରଳର ମୁଖ୍ୟମନ୍ତ୍ରୀ କରିବାକୁ ଗୁରୁବାର ଘୋଷଣା କରିଛି କଂଗ୍ରେସ । ସେ ମେ' ୧୮ ତାରିଖ (ସୋମବାର) କେରଳର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ । ୬୧ ବର୍ଷୀୟ ସତୀଶନ ଏଥରକୁ ମିଶାଇ ମୋଟ ୬ ଥର କେରଳ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି । ୨୦୨୧ରୁ ୨୦୨୬ ପର୍ଯ୍ୟନ୍ତ ସେ କେରଳ ବିଧାନସଭାରେ ବିରୋଧୀ ଦଳ ନେତା ରହିଥିଲେ । କେରଳ ମୁଖ୍ୟମନ୍ତ୍ରୀ ପଦ ପାଇଁ ୩ ଜଣ ଦୌଡ଼ରେ ଥିଲେ । ସତୀଶନଙ୍କ ସହିତ ଲୋକସଭା ସାଂସଦ କେସି ଭେନୁଗୋପାଳ ଓ ଦଳର ବରିଷ୍ଠ ନେତା ରମେଶ ଚେନ୍ନିଥଲା, ଯିଏ ଏଥର ମଧ୍ୟ ହରିପାଦ ଆସନରୁ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି । ନୂଆଦିଲ୍ଲୀରେ ସତୀଶନଙ୍କ ନାଁ କେରଳର ମୁଖ୍ୟମନ୍ତ୍ରୀ ଭାବେ ଘୋଷଣା କରିବା ଅବସରରେ କଂଗ୍ରେସ ନେତ୍ରୀ ଦୀପା ଦାସମୁନ୍‌ସୀ କହିଥିଲେ, ତିରୁଅନନ୍ତପୁରମରେ ମେ' ୭ ତାରିଖରେ କଂଗ୍ରେସ ବିଧାୟକ ଦଳର ବୈଠକ ବସିଥିଲା । ସେଠାରେ ସର୍ବସମ୍ମତିକ୍ରମେ ଏକ ପ୍ରସ୍ତାବ ପାରିତ ହୋଇଥିଲା ଯେ କଂଗ୍ରେସ ଅଧ୍ୟକ୍ଷ ବିଧାୟକ ଦଳର ନେତାଙ୍କୁ ବାଛିବେ । ସେହିକ୍ରମରେ ଭିଡି ସତୀଶନଙ୍କୁ କେରଳ କଂଗ୍ରେସର ବିଧାୟକ ଦଳର ନେତା ଭାବେ ନିଯୁକ୍ତି ଦେବାକୁ ନିଷ୍ପତ୍ତି ନିଆଯାଇଛି । ୧୯୬୪ ମସିହା ମେ' ୩୧ ତାରିଖରେ କେରଳମର କୋଚିର ନେଟ୍ଟୁରରେ ଜନ୍ମ ହୋଇଥିଲେ ସତୀଶନ । ସେ ରାଜଗିରି କଲେଜରୁ ସୋସିଆଲ ୱାର୍କରେ ସ୍ନାତକୋତର ଡିଗ୍ରୀ ହାସଲ କରିଛନ୍ତି । ପରେ ସେ କେରଳ ଲ ଏକାଡେମୀ ଲ କଲେଜରୁ ସେ ଏଲଏଲବି ପାସ୍ କରିଥିଲେ । ତିରୁଅନନ୍ତପୁରମ ସ୍ଥିତ ସରକାର ଆଇନ ମହାବିଦ୍ୟାଳୟରୁ ସେ ଆଇନରେ ସ୍ନାତକୋତର ଡିଗ୍ରୀ ହାସଲ କରିଥିଲେ । ସେ ୧୦ ବର୍ଷ ଧରି କେରଳ ହାଇକୋର୍ଟରେ ଆଇନଜୀବୀ ଭାବେ କାର୍ଯ୍ୟ କରିଛନ୍ତି । ତାଙ୍କ ପତ୍ନୀଙ୍କ ନାମ ଆର. ଲକ୍ଷ୍ମୀପ୍ରିୟ । ସେମାନଙ୍କର ଜଣେ ଝିଅ ଅଛନ୍ତି । କେରଳ ହାଇକୋର୍ଟରେ ଆଡ୍‌ଭୋକେଟ୍ ଭାବେ କାର୍ଯ୍ୟ କରୁଥିବା ବେଳେ ୨୦୦୧ରେ ସେ କଂଗ୍ରେସ ଟିକେଟରେ ପରଭୁର ଆସନରୁ ପ୍ରଥମ ଥର ପାଇଁ କେରଳ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ଏହା ପରେ ଆଉ ସେ ପଛକୁ ଫେରି ଚାହିଁ ନାହାନ୍ତି । ଲଗାତାର ୬ ଥର ନିର୍ବାଚନ ଜିତି ବିଧାୟକ ହୋଇଛନ୍ତି । ୨୦୦୧ ପରେ ସେହି ପରଭୁର ଆସନରୁ ୨୦୦୬, ୨୦୧୧, ୨୦୧୬ ଓ ୨୦୨୧ରେ ସତୀଶନ କଂଗ୍ରେସ ଟିକେଟରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ୨୦୨୧-୨୦୨୬ ପର୍ଯ୍ୟନ୍ତ ସେ କରେଳମ ବିଧାନସଭାରେ ବିରୋଧୀ ଦଳ ନେତା ଥିଲେ । ସେ କେବଳ ଥରେ ନିର୍ବାଚନରେ ପରାସ୍ତ ହୋଇଛନ୍ତି । ୧୯୯୬ରେ ପ୍ରଥମ ଥର ପାଇଁ ପରଭୁର ଆସନରୁ ବିଧାନସଭା ନିର୍ବାଚନ ଲଢ଼ି ସିପିଆଇ ପ୍ରାର୍ଥୀ ପି. ରାଜୁଙ୍କଠାରୁ ପରାସ୍ତ ହୋଇଥିଲେ । ବିଧାନସଭା ନିର୍ବାଚନ ଲଢ଼ିବା ପୂର୍ବରୁ ସତୀଶନ ରାଜନୀତି ସହିତ ଜଡ଼ିତ ଥିଲେ । ସେ ତାଙ୍କ ଛାତ୍ର ଜୀବନରୁ ରାଜନୀତି ଆରମ୍ଭ କରିଥିଲେ । ୧୯୮୬-୮୭ରେ ସେ ମହାତ୍ମା ଗାନ୍ଧି ୟୁନିଭର୍ସିଟି ୟୁନିୟନର ଅଧ୍ୟକ୍ଷ ରହିଥିଲେ । ପରବର୍ତ୍ତୀ ସମୟରେ ସେ ନ୍ୟାଶନାଲ ଷ୍ଟୁଡେଣ୍ଟ ୟୁନିୟନ ଅଫ୍ ଇଣ୍ଡିଆ (NSUI)ର ସଂପାଦକ ହୋଇଥିଲେ । ତା' ପରେ ପରେ ସେ କଂଗ୍ରେସର ସଂଗଠନରେ ବିଭିନ୍ନ ପଦପଦବୀରେ ରହି କାର୍ଯ୍ୟ କରିଥିଲେ । ସେ କେରଳମ ପ୍ରଦେଶ କଂଗ୍ରେସ କମିଟିର ଉପ-ସଭାପତି ଓ କେରଳମ ବିଧାନସଭାରେ ଦଳର ମୁଖ୍ୟ ସେଚେତକ ଭାବେ କାର୍ଯ୍ୟ କରିଥିଲେ । ସୂଚନା ଅନୁଯାୟୀ, କେସି ଭେନୁଗୋପାଳଙ୍କ ପକ୍ଷରେ କଂଗ୍ରେସ ନବନିର୍ବାଚିତ ବିଧାୟକଙ୍କ ମଧ୍ୟରୁ ଅଧିକାଂଶଙ୍କର ସମର୍ଥନ ଥିଲା । ସେ ବିଧାନସଭା ନିର୍ବାଚନ ଲଢ଼ି ନଥିଲେ ସୁଦ୍ଧା ତାଙ୍କୁ ଏକରକମର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ବିଚାର କରାଯାଉଥିଲା । ତେବେ ସତୀଶନଙ୍କ ପକ୍ଷରେ ବିପୁଳ ଜନସମର୍ଥନ ଥିଲା । ବାମ ନେତୃତ୍ୱାଧୀନ ପୂର୍ବ ସରକାର ବିରୋଧରେ ସେ ଜୋରଦାର ପ୍ରଚାର କରିଥିଲେ । ତାଙ୍କ ପକ୍ଷରେ ଲୋକଙ୍କ ସମର୍ଥନ ଥିଲା । ତା' ସହିତ ତୃଣମୂଳ ସ୍ତରର ନେତା ଓ କର୍ମୀଙ୍କ ସହିତ ରାଜ୍ୟ କଂଗ୍ରେସର ବିଭିନ୍ନ ପଦପଦବୀରେ ରହି କାର୍ଯ୍ୟ କରୁଥିବା ନେତାଙ୍କ ପସନ୍ଦ ହୋଇଛନ୍ତି ସତୀଶନ । ସେହିପରି ଲୋକଙ୍କ ଭାବନାକୁ ଦୃଷ୍ଟିରେ ରଖି ନିଷ୍ପତ୍ତି ନେବାକୁ ଦଳର ବରିଷ୍ଠ ନେତା ଏକେ ଆଂଟୋନି, ଭିଏମ୍ ସୁଧୀରନ ଓ କେ ମୁରଲୀଧରନ ପ୍ରମୁଖ ପରାମର୍ଶ ଦେଇଥିଲେ । ଅନ୍ୟପକ୍ଷରେ କଂଗ୍ରେସ ନେତୃତ୍ୱାଧୀନ ମେଂଟରେ ଥିବା ଅନ୍ୟତମ ବଡ଼ ଦଳ ଆଇୟୁଏମ୍‌ଏଲ (ଇଣ୍ଡିଆନ ୟୁନିୟନ ମୁସଲିମ ଲିଗ୍)ର ମଧ୍ୟ ପ୍ରଥମ ପସନ୍ଦ ଥିଲେ । ସବୁ କଥାକୁ ବିଚାରକୁ ନେବା ପରେ କଂଗ୍ରେସ ଅଧ୍ୟକ୍ଷ ସତୀଶଙ୍କୁ କେରଳ କଂଗ୍ରେସର ବିଧାୟକ ଦଳର ନେତା ଭାବେ ନିଯୁକ୍ତି ଦେଇଛନ୍ତି । ଦଳର ଏହି ନିଷ୍ପତ୍ତିକୁ କେସି ଭେନୁଗୋପାଳ କହିଛନ୍ତି, ମୁଁ ସଂପୂର୍ଣ୍ଣ ସନ୍ତୁଷ୍ଟ । ମୁଁ ହାଇକମାଣ୍ଡଙ୍କ ନିଷ୍ପତ୍ତି ସହିତ ଅଛି । ମୁଁ ସତିଶନଙ୍କୁ ଅଭିନନ୍ଦନ ଜଣାଉଛି । ମୁଁ ତାଙ୍କୁ ଓ ୟୁଡିଏଫ ସରକାରଙ୍କୁ ସମସ୍ତ ପ୍ରକାର ସମର୍ଥନ କରିବି । ନିକଟରେ ଶେଷ ହୋଇଥିବା କେରଳମ ବିଧାନସଭା ନିର୍ବାଚନରେ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ ୧୦୨ଟି ଆସନ ଜିତିଥିବା ବେଳେ ସେଥିରେ କେବଳ କଂଗ୍ରେସର ୬୩ଟି ଆସନ ରହିଛି । ଆଇୟୁଏମଏଲ ୨୨ଟି ଆସନ ଜିତିଥିବା ବେଳେ କେରସି ୭, ଆରଏସପି ୩, କେସି (ଜେ) ଗୋଟିଏ, ସିଏମ୍‌ପି ଗୋଟିଏ, ଆରଏମ୍‌ପିଆଇ ଗୋଟିଏ ଓ ଅନ୍ୟାନ୍ୟ ୪ଟି ଆସନ ଜିତିଛନ୍ତି । ଅନ୍ୟପକ୍ଷରେ ସିପିଆଇ (ଏମ୍) ନେତୃତ୍ୱାଧୀନ ମେଂଟ ଏଲଡିଏଫ ୩୫ଟି ଆସନ ଜିତିଛି । ବିଜେପି ମାତ୍ର ୩ଟି ଆସନ ଜିତିଛି ।

ଉତ୍ସବ ନୁହେଁ, ସେବା ଓ ସଫଳତାର ବାର୍ତ୍ତା ନେଇ ଲୋକଙ୍କ ପାଖକୁ ଯାଅ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୪/୫ (ଆ.ପ୍ର) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ରାଜ୍ୟ ସରକାର ଆସନ୍ତା ଜୁନ୍ ୧୨ ତାରିଖରେ ସଫଳତାର ଦୁଇ ବର୍ଷ ପୂରଣ କରିବାକୁ ଯାଉଛନ୍ତି । ତେବେ ପଶ୍ଚିମଏସିଆର ସାମ୍ପ୍ରତିକ ଅସ୍ଥିରତା ଓ ଦେଶର ସଂକଟମୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏଥିପାଇଁ କୌଣସି ଆଡମ୍ବରପୂର୍ଣ୍ଣ ଉତ୍ସବ ନକରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆଜି ଲୋକସେବା ଭବନରେ ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସ୍ପଷ୍ଟ କରିଛନ୍ତି ଯେ, ସରକାରଙ୍କ ଏହି ଦୁଇ ବର୍ଷର ପାଳନ କେବଳ ଜନକଲ୍ୟାଣକାରୀ ଯୋଜନାର ସଫଳତା ପ୍ରସାର କରିବାର ଏକ ମାଧ୍ୟମ ହେବା ଉଚିତ । ଆସନ୍ତା ଜୁନ୍ ୧୨ରୁ ୨୧ ତାରିଖ ପର୍ଯ୍ୟନ୍ତ ରାଜ୍ୟ ଓ ଜିଲ୍ଲାସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେବ, ଯେଉଁଥିରେ ସରକାରଙ୍କ ଉପଲବ୍ଧିକୁ ସାଧାରଣ ଲୋକଙ୍କ ପାଖରେ ପହଂଚାଇବା ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି । ଏହି ୧୦ ଦିନିଆ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ରୂପେ ଜନକୈନ୍ଦ୍ରିକ କରାଯିବ । ବିଶେଷକରି ସାମ୍ବାଦିକ ସମ୍ମିଳନୀ, ପୁସ୍ତିକା ପ୍ରକାଶନ ଏବଂ ସାମାଜିକ ଗଣମାଧ୍ୟମ ଜରିଆରେ ବିଭିନ୍ନ ବିଭାଗର ସଫଳତାର ସୂଚନା ଦେବାକୁ ମନ୍ତ୍ରୀମାନଙ୍କୁ CM Mohan Charan Majhi ପରାମର୍ଶ ଦେଇଛନ୍ତି । ଶକ୍ତି ଓଡ଼ିଶା, ସମୃଦ୍ଧ କୃଷି ଓଡ଼ିଶା, ସୁସ୍ଥ ଓଡ଼ିଶା ଭଳି ୭ଟି ସ୍ୱତନ୍ତ୍ର ଥିମକୁ ନେଇ ସରକାର ଲୋକଙ୍କ ନିକଟତର ହେବାକୁ ଯୋଜନା କରିଛନ୍ତି । ଏଥିସହିତ ୨୦୩୬ ମସିହା ପାଇଁ ସରକାରଙ୍କ ଦୂରଦୃଷ୍ଟି ସମ୍ପର୍କରେ ମଧ୍ୟ ଲୋକଙ୍କୁ ଅବଗତ କରାଯିବ । ସେହିପରି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଗଣମାଧ୍ୟମକୁ ପ୍ରତିକ୍ରିୟାରେ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ପାଳନ ଉତ୍ସବରେ ଅନାବଶ୍ୟକ ଖର୍ଚ୍ଚ ନକରି ସାଂକେତିକ ଓ ନିରାଡମ୍ବର ଭାବେ ପାଳନ କରାଯିବ । ଜୁନ୍ ୧୨ରୁ ୧୦ ଦିନ ଧରି ଏହି କାର୍ଯ୍ୟକ୍ରମ ଚାଲିବ । ଦୁଇ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟକୁ ଆସିବା ପାଇଁ ଆମେ ପ୍ରଧାନମନ୍ତ୍ରୀଙ୍କୁ ନିବେଦନ କରିବୁ, ସେ ସମୟ ସ୍ଥିର କଲେ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହେବ । ଏହାସହ ଜୁନ୍ ୧ରୁ ସମସ୍ତ ବିଭାଗର ରିପୋର୍ଟ କାର୍ଡ ପ୍ରକାଶ ପାଇବ । ମୁଖ୍ୟମନ୍ତ୍ରୀ ଏହାକୁ ଉନ୍ମୋଚନ କରିବା ପରେ ସମ୍ପୃକ୍ତ ବିଭାଗର ମନ୍ତ୍ରୀ ଓ ସଚିବମାନେ ସାମ୍ବାଦିକ ସମ୍ମିଳନୀ କରି ବିଭାଗୀୟ ସଫଳତା ସମ୍ପର୍କରେ ସୂଚନା ଦେବେ । ସରକାରଙ୍କ ସ୍ୱଚ୍ଛତା ଓ ସେବା ପ୍ରତି ରହିଥିବା ପ୍ରତିବଦ୍ଧତାକୁ ଏହି ରିପୋର୍ଟ କାର୍ଡ ପ୍ରତିଫଳିତ କରିବ ବୋଲି ସେ କହିଛନ୍ତି ।

ଦିଲ୍ଲୀ ଅବକାରୀ ନୀତି ମାମଲାରୁ ଓହରିଲେ ଜଷ୍ଟିସ ସ୍ୱର୍ଣ୍ଣକାନ୍ତ ଶର୍ମା

ନୂଆଦିଲ୍ଲୀ, ୧୪/୫(ନ୍ୟୁ.ଏ): ବହୁଚର୍ଚ୍ଚିତ ଦିଲ୍ଲୀ ଅବକାରୀ ନୀତି ମାମଲାର ଶୁଣାଣିରୁ ଓହରିଲେ ଦିଲ୍ଲୀ ହାଇକୋର୍ଟର ବିଚାରପତି ଜଷ୍ଟିସ ସ୍ୱର୍ଣ୍ଣକାନ୍ତ ଶର୍ମା । ଏହାକୁ ନେଇ ପୂର୍ବତନ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆପର ରାଷ୍ଟ୍ରୀୟ ସଂଯୋଜକ ଅରବିନ୍ଦ କେଜରିୱାଲ କହିଛନ୍ତି ଯେ, ସତ୍ୟର ବିଜୟ ହୋଇଛି । ଗାନ୍ଧୀଜୀଙ୍କ ସତ୍ୟାଗ୍ରହ ପୁଣି ଥରେ ବିଜୟୀ ହୋଇଛି । ଗୁରୁବାର (୧୪ ମଇ) ଜଷ୍ଟିସ ସ୍ୱର୍ଣ୍ଣକାନ୍ତ ଶର୍ମା ଆମ ଆଦମୀ ପାର୍ଟି ନେତା ଅରବିନ୍ଦ କେଜରିୱାଲ, ମନୀଷ ସିସୋଦିଆ, ଦୁର୍ଗେଶ ପାଠକ, ସଞ୍ଜୟ ସିଂହ, ସୌରଭ ଭରଦ୍ୱାଜ ଏବଂ ଅନ୍ୟ ମାନଙ୍କ ବିରୁଦ୍ଧରେ ଅବକାରୀ ନୀତି ମାମଲା ସମ୍ପର୍କରେ ସୋସିଆଲ ମିଡିଆରେ ଅପମାନଜନକ ପୋଷ୍ଟ କରିବା ପାଇଁ ଫୌଜଦାରୀ ଅବମାନନା ମାମଲା ଆରମ୍ଭ କରିଥିଲେ । ଜଷ୍ଟିସ ଶର୍ମା କହିଛନ୍ତି ଯେ, ଆଇନଗତ ପ୍ରତିକାର ନେବା ପରିବର୍ତ୍ତେ, ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ କେଜରିୱାଲ ତାଙ୍କୁ ବଦନାମ କରିବା ଉଦ୍ଦେଶ୍ୟରେ ସୋସିଆଲ ମିଡିଆରେ ଏକ ସୁସଂଗଠିତ ଅଭିଯାନ ଆରମ୍ଭ କରିଥିଲେ । ସେ ସ୍ପଷ୍ଟ କରିଛନ୍ତି ଯେ ସମସ୍ତ ଅଭିଯୁକ୍ତଙ୍କ ଦୋଷମୁକ୍ତକୁ ଚ୍ୟାଲେଞ୍ଜ କରି ସିବିଆଇର ଆବେଦନର ଶୁଣାଣି ଆଉ ଏକ ଖଣ୍ଡପୀଠ କରିବ । ବିଚାରପତି ଅଭିଯୁକ୍ତଙ୍କ ଦ୍ୱାରା ଅନେକ ସୋସିଆଲ ମିଡିଆ ପୋଷ୍ଟ ଉପରେ ଆପତ୍ତି ଉଠାଇଥିଲେ ।

ରାଜ୍ୟରେ ତୈଳ ସଂକଟ : ଯୋଗାଣ ସଚିବ

ଭୁବନେଶ୍ୱର, ୧୪/୫ (ଆ.ପ୍ର) : ରାଜ୍ୟରେ ନାହିଁ ତୈଳ ସଙ୍କଟ । ମହଜୁଦ ଅଛି ପର୍ଯ୍ୟାପ୍ତ ପରିମାଣର ତୈଳ । ଗୁଜବରେ ବିଶ୍ୱାସ ନ କରିବାକୁ ପରାମର୍ଶ ଦେଇଛନ୍ତି ଯୋଗାଣ ସଚିବ ସଞ୍ଜୟ ସିଂ । ମାତ୍ର ୨୦ରୁ ୨୨ଟି ପେଟ୍ରୋଲ ପମ୍ପରେ ତେଲ ନଥିବା ନଜର ଆସିଛି । ରାଜଧାନୀ ଭୁବନେଶ୍ୱର ଠାରୁ ଆରମ୍ଭ କରି ବାରିପଦା, ବଲାଙ୍ଗୀର ଓ ଗଞ୍ଜାମ ପର୍ଯ୍ୟନ୍ତ ସବୁଠି ପେଟ୍ରୋଲ ପମ୍ପ ଆଗରେ ଲମ୍ବା ଲାଇନ୍ । ରାଉରକେଲା, ବାଲେଶ୍ୱର, ଆସିକା, କଳାହାଣ୍ଡିରେ ତୈଳ ସଙ୍କଟର ପ୍ରଭାବ । ରାଜଧାନୀର କଳ୍ପନା ଛକ ଭଳି ପ୍ରମୁଖ ସ୍ଥାନରେ ପେଟ୍ରୋଲ ପମ୍ପ ବନ୍ଦ ରହିଥିବା ବେଳେ ଅନେକ ସ୍ଥାନରେ ଲମ୍ବା ଧାଡ଼ି ଦେଖିବାକୁ ମିଳିଛି । କଟକରେ ତେଲ ପାଇଁ ଅଧ କିଲୋମିଟର ଲମ୍ବା ଲାଇନ ଦେଖିବାକୁ ମିଳିଛି । ସେପଟେ ବଲାଙ୍ଗୀର ଜିଲ୍ଲାର ପ୍ରାୟ ୧୫ରୁ ଅଧିକ ପମ୍ପରେ ତେଲ ସରିଯାଇଥିବାରୁ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଆଜ ଏ ହେଉଛି ବିଭିନ୍ନ ସହରରେ ବାଇକ୍ ଓ ଚାରି ଚକିଆ ଯାନ ପାଇଁ ଅଘୋଷିତ ସୀମା ।" କଟକରେ ତେଲ ସରିଯିବା ଆଶଙ୍କାରେ ଲୋକମାନେ ଆବଶ୍ୟକତାଠାରୁ ଅଧିକ ପେଟ୍ରୋଲ ପକାଉଥିବା ଦେଖିବାକୁ ମିଳିଛି । ଏଥିପାଇଁ କୃତ୍ରିମ ଅଭାବ ସୃଷ୍ଟି ହେଉଥିବା ଗ୍ରାହକମାନେ ଅଭିଯୋଗ କରିଛନ୍ତି । ସମୁଦ୍ରକୁ ମାଛ ଧରିବାକୁ ଯାଉଥିବା ମତ୍ସ୍ୟଜୀବୀମାନେ ଛାନିଆ ହୋଇ ଜାରିକିନରେ ତେଲ ଭର୍ତ୍ତି କରିବା ପାଇଁ ଲମ୍ବା ଲାଇନ୍ ଲଗାଇଛନ୍ତି । ଭଞ୍ଜନଗରରେ ଏହି ସଙ୍କଟ ସମୟରେ କିଛି ଅସାଧୁ ବ୍ୟବସାୟୀ ସକ୍ରିୟ ହୋଇଉଠିଛନ୍ତି । ବଲାଙ୍ଗିର ଜିଲ୍ଲାର ଅନେକ ପେଟ୍ରୋଲ ପମ୍ପ ସମ୍ମୁଖରେ 'ନୋ ଷ୍ଟକ୍' ବୋର୍ଡ ଝୁଲୁଥିବା ଦେଖିବାକୁ ମିଳିଛି । ଫଳରେ ଦୂରଦୂରାନ୍ତରୁ ଆସୁଥିବା ଗାଡ଼ି ଚାଳକମାନେ ନିରାଶ ହୋଇ ଫେରୁଛନ୍ତି ।'' ସେପଟେ ରାଜ୍ୟରେ ତେଲର ସଂକଟ ନଥିବା କହିଛନ୍ତି ଯୋଗାଣ ସଚିବ ସଞ୍ଜୟ ସିଂ । ପ୍ରତିଦିନ ସ୍ଥିତିର ଭିଭ୍ୟୁ କରାଯାଉଛି । ମାତ୍ର ୨୦ରୁ ୨୨ଟି ପେଟ୍ରୋଲ ପମ୍ପରେ ତେଲ ନଥିବା ନଜର ଆସିଛି । ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ତୈଳ ମହଜୁଦ ଅଛି । ଗୁଜବରେ ବିଶ୍ୱାସ ନ କରିବାକୁ ସେ ପରାମର୍ଶ ଦେଇଛନ୍ତି । ଲୋକମାନେ ଛାନିଆ ହୋଇ ଅଧିକ ତେଲ କିଣୁଛନ୍ତି । ତେଲ କଳାବଜାରୀ କଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ । ସେପଟେ ଆଦୌ ଭୟଭୀତ ନ ହୋଇ ଗୁଜବକୁ ବିଶ୍ୱାସ ନ କରିବାକୁ ପରାମର୍ଶ ଦେଇଛନ୍ତି ଉତ୍କଳ ପେଟ୍ରୋଲିୟମ୍ ଡିଲର୍ ଆସୋସିଏସନ୍ ସମ୍ପାଦକ ସଞ୍ଜୟ ଲାଠ । ଓଡ଼ିଶାରେ ୧୫ ଦିନର ତେଲ ବର୍ତ୍ତମାନ ଷ୍ଟକ୍ ରହିଛି, ସାରା ଭାରତରେ ଅନ୍ୟୁନ ୨ ମାସର ତେଲ ମହଜୁଦ ରହିଛି ।'' ସେପଟେ କିନ୍ତୁ, ତୈଳ ସଙ୍କଟ ଯୋଗୁଁ ପ୍ରଭାବିତ ହୋଇଛି ଘରୋଇ ବସ୍ ଚଳାଚଳ । ରାଜ୍ୟରେ ୧୪ ହଜାର ଘରୋଇ ବସସ୍ ଚଳାଚଳ କରୁଥିବା ବେଳେ ଏବେ ପାଖାପାଖି ୨ ହଜାର ବସ୍ ବନ୍ଦ ହୋଇଗଲାଣି । ପେଟ୍ରୋଲ ପମ୍ପରେ ତେଲ ନ ମିଳିବା ଯୋଗୁଁ ବିଭିନ୍ନ ଜିଲ୍ଲାରୁ ଏବଂ ଗାଁ ଗହଳିରୁ ବସ୍ ଆସିପାରୁନାହିଁ । ଏଭଳି ସ୍ଥିତି ଲାଗି ରହିଲେ ୫/୬ ଦିନ ଭିତରେ ରାଜ୍ୟରେ ସମସ୍ତ ବସ୍? ଚଳାଚଳ ବନ୍ଦ ହୋଇଯିବ । ସରକାର ଏଥିପ୍ରତି ତୁରନ୍ତ ଧ୍ୟାନ ଦିଅନ୍ତୁ । ପବ୍ଲିକ ଟ୍ରାନ୍ସପୋର୍ଟ ଭାବରେ ବ୍ୟବହାର ହେଉଥିବା ଗାଡ଼ି ଗୁଡିକ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରି ପେଟ୍ରୋଲ ପମ୍ପ ଗୁଡିକରେ ତେଲ ଯୋଗାଇ ଦିଅନ୍ତୁ । ନଚେତ ଆଗକୁ ପରିସ୍ଥିତି ଉକ୍ଟ ହେବ ବୋଲି କହିଛନ୍ତି ଘରୋଇ ବସ୍ ମାଲିକ ସଂଘ ସମ୍ପାଦକ ଦେବେନ୍ଦ୍ର ସାହୁ । ରାଜ୍ୟରେ ଦେଖା ଦେଇଛି ଭୟଙ୍କର ତୈଳ ସଙ୍କଟ । ପେଟ୍ରୋଲ ପମ୍ପରେ ମିଳୁନାହିଁ ପେଟ୍ରୋଲ-ଡିଜେଲ୍ । ତେଲ ପକାଇବାକୁ ଆସି ପେଟ୍ରୋଲ ପମ୍ପରୁ ନିରାଶ ହୋଇଫେରୁଛନ୍ତି ସାଧାରଣ ଲୋକ ବୋଲି ଖବର ଆସୁଛି ।''

ବଙ୍ଗଳା ସ୍କୁଲରେ 'ବନ୍ଦେ ମାତରମ୍' ବାଧ୍ୟତାମୂଳକ

ନୂଆଦିଲ୍ଲୀ , ୧୪/୫(ନ୍ୟୁ.ଏ): ପଶ୍ଚିମବଙ୍ଗ ସରକାରଙ୍କ ସ୍କୁଲ ଶିକ୍ଷା ବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ଆଦେଶ ଜାରି କରି ରାଜ୍ୟର ସମସ୍ତ ସରକାରୀ ଏବଂ ସହାୟତାପ୍ରାପ୍ତ ବିଦ୍ୟାଳୟ ଗୁଡ଼ିକରେ ସକାଳ ପ୍ରାର୍ଥନାସଭା ସମୟରେ ଜାତୀୟ ଗୀତ 'ବନ୍ଦେ ମାତରମ୍' ଗାନ କରିବାକୁ ଅନିବାର୍ଯ୍ୟ କରିଛନ୍ତି । ଶିକ୍ଷା ବିଭାଗର ନିର୍ଦ୍ଦେଶ ଅନୁଯାୟୀ, ସ୍କୁଲ ଆରମ୍ଭ ସମୟରେ ଆୟୋଜିତ ହେଉଥିବା ପ୍ରାର୍ଥନା ସଭାରେ ପ୍ରତ୍ୟେକ ଛାତ୍ରଙ୍କୁ 'ବନ୍ଦେ ମାତରମ୍' ଗାନ କରିବାରେ ଅଂଶଗ୍ରହଣ କରିବାକୁ ପଡ଼ିବ । ଅନୁଷ୍ଠାନ ଗୁଡ଼ିକର ପ୍ରଧାନଶିକ୍ଷକ ଏବଂ ମୁଖ୍ୟମାନଙ୍କୁ ଏହି ଆଦେଶର ଦୃଢ଼ ଅନୁପାଳନ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆ ଯାଇଛି । ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଏହି ସୂଚନା ଦେଇ ଲେଖିଛନ୍ତି ଯେ, ପଶ୍ଚିମବଙ୍ଗ ସରକାର ପୂର୍ବର ସମସ୍ତ ଆଦେଶ ଏବଂ ପ୍ରଥାକୁ ରଦ୍ଦ କରି ଶିକ୍ଷା ବିଭାଗ ଅଧୀନରେ ଆସୁଥିବା ସମସ୍ତ ବିଦ୍ୟାଳୟରେ ଶ୍ରେଣୀ ଆରମ୍ଭ ପୂର୍ବରୁ ସ୍କୁଲ ସଭା-ପ୍ରାର୍ଥନା ସମୟରେ ଭାରତର ଜାତୀୟ ଗୀତ 'ବନ୍ଦେ ମାତରମ୍' ଗାଇବା ବାଧ୍ୟତାମୂଳକ କରିଛନ୍ତି । ଏହା ତତ୍କାଳ ପ୍ରଭାବରୁ ଲାଗୁ ହେବ । ଶିକ୍ଷା ନିର୍ଦ୍ଦେଶକ ମେ' ୧୩ ତାରିଖରେ ସମସ୍ତ ସରକାରୀ ଏବଂ ସହାୟତା ପ୍ରାପ୍ତ ସ୍କୁଲର ମୁଖ୍ୟ ମାନଙ୍କୁ ପତ୍ର ଲେଖି ସ୍ପଷ୍ଟ କରିଛନ୍ତି ଯେ, ସକାଳ ପ୍ରାର୍ଥନା ସଭାରେ ' ବନ୍ଦେ ମାତରମ୍ ' ଗାନ କରିବା ଅନିବାର୍ଯ୍ୟ ହେବ, ଯାହା ଫଳରେ ରାଜ୍ୟର ପ୍ରତିଟି ସ୍କୁଲରେ ସମସ୍ତ ପିଲା ଏହାକୁ ଗାଇ ପାରିବେ । ଅନ୍ୟପଟେ, ସ୍କୁଲ ଶିକ୍ଷା ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଜାତୀୟ ଗୀତର ଗାନ ପ୍ରାରମ୍ଭିକ ସଭାରେ ହେବ ଏବଂ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଏହାର କାର୍ଯ୍ୟକାରିତାର ସମ୍ପୂର୍ଣ୍ଣ ଦସ୍ତାବିଜ୍ ପ୍ରସ୍ତୁତ କରିବାକୁ ହେବ, ଯେଉଁଥିରେ ଭିଡିଓ ରେକର୍ଡିଂ ମଧ୍ୟ ସାମିଲ ରହିଛି । ସୂଚନାଯୋଗ୍ୟ ଯେ, କେନ୍ଦ୍ର ସରକାରଙ୍କ ଦ୍ୱାରା ଜାତୀୟ ପ୍ରତୀକ ଗୁଡ଼ିକ ପ୍ରତି ସମ୍ମାନ ବଢ଼ାଇବା ଦିଗରେ ନିଆଯାଇଥିବା ପଦକ୍ଷେପର କିଛି ସମୟ ପରେ ଏହି ନିଷ୍ପତ୍ତି ଆସିଛି । କେନ୍ଦ୍ର ସରକାର 'ରାଷ୍ଟ୍ରୀୟ ସମ୍ମାନର ଅପମାନ ପ୍ରତିରୋଧ ଅଧିନିୟମ, ୧୯୭୧' ରେ ସଂଶୋଧନ ପାଇଁ ପ୍ରସ୍ତାବ ରଖିଛନ୍ତି, ଯେଉଁଥିରେ 'ବନ୍ଦେ ମାତରମ୍ ' ଗାନରେ ବାଧା ସୃଷ୍ଟି କରିବା ଏକ ଦଣ୍ଡନୀୟ ଅପରାଧ ଶ୍ରେଣୀରେ ଆସିବ ।

ଜୁଲାଇ ପହିଲାରୁ ଓଡ଼ିଶାରେ ଏସଆଇଆର

ଭୁବନେଶ୍ୱର, ୧୪/୫ (ଆ.ପ୍ର) : ଆସନ୍ତା ଜୁଲାଇ ୧ରୁ ରାଜ୍ୟରେ Special Intensive Revision (SIR) ବା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ଆରମ୍ଭ ହେବ । ନିର୍ବାଚନ ଆୟୋଗ ଓଡ଼ିଶା ସମେତ ୧୬ଟି ରାଜ୍ୟ ଓ ୩ଟି କେନ୍ଦ୍ରଶାସିତ ଅଂଚଳରେ ଭୋଟର ତାଲିକାର ତୃତୀୟ ପର୍ଯ୍ୟାୟ ଏସଆଇଆର କାର୍ଯ୍ୟକ୍ରମ ଆରମ୍ଭ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି । ଏବେ ଜନଗଣନା ପାଇଁ ଚାଲିଥିବା ଘର ଗଣନା(ଏିକ୍ସଙ୍କସର ଖଙ୍କସହ- ସଭଣ) ପ୍ରକ୍ରିୟା ସହ ସମନ୍ୱୟ ରକ୍ଷା କରି ଏହି SIR ନିମନ୍ତେ ନିର୍ବାଚନ ଆୟୋଗଙ୍କ ଦ୍ୱାରା କାର୍ଯ୍ୟସୂଚୀ ନିର୍ଦ୍ଧାରଣ କରାଯାଇଛି । କେବଳ ପ୍ରତିକୂଳ ପାଣିପାଗ ଓ ଜନଗଣନାର ସ୍ଥିତିକୁ ଦୃଷ୍ଟିରେ ରଖି ହିମାଚଳ ପ୍ରଦେଶ, ଜମ୍ମୁ କାଶ୍ମୀର ଓ ଲଦାଖକୁ ଏହି ପର୍ଯ୍ୟାୟରୁ ବାଦ୍ ଦିଆଯାଇଥିବାବେଳେ ଓଡ଼ିଶାରେ ଏହି ଏସଆଇଆର ପ୍ରକ୍ରିୟାକୁ ବ୍ୟାପକସ୍ତରରେ କରିବା ନିମନ୍ତେ ପ୍ରାୟ ୩୮ହଜାରରୁ ଅଧିକ ବିଏଲଓ ଘରକୁ ଘର ଯାଇ ଯାଂଚ କରିବେ ବୋଲି ଜଣାପଡ଼ିଛି । ରାଜ୍ୟରେ ଏହି ଏସଆଇଆର ଅଭିଯାନ ନିମନ୍ତେ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତ କରାଯାଇଛି । ରାଜ୍ୟରେ ପ୍ରାୟ ୩୮୧୨୩ ଜଣ ବୁଥସ୍ତରୀୟ ଅଧିକାରୀ (BLO) ନିୟୋଜିତ ହୋଇଛନ୍ତି, ଯେଉଁମାନେ ସିଧାସଳଖ ଲୋକଙ୍କ ଘରକୁ ଯାଇ ଭୋଟରଙ୍କ ତଥ୍ୟ ଯାଂଚ କରିବେ । ଏହି ସରକାରୀ ପ୍ରକ୍ରିୟାରେ ସ୍ୱଚ୍ଛତା ରକ୍ଷା କରିବା ନିମନ୍ତେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ୨୭୭୨୩ ଜଣ ବୁଥସ୍ତରୀୟ ଏଜେଂଟ (BLA) ମଧ୍ୟ କ୍ଷେତ୍ରସ୍ତରରେ ସକ୍ରିୟ ରହିବେ । ନିର୍ବାଚନ ଆୟୋଗ ସମସ୍ତ ରାଜନୈତିକ ଦଳଙ୍କୁ ପ୍ରତ୍ୟେକ ବୁଥରେ ଜଣେ ଲେଖାଏଁ ବିଏଲଏ ନିଯୁକ୍ତ କରିବାକୁ ଅନୁରୋଧ କରିଛନ୍ତି, ଯାହାଦ୍ୱାରା କୌଣସି ଅଯୋଗ୍ୟ ଭୋଟର ତାଲିକାରେ ରହିବେ ନାହିଁ କିମ୍ବା କୌଣସି ଯୋଗ୍ୟ ଭୋଟର ପଞ୍ଜିକରଣରୁ ବାଦ୍ ପଡ଼ିବେ ନାହିଁ, ତାହା ସୁନିଶ୍ଚିତ ହୋଇପାରିବ । ନିର୍ବାଚନ ଆୟୋଗ(Election Commission)ଙ୍କ ଦ୍ୱାରା ଓଡ଼ିଶାରେ ଏହି ଏସଆଇଆର ନିମନ୍ତେ କାର୍ଯ୍ୟସୂଚୀ ଘୋଷଣା କରାଯାଇଛି । ଚଳିତ ମଇ ମାସ ୨୦ରୁ ୨୯ ତାରିଖ ମଧ୍ୟରେ କ୍ଷେତ୍ର କର୍ମଚାରୀଙ୍କୁ ପ୍ରଶିକ୍ଷଣ ଓ ଆନୁଷଙ୍ଗିକ ମୁଦ୍ରଣ କାର୍ଯ୍ୟ ଶେଷ କରାଯିବ । ମଇ ୩୦ରୁ ଜୁନ ୨୮ ତାରିଖ ପର୍ଯ୍ୟନ୍ତ ବିଏଲଓମାନେ ଘରକୁ ଘର ପରିଦର୍ଶନ କରି ତଥ୍ୟ ଯାଂଚ କରିବା ସହ ଜୁନ ୨୮ ସୁଦ୍ଧା ମତଦାନ କେନ୍ଦ୍ରଗୁଡ଼ିକର ଯୁକ୍ତିସଙ୍ଗତ ପୁନର୍ବିନ୍ୟାସ କାର୍ଯ୍ୟ ଶେଷ ହେବ । ଜୁଲାଇ ୫ ତାରିଖରେ ଡ୍ରାଫ୍ଟ ଭୋଟର ତାଲିକା ପ୍ରକାଶ ପାଇବ ଓ ଜୁଲାଇ ୫ରୁ ଅଗଷ୍ଟ ୪ତାରିଖ ପର୍ଯ୍ୟନ୍ତ ନାଗରିକମାନେ ସେମାନଙ୍କର ଦାବି କିମ୍ବା ଆପତ୍ତି ଦାଖଲ କରିପାରିବେ । ଜୁଲାଇ ୫ରୁ ସେପ୍ଟେମ୍ବର ୨ ତାରିଖ ସୁଦ୍ଧା ସମସ୍ତ ଆପତ୍ତି ଉପରେ ନିଷ୍ପତ୍ତି ନିଆଯିବ ଓ ସେପ୍ଟେମ୍ବର ୬ତାରିଖରେ ରାଜ୍ୟରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ ହେବ ବୋଲି କାର୍ଯ୍ୟସୂଚୀ ଚୂଡ଼ାନ୍ତ ହୋଇଛି । ଏହି ଏସଆଇଆର ପ୍ରକ୍ରିୟା ପାଇଁ ଯୋଗ୍ୟତା ତାରିଖ ୨୦୨୬ ଜୁଲାଇ ୧ ଧାର୍ଯ୍ୟ ହୋଇଛି । ଏହି ସମୟ ସୁଦ୍ଧା ୧୮ବର୍ଷ ପୂରଣ କରୁଥିବା ନୂଆ ଭୋଟରମାନେ ମଧ୍ୟ ନିଜ ନାମ ପଞ୍ଜିକରଣ କରିବାର ସୁଯୋଗ ପାଇପାରିବେ । ସୂଚନାଯୋଗ୍ୟ, ଦେଶରେ ଦୁଇଟି ପର୍ଯ୍ୟାୟରେ ୧୩ଟି ରାଜ୍ୟରେ ପ୍ରାୟ ୫୯ କୋଟି ଭୋଟରଙ୍କ ତଥ୍ୟ ସଫଳତାର ସହ ସଂଶୋଧିତ ହୋଇସାରିଥିବାବେଳେ ତୃତୀୟ ପର୍ଯ୍ୟାୟରେ ଓଡ଼ିଶା ସମେତ ଅନ୍ୟ ରାଜ୍ୟଗୁଡ଼ିକରେ ଏହି ଏସଆଇଆର କାର୍ଯ୍ୟ ସମ୍ପାଦନ ହେବ ।

ସୌମ୍ୟ ରଞ୍ଜନ ହତ୍ୟା: ମୁଖ୍ୟ ଅଭିଯୁକ୍ତ ରଞ୍ଜିତ ପାତ୍ର ଗିରଫ

କଟକ/ବାଲିଅନ୍ତା, ୧୪/୫ (ଆ.ପ୍ର) : ସୌମ୍ୟରଞ୍ଜନଙ୍କୁ ପିଟିପିଟି ହତ୍ୟା ମାମଲା ମୁଖ୍ୟ ଅଭିଯୁକ୍ତ ଗିରଫ । ଅଭିଯୁକ୍ତ ହେଲେ ରଞ୍ଜିତ ପାତ୍ର । କଟକ ସଦର ଥାନା ଗଙ୍ଗେଶ୍ୱରପୁରରୁ ଗିରଫ କରିଛି କ୍ରାଇମବ୍ରାଂଚ । ଆହତ ସୌମ୍ୟାଞ୍ଜନର ମୁଣ୍ଡକୁ କାଠ ପଟିଆରେ ଆକ୍ରମଣ କରିଥିଲା ଅଭିଯୁକ୍ତ ରଞ୍ଜିତ । ତାପରେ ତାର ହାତଗୋଡ଼କୁ ଏକ ବାଉଁଶ ସାହାଯ୍ୟରେ ବାନ୍ଧି ଦିଆଯାଇଥିଲା । ରଞ୍ଜିତ କୁ ମିଶାଇ ମୋଟ୍ ୧୩ ଜଣ ଗିରଫ ହୋଇଛନ୍ତି । ସୂଚନାଯୋଗ୍ୟ, ସୌମ୍ୟରଞ୍ଜନଙ୍କୁ ପିଟିପିଟି ହତ୍ୟା ଘଟଣାରେ କ୍ରାଇମବ୍ରାଂଚ ଟିମ୍ ସୌମ୍ୟରଞ୍ଜନଙ୍କ ବନ୍ଧୁ କଟକ ଜିଲ୍ଲା ଓଲଟପୁର ଥାନା ମଉଜପୁରର ଓମ୍‌ପ୍ରକାଶ ରାଉତଙ୍କୁ ଜେରା କରିଥିଲା । ଓମ୍‌ଙ୍କ ବୟାନ ଅନୁଯାୟୀ, ୭ ତାରିଖରେ ଓମ୍ ଏକ ଦୁଇଚକିଆ ଗାଡ଼ିରେ ଓଲଟପୁରରୁ ଭୁବନେଶ୍ୱର ଆଡ଼କୁ ଆସୁଥିଲେ । ସାଙ୍ଗରେ ସୌମ୍ୟରଞ୍ଜନ ଅଛିଥିଲେ । କାଜ ବ୍ରିଜ୍ ନିକଟରେ ସୌମ୍ୟରଞ୍ଜନ ଘରେ ପର୍ସ ଛାଡ଼ି ଆସିଥିବା ଓମ୍‌ଙ୍କୁ କହିଥିଲେ । ଗାଡ଼ି ବୁଲାଇ ଘରକୁ ଯିବାକୁ କହିବାରୁ ଓମ୍ ଗାଡ଼ି ବୁଲାଇ ପ୍ରାୟ ୧୦୦ ମିଟର ଅସିବା ପରେ ହଠାତ୍ ସୌମ୍ୟ ଓମ୍‌ଙ୍କ ଦୁଇ କାନ୍ଧକୁ ଦୁଇ ହାତରେ ପଛକୁ ଭିଡ଼ି ଦେଇଥିଲେ ।

ସୁଧୀର ପ୍ରଧାନଙ୍କ ମୁଖ୍ୟ ହତ୍ୟାକାରୀଙ୍କୁ ଗିରଫ କଲା ଟିକାବାଲି ପୋଲିସ

ଟିକାବାଲି, ୧୪/୫ (ଆ.ପ୍ର) : ଟିକାବାଲି ଥାନାର ବପଲମେଣ୍ଡିର-ଏଲ, ଗ୍ରାମପଂଚାୟତ ଅନ୍ତର୍ଗତ ଅଡିମାରୀ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟି ଥିବା ଦେଖିବାକୁ ମିଳିଛି ଓ ସୂଚନା ଅନୁସାରେ ଗତ ତା-୦୯/୦୫/୨୦୨୬ ରିଖ ଦିନ ସୁଧୀର ପ୍ରଧାନ(୫୮)ଙ୍କୁ ନିଜ ଭାଇ ଶ୍ରୀମୁଖୀ ପ୍ରଧାନ(୩୫)ଏବଂ ପୁତୁରା ନରେଶ ପ୍ରଧାନ(୩୦) ମଦ୍ୟପାନ କରି ଏକ ଆଳବେଷ୍ଟକୁ କେନ୍ଦ୍ର କରି ପାରିବାରିକ କଳହରୁ ଏକ କାଠରେ ଆକ୍ରମଣ କରିଥିଲେ, ଯାହାରୀ ଫଳରେ ସୁଧୀର ଗୁରୁତର ଅସୁସ୍ଥ ହୋଇଥିଲେ ଓ ସୁଧୀରଙ୍କ ସ୍ତ୍ରୀ ତାଙ୍କ ସ୍ୱାମୀ ସୁଧୀରଙ୍କୁ ଟିକାବାଲି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣି ଚିକିତ୍ସା କରାଇ ଘରକୁ ଫେରାଇ ନେଇଥିଲେ ଓ ଆଜି ତା-୧୩/୦୫/୨୦୨୬ ରିଖ ଦିନ ସେ ପୁଣି ଗୁରୁତ୍ୱର ହେବାରୁ ଖଜୁରୀପଡା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଭର୍ତି କରିଥିଲେ ଓ ସେଠାରେ ସୁଧୀରର ସ୍ୱାସ୍ଥ୍ୟ ଅବସ୍ଥା ଅତି ଗୁରୁତ୍ୱର ହେବାରୁ ଡାକ୍ତର ତାଙ୍କୁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଇଥିଲେ ଓ ସୁଧୀରର ସ୍ତ୍ରୀ କିଛି ଟଙ୍କା ପଇସା ଯୋଗାଡ଼ କରିବା ଉଦ୍ଦେଶ୍ୟରେ ନିଜ ଗ୍ରାମ ବପଲମେଣ୍ଡି-ଏଲ ର ଅଡିମାରୀ ଦେଇ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟ କୁ ନେଉଯାଉଥିବା ସମୟରେ ବାଉସୁଣୀ ନାଳ ନିକଟରେ ତାଙ୍କର ମୃତ୍ୟୁ ହୋଇଥିଲା ଓ ଏନେଇ ମୃତ ସୁଧୀର ସ୍ତ୍ରୀ ଦୁଲାନୀ ପ୍ରଧାନ ଟିକାବାଲି ଥାନାରେ ତାଙ୍କ ସ୍ୱାମୀଙ୍କୁ ଆକ୍ରମଣ ବିଷୟ ଲିଖିତ ଅଭିଯୋଗ କରିଥିଲେ ଓ ଟିକାବାଲି ପୋଲିସ ଘଟଣା ସ୍ଥଳରେ ପହଂଚି ମୃତ ଦେହ ଜବତ କରିବା ସହ, ଏକ ମାମଲା ୧୦୪/୨୬ ରେ ରେଜିଷ୍ଟ କରି ମୃତ ଦେହକୁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠେଇଥିଲେ ଓ ନିୟୁକ୍ତ ଲେଖିବା ପର୍ଯ୍ୟନ୍ତ ଶବ ବ୍ୟବଛେଦ ହୋଇନଥିବା ଏବଂ ଏପର୍ଯ୍ୟନ୍ତ ଅଭିଯୁକ୍ତ ମାନଙ୍କୁ ଥାନାରେ ଅଟକ ରଖିନଥିବା ଏଥି ସହ ଏମାମଲାର ଅଧିକ ତଦନ୍ତ ଚାଲିଥିବା ଥାନା ଅଧିକାରୀ ସମିର କୁମାର ବେହେରା ସୂଚନା ଦେଇଛନ୍ତି ।

ବିକଶିତ ଭାରତ ପାଇଁ ପ୍ରୋଜେକ୍ଟ ପଏଂଟର ଜାତୀୟ ଯୁବ ନେତୃତ୍ୱ କାର୍ଯ୍ୟକ୍ରମ ଅନୁଷ୍ଠିତ

ଖୋର୍ଦ୍ଧା, ୧୪/୫ (ଆ.ପ୍ର) : ସାମାଜିକ ଅନୁଷ୍ଠାନ ପ୍ରୋଜେକ୍ଟ ପଏଂଟ ଓଡିଶା ଓ ମୋ ଭାରତ, ଯୁବ କାର୍ଯ୍ୟ ଓ କ୍ରୀଡା ମନ୍ତ୍ରଣାଳୟ, ଭାରତ ସରକାରଙ୍କ ସହଯୋଗରେ ଦିନିକିଆ ଜାତୀୟ ଯୁବ ନେତୃତ୍ୱ କର୍ମଶାଳା ନୂଆଦିଲ୍ଲୀର ବିଶ୍ୱ ଯୁବକ କେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଭାରତର ୨୩ଟି ରାଜ୍ୟରୁ ୧୨୪ ଜଣ ଯୁବ ପ୍ରତିଭାଗୀ ଏବଂ ନେପାଳ, ବାଂଲାଦେଶ ଓ ଶ୍ରୀଲଙ୍କାରୁ ୧୮ ଜଣ ଆନ୍ତର୍ଜାତୀୟ ପ୍ରତିନିଧି ଯୋଗଦେଇ ଜାତୀୟ ଯୁବ ନୀତି, ଯୋଜନା ଓ ଅଧିକାର ବିଷୟରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମର ଆରମ୍ଭରେ ଯୁବ ସଦସ୍ୟମାନଙ୍କ ପରିଚୟ ସହ ଆନୁଷ୍ଠାନିକ ଉଦଘାଟନ କରାଯାଇଥିଲା । ପ୍ରୋଜେକ୍ଟ ପଏଂଟର ଅଧ୍ୟକ୍ଷ ଡଃ ସଂଗ୍ରାମ କେଶରୀ ସାମନ୍ତରାୟ ସ୍ୱାଗତ ଭାଷଣ ରଖି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ରୂପରେଖା ବିଷୟରେ ଉଲ୍ଲେଖ କରିଥିଲେ । ସମ୍ମାନିତ ଅତିଥି ଭାବେ ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ସଚିବ ଶ୍ରୀ ନିହାର ରଞ୍ଜନ ଦାସ ଯୁବମାନଙ୍କୁ ମୂଳ ସ୍ତରରେ କାମ କରି ବ୍ୟକ୍ତିତ୍ୱ ଗଠନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ବିଶ୍ୱ ଯୁବକ କେନ୍ଦ୍ର, ନୂଆଦିଲ୍ଲୀର ସିଇଓ ଶ୍ରୀ ଉଦୟ ଶଙ୍କର ସିଂ ଜାତୀୟ ଯୁବ ନେତୃତ୍ୱ ଓ ସାଂସ୍କୃତିକ ସମନ୍ୱୟ ଉପରେ ତଥ୍ୟାଧାରିତ ମତ ପ୍ରକାଶ କରିଥିଲେ । ମୁଖ୍ୟ ଅତିଥି ଭାବେ ଶ୍ରୀଲଙ୍କାର ହାଇ କମିଶନର ସୁଶ୍ରୀ ମହିଶିନି କୋଲୋନେ ପ୍ରୋଜେକ୍ଟ ପଏଂଟର ଆନ୍ତର୍ଜାତୀୟ ପଦକ୍ଷେପକୁ ସ୍ୱାଗତ ଜଣାଇ ଏହାକୁ ଏକ ଉଦାହରଣ ଭାବେ ବର୍ଣ୍ଣନା କରିଥିଲେ । କାର୍ଯ୍ୟକ୍ରମକୁ ପ୍ରୋଜେକ୍ଟ ପଏଂଟର ଯୁବ ସମ୍ପାଦକ ସୁଶ୍ରୀ ଶୁଭଲକ୍ଷ୍ମୀ ଦାସ ପରିଚାଳନା କରିଥିଲେ ଓ ଗ୍ଲୋବାଲ ରିପୋର୍ଟ ଉନ୍ମୋଚନ କରାଯାଇଥିଲା । ବିଭିନ୍ନ କ୍ଷେତ୍ରରେ ଅବଦାନ ରଖିଥିବା ଯୁବମାନଙ୍କୁ ଜାତୀୟ ଯୁବ ସମ୍ମାନ ପ୍ରଦାନ କରାଯାଇଥିଲା । ନୀତି ଆୟୋଗର ପ୍ରକଳ୍ପ ନିର୍ଦ୍ଦେଶକ ଡଃ ପ୍ରଭାକର ସାହୁ ଜାତୀୟ ଯୁବ ନୀତି ଓ ନିୟମାବଳୀ ବିଷୟରେ ଆଲୋଚନା କରିଥିଲେ । ସେହିପରି, ହ୍ୟୁମାନସ ଅଫ୍ ଇନୋଂଟିୟରିଂ ଓ ସୋସିଆଲ ଆକ୍ସନ ମୋବିଲାଇଜରର ପ୍ରତିନିଧିମାନେ ଯୁବ ନେତୃତ୍ୱ ଓ ସେବାମୂଳକ କାର୍ଯ୍ୟରେ ସଂଗଠନମାନଙ୍କ ଭୂମିକା ଉପରେ ମତ ରଖିଥିଲେ । ଦ୍ୱିତୀୟ ସେସନରେ ଆନ୍ତର୍ଜାତୀୟ ସମ୍ପର୍କ ଓ ବେସରକାରୀ ସଂଗଠନମାନଙ୍କ ଭୂମିକା ଉପରେ ଆଲୋଚନା ହୋଇଥିଲା, ଯେଉଁଠାରେ ମହେନ୍ଦ୍ର ପାଲ ସିଂ, ନିହାର ରଞ୍ଜନ ଦାସ, ଶୋଭା କପୁର ଓ ଶ୍ରୁତ ରଏ ତାଙ୍କ ମତାମତ ରଖିଥିଲେ ଓ ତୃତୀୟ ସେସନରେ 'ମାଇ ଭାରତ – ବିକଶିତ ଭାରତ ଯୁବ ଡାଏଲଗ୍' ଉପରେ ସୁଶ୍ରୀ ଦିବ୍ୟାଶ୍ରି ସେଶାଦ୍ରିଡ ପରିଚାଳନା କରିଥିଲେ । ଏଥିରେ ଜାତୀୟ ସେବା ଯୋଜନାର ଅଧିକାରୀମାନେ ଯୁବ ନେତୃତ୍ୱ ଓ ଲୋକତନ୍ତ୍ରର ଭୂମିକା ବିଷୟରେ ଆଲୋଚନା କରିଥିଲେ । ଶେଷରେ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ସହଯୋଗରେ ଶ୍ରୀଲଙ୍କା ଯୁବ ସାଂସ୍କୃତିକ ପ୍ରଦର୍ଶନ, ଓଡ଼ିଶୀ ନୃତ୍ୟ, ଡିଜମ୍ ବାଦ୍ୟ ବାଦନ ଓ ମହାରାଷ୍ଟ୍ରର ଦେଉଳୀ ନୃତ୍ୟ ପରିବେଷଣ କରାଯାଇଥିଲା ଓ ସମସ୍ତଙ୍କୁ ଧନ୍ୟବାଦ ଜଣାଇ କାର୍ଯ୍ୟକ୍ରମର ସମାପନ କରାଯାଇଥିଲା ।

ରାୟଗଡା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ଆଇନ ସଚେତନତା କାର୍ଯ୍ୟକ୍ରମ

ରାୟଗଡ଼ା, ୧୪/୫ (ଆ.ପ୍ର) : ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରା ଜଜ୍ ଶ୍ରୀ ଦାମୋଦର ରଥଙ୍କ ପରାମର୍ଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ଶ୍ରୀ ସୁବ୍ରତ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅଦ୍ୟ ତା ୧୩.୦୫.୨୦୨୬ ରିଖ ବୁଧବାର ଅପରାହ୍ନ ୫.୦୦ ସମୟରେ ସ୍ଥାନୀୟ କୁମଟେଲପେଣ୍ଠା ଗ୍ରାମ ପଂଚାୟତ ପରିସରରେ ଜାତୀୟ ଆଇନ ସେବା ପ୍ରାଧିକରଣର ଟୋଲଫ୍ରି ନମ୍ବର, ଅନଲାଇନ ଠିକଣା ଓ ରାଜ୍ୟ ଆଇନ ସେବା ପ୍ରାଧିକରଣ ଦ୍ୱାରା ପ୍ରଦାନ କରାଯାଉଥିବା ବିଭିନ୍ନ ସହାୟତା ଉପରେ ଏକ ଆଇନ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଓ ଅନ୍ୟ ପ୍ରମୁଖ ଅତିଥି ମାନଙ୍କ ମଧ୍ୟରେ ରାୟଗଡା ବାର ଆସୋସିଏସନର ଆଇନଜୀବି ଶ୍ରୀ ଚନ୍ଦନ ହରେନ୍ଦ୍ର ନାଥ, ଶ୍ରୀ କିଶୋର କୁମାର ସାହୁ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଫ୍ରଂଟ ଅଫିସ ରିଟେନର ଶ୍ରୀ ସୁକାନ୍ତ ଦାସ, କୁମଟେଲପେଣ୍ଠା ଗ୍ରାମ ପଂଚାୟତର ସରପଂଚ, ପି.ଇ.ଓ, ସମିତି ସଭ୍ୟ ଓ ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ ଓ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ଶ୍ରୀ ସୁବ୍ରତ ଆଚାର୍ଯ୍ୟ ନିଜର ବକ୍ତବ୍ୟରେ ଜାତୀୟ ଆଇନ ସେବା ପ୍ରାଧିକରଣର ଟୋଲଫ୍ରି ନମ୍ବର, ଅନଲାଇନ ରେ କେମିତି ନିଜର ଅଭିଯୋଗ ଦାଖଲ କରିବା ତାହା ଜନସାଧାରଣଙ୍କୁ ଜଣାଇଥିଲେ ଓ ବିଭିନ୍ନ ଅସୁବିଧା ସମୟରେ ଏହାର ସୁବିଧା ନେବା ପାଇଁ କହିଥିଲେ ଓ ସେହିପରି ଉପସ୍ଥିତ ଥିବା ଅନ୍ୟ ଆଇନଜୀବି ନିଜର ବକ୍ତବ୍ୟରେ ସରକାରଙ୍କ ତରଫରୁ ଉପଲବ୍ଧ ଥିବା ବିଭିନ୍ନ ଜନ କଲ୍ୟାଣକାରୀ କାର୍ଯ୍ୟକ୍ରମ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ ଓ କାର୍ଯ୍ୟକ୍ରମ ପରିଶେଷରେ ଏକ ଖୋଲା ଆଲୋଚନାରେ ଉପସ୍ଥିତ ଅତିଥିମାନେ ଅଂଶଗ୍ରହଣକାରୀ ମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ ଓ ପରିଶେଷରେ ଶ୍ରୀ ସୁକାନ୍ତ ଦାସ ଉପସ୍ଥିତ ଅତିଥିମାନଙ୍କୁ ଧନ୍ୟବାଦ ପ୍ରଦାନ କରିବା ସହିତ ନିଜର ବକ୍ତବ୍ୟରେ ବିଭିନ୍ନ ଅସୁବିଧା ସମୟରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ର ଦ୍ୱାରସ୍ଥ ହେବା ପାଇଁ ସମସ୍ତ ଜନସାଧାରଣ ମାନଙ୍କୁ ବୁଝାଇଥିଲେ ଓ ସର୍ବୋପରି ଏହି କାର୍ଯ୍ୟକ୍ରମରେ କୁମଟେଲପେଣ୍ଠା ଗ୍ରାମ ପଂଚାୟତ ର ସମସ୍ତ ଜନସାଧାରଣ ଓ ମାନ୍ୟବର ଅତିଥି ମାନଙ୍କର ଉପସ୍ଥିତି ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀ ସୁବ୍ରତ ଆଚାର୍ଯ୍ୟଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ସଫଳତାର ସହିତ ଶେଷ ହୋଇଛି ।

'ପ୍ରମାଣ ପତ୍ର' ପାଇଁ କୋଇଡା ଶିକ୍ଷା ବ୍ଲକରେ ୫୫୫ ବିଦ୍ୟାର୍ଥୀଙ୍କ ଭବିଷ୍ୟତ ଅନ୍ଧାର ହେବ କି !

ବଣାଇଁ, ୧୪/୫ (ଆ.ପ୍ର) : ଶିକ୍ଷା ହେଉଛି ଶିଶୁ ମାନଙ୍କର ଭବିଷ୍ୟତର ଚାବି କାଠି କାଗଜ ଅଭାବରୁ କୌଣସି ଶିଶୁର ସ୍ୱପ୍ନ ଭଙ୍ଗ ହେବା ଉଚିତ ନୁହେଁ । ଏଥିପାଇଁ ସରକାର ପ୍ରତିଟି ବିଦ୍ୟାଳୟରୁ ବଂଚିତ ନହେବା ପାଇଁ ଅଙ୍ଗନବାଡି, ବାଲବାଟିକା ପରି ଅଭିଯାନ ଚଳାଉଥିବା ବେଳେ କୋଇଡା ବ୍ଲକର ବାସ୍ତବ ଚିତ୍ର କିଛି ଅଲଗା କହୁଛି । ଏଠାରେ କିଛି କାଗଜପତ୍ରର ଅଭାବ ହିଁ ପିଲାଙ୍କ ଭବିଷ୍ୟତ ପାଇଁ ପ୍ରାଚୀର ସାଜିଛି । କେବଳ ଆଧାର କାର୍ଡ ଏବଂ ଜନ୍ମ ପ୍ରମାଣ ପତ୍ର ନଥିବାରୁ କୋଇଡ଼ା ବ୍ଲକର ପ୍ରାୟ ୧୫ଟି ପଂଚାୟତରେ ୫୫୫ ଜଣ ଶିଶୁ ବିଦ୍ୟାର୍ଥୀ ଶିକ୍ଷା କ୍ଷେତ୍ରରେ ବଂଚିତ ହେବାକୁ ଯାଉଛନ୍ତି ଏବଂ ତାଙ୍କ ଭବିଷ୍ୟତ ଅନ୍ଧାର ବୋଲି ମନେହେଉଛି । ତଥ୍ୟ ଅନୁଯାଇ କୋଇଡା ବ୍ଲକ ରେ ଥିବା ୧୦୯ ଅଙ୍ଗନବାଡି, ୪୨ ଶିଶୁବାଟିକା ଏବଂ ପାଖା ପାଖି ସମସ୍ତ ବିଦ୍ୟାଳୟ ମିଶାଇ ୫୫୫ ଜଣକ ଛାତ୍ର ଛାତ୍ରୀଙ୍କ ଆଧାର ସମସ୍ୟାର ସମ୍ମୁଖୀନ ହୋଇଛନ୍ତି । ଯେଉଁଥିରେ ଛାତ୍ର ସଂଖ୍ୟା ୩୧୨ ଏବଂ ଛାତ୍ରୀ ସଂଖ୍ୟା ୨୪୩ ଅଛନ୍ତି ।ସବୁଠାରୁ ବଡ଼ ସମସ୍ୟା ହେଉଛି ଜନ୍ମ ପ୍ରମାଣ ପତ୍ରର ଅଭାବ । ପ୍ରାୟ ୩୬୫ ଜଣ ଶିଶୁଙ୍କ ପାଖରେ ଜନ୍ମ ପ୍ରମାଣ ପତ୍ର ନାହିଁ, ଯେଉଁଥି ପାଇଁ ସେମାନଙ୍କର ଆଧାର କାର୍ଡ ହୋଇପାରୁ ନାହିଁ । ସେହିପରି ଅର୍ଥାଭାବ ଯୋଗୁଁ ୫୮ ଜଣ ଶିଶୁଙ୍କ ଅଭିଭାବକ ଆଧାର ଫି' ପୈଠ କରିବାକୁ ଅସମର୍ଥ ହେଉଛନ୍ତି । ସହାୟକ ଦଲିଲ୍ (ଝଙ୍କକୁକୁକ୍ସଚାସରଣ ଉକ୍ସମଙ୍କ-ଛଗରଭଚ୍ଛ) ନଥିବା ଶିଶୁ ସଂଖ୍ୟା ୫୭ । ବାୟୋମେଟ୍ରିକ୍ ଏବଂ ଆଖି ଆଙ୍ଗୁଠି ସମସ୍ୟା ସଂଖ୍ୟା ୨୩ । ଆଧାର ରସିଦ ହଜିଯିବା ସଂଖ୍ୟା ୨୮ । ଅନେକ ସମୟରେ ଆଧାର ପାଇଁ ଆବେଦନ କରାଗଲେ ମଧ୍ୟ ତାହା ଖାରଜ ହୋଇଯାଉଛି ମୋବାଇଲ୍ ନମ୍ବର ଲିଙ୍କ ନଥିବାରୁ ସମସ୍ୟା ବଢୁଛି । ସବୁଠାରୁ ଆଶ୍ଚର୍ଯ୍ୟ କଥା ଦୁଇ ଜଣ ପିତାମାତାଙ୍କ ପାଖରେ ନିଜସ୍ୱ ଆଧାର କାର୍ଡ ନାହିଁ ଏବଂ ଜଣକ ପାଖରେ ବଂଶଗତ ପ୍ରମାଣ ପତ୍ର ନାହିଁ । ସରକାରୀ ନିୟମ ଅନୁଯାୟୀ, ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନାମ ଲେଖାଇବା ପାଇଁ କୌଣସି ପ୍ରମାଣ ପତ୍ର ବାଧ୍ୟତାମୂଳକ ନୁହେଁ । ପିଲାଙ୍କ ନାମ ଲେଖା ଶେଷ ହେବା ପରେ ବିଦ୍ୟାଳୟ ପକ୍ଷରୁ ସେମାନଙ୍କ ପ୍ରସ୍ତୁତିରେ ସାହାଯ୍ୟ କରିବା କଥା କିନ୍ତୁ ଯେପରି ଲାଗୁଛି କୋଇଡ଼ା ବ୍ଲକ ଶିକ୍ଷା ଅଧିକାରୀ ଏହି ବିଷୟରେ ଅବଗତ ନାହାନ୍ତି । ଏଠି ପ୍ରଶ୍ନ ଉଠୁଛି, ଯେଉଁଠି ଶିକ୍ଷାରୁ ବଂଚିତ ନ ହେବା ପାଇଁ ସରକାର ପୋଷାକ, ବହି ଓ ମଧ୍ୟାହ୍ନ ଭୋଜନ ମାଗଣା ଯୋଗାଇ ଦେଉଛନ୍ତି ସେଠାରେ କେବଳ ଏକ କାଗଜ ପାଇଁ ବିଦ୍ୟାର୍ଥୀ ଭବିଷ୍ୟତ ଶିକ୍ଷାରୁ କାହିଁକି ବଂଚିତ ହେବେ ! ସ୍ଥାନୀୟ ଦୂରଦୃଷ୍ଟି ଚିନ୍ତାଧାରା ଲୋକଙ୍କ କହିବା ଅନୁଯାଇ ଏହି ସଂକଟର ସମାଧାନ ପାଇଁ ତହସିଲ ପ୍ରଶାସନ,ଶିକ୍ଷା ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଏବଂ ଆଧାର କେନ୍ଦ୍ରର ଏକ ମିଳିତ ଟିମ୍ ଗଠନ କରି ୧୫ଗୋଟି ପଂଚାୟତରେ ସ୍ୱତନ୍ତ୍ର କ୍ୟାମ୍ପ ଆୟୋଜନ କରିବା କଥା । ଯାହା ଦ୍ୱାରା ୫୫୫ ଶିଶୁଙ୍କ ଶିକ୍ଷାରେ ଲାଭବାନ ହୋଇପାରନ୍ତେ ।

ସମସ୍ତଙ୍କ ସାହାର୍ଯ୍ୟ ସହଯୋଗ ରହିଲେ ବଣାଇଁ ସ୍ୱଚ୍ଛ ସହରେ ପରିଣତ ହୋଇପାରିବ : ଉପଜିଲ୍ଲାପାଳ

ବଣାଇଁ, ୧୪/୫ (ଆ.ପ୍ର) : ବଣାଇଁ ସହରକୁ ସ୍ୱଚ୍ଛ ଓ ସୁନ୍ଦର ନଗରୀ ଭାବେ ଗଢ଼ି ତୋଳିବା ଲକ୍ଷ୍ୟରେ ବଣାଇଁ ପ୍ରଶାସନ ପକ୍ଷରୁ ଉପଜିଲ୍ଲାପାଳ ଅଶୋକ କୁମାର ଦାସଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଆଇଟିଡିଏ ସମ୍ମିଳନୀ କକ୍ଷରେ ସ୍ୱଚ୍ଛତା ଓ ପରିଚ୍ଛନ୍ନତା ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକର ମୁଖ୍ୟ ଲକ୍ଷ୍ୟ ଥିଲା 'ସ୍ୱଚ୍ଛ ବଣାଇଁ ଏବଂ ସୁସ୍ଥ ବଣାଇଁ । ଏହି ବୈଠକରେ ବିଡିଓ ଦିବ୍ୟାଶଙ୍କର ଜୟପୁରିଆ, ତହସିଲଦାର ସମିତ ଦାଶ, ଡେପୁଟି କଲେକ୍ଟର ସ୍ୱାଗତିକା ବଳପତି, ସହକାରୀ ଜିଲ୍ଲାପାଳ କୁନମଣି ଧଳ, ସହକାରୀ ନିର୍ବାହୀ ଯନ୍ତ୍ରୀ ଗୌତମ ନାୟକ, ଜିଲ୍ଲା ପରିଷଦ ସଭ୍ୟ ରାମଚନ୍ଦ୍ର ସାହୁ, ସରପଂଚ ନମିତା ନାଗ, ପଂଚାୟତ ନିର୍ବାହୀ ଅଧିକାରୀ ରୋମିଓ ରଞ୍ଜନ ପ୍ରଧାନଙ୍କ ସମେତ ବଣାଇଁର ବିଭିନ୍ନ ସଂଗଠନ ସଦସ୍ୟ ବୃନ୍ଦ, ସାମ୍ବାଦିକ ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ । ବୈଠକରେ ସହରର ବର୍ତ୍ତମାନ ସ୍ୱଚ୍ଛତା ବ୍ୟବସ୍ଥା, ଆବର୍ଜନା ସଂଗ୍ରହ ଓ ପରିଚାଳନା, ନାଗରିକ ସଚେତନତା ଓ ପ୍ଲାଷ୍ଟିକ ବର୍ଜ୍ୟ ନିୟନ୍ତ୍ରଣ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ବୈଠକରେ ନିଷ୍ପତ୍ତି ନିଆଯାଇଛି ଯେ ଜୁନ୍ ୧ ତାରିଖରୁ ବଣାଇଁଗଡ଼ ସହରର ୧୬ଟି ୱାର୍ଡରେ ସ୍ୱଚ୍ଛତା ଗାଡ଼ି ନିୟମିତ ଭାବେ ବୁଲି ଘରୋଇ ଓ ବ୍ୟବସାୟିକ ଅବର୍ଜନା ସଂଗ୍ରହ କରିବ । ଏହାସହ ଏହି ମାସରେ ୱାର୍ଡ ଭିତ୍ତିକ ସପ୍ତାହବ୍ୟାପୀ ସଚେତନତା କାର୍ଯ୍ୟକ୍ରମ ଡାକବାଜି ଯନ୍ତ୍ର ମାଧ୍ୟମରେ କରାଯିବ । ସ୍ୱଚ୍ଛତା ବ୍ୟବସ୍ଥା ସୁଚାରୁ ରୂପେ ଚଳାଇବା ପାଇଁ ପ୍ରତ୍ୟେକ ଘର ପିଛା ମାସିକ ୫୦ ଟଙ୍କା, ଛୋଟ ଦୋକାନ ପିଛା ୧୫୦ ଟଙ୍କା, ବଡ଼ ଦୋକାନ ପିଛା ୨୦୦ ଟଙ୍କା ଏବଂ ସରକାରୀ କାର୍ଯ୍ୟାଳୟ ପିଛା ୨୦୦ ଟଙ୍କା ଆଦାୟ କରାଯିବାକୁ ନିଷ୍ପତ୍ତି ହୋଇଛି । ଏହାର ତଦାରଖ ପାଇଁ ସରକାରୀସ୍ତରରେ ଏକ ସ୍ୱଚ୍ଛତା କମିଟି ଗଠନ କରାଯିବ । ଏହା ସହ ସ୍ୱଚ୍ଛତା ନିୟମ ଉଲଂଘନ କରୁଥିବା ବ୍ୟକ୍ତିଙ୍କଠାରୁ ୨୦୦ ଟଙ୍କା ଜରିମାନା ଆଦାୟ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି । ଉପଜିଲ୍ଲାପାଳଙ୍କ ଏଭଳି ପଦକ୍ଷେପକୁ ବଣାଇଁ ଅଂଚଳର ବିକାଶ ଦିଗରେ ଏକ ନୂତନ ଆରମ୍ଭ ବୋଲି ସାଧାରଣ ଲୋକମାନେ ମତ ପ୍ରକାଶ ପାଇଛି ।

ରାୟଗଡ଼- ଜିସିଡି ହାଇସ୍କୁଲ ପଡିଆରେ ସିଏମ୍ ଟ୍ରଫି ୨୦୨୬ ଓଡ଼ିଶା କ୍ରୀଡ଼ା ମହାକୁମ୍ଭ

ରାୟଗଡ, ୧୪/୫ (ଆ.ପ୍ର) : ସି ଏମ୍ ଟ୍ରଫି ୨୦୨୬ ଓଡ଼ିଶା କ୍ରୀଡ଼ା ମହାକୁମ୍ଭ ପ୍ରତିଭା ଅନେକ, ଲକ୍ଷ୍ୟ ଏକ ପଡ଼ିଆରୁ ପୋଡ଼ିୟମ ଅନ୍ତଃ ଜିଲ୍ଲା - ଫୁଟବଲ, ଖୋ-ଖୋ, କବାଡି ଏବଂ ଭଲିବଲ ଚାମ୍ପିୟନ୍ ସିପ୍ -୨୦୨୬, ଆୟୋଜକ ଜିଲ୍ଲା ପ୍ରଶାସନ ରାୟଗଡ଼ା କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା ସରକାର ତାରିଖ-୧୪/୦୫/୨୦୨୬ରୁ୨୦/୦୫/୨୦୨୬, ସ୍ଥାନ: ସିଏମ୍ ଶ୍ରୀ ଜି ସି ଡି ହାଇସ୍କୁଲ ପଡିଆ, ରାୟଗଡ଼ ଠାରେ ଉଦ୍ ଘାଟିତ ହୋଇଯାଇଛି । ଏଥିରେ ରାୟଗଡ଼ ବିଧାୟକ କାଡ୍ରାକା ଆପଲ ସ୍ୱାମୀ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଶ୍ରୀ ବିଦ୍ୟାଧର ଶବର, ସମ୍ମାନିତ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷ ମଞ୍ଜୁଳା ମିନି ଆକା, ମୁଖ୍ୟ ବକ୍ତାରୂପେ ରାୟଗଡ଼ ଅତିରିକ୍ତ ଜିଲାପାଳ ଶ୍ରୀ ନବୀନ ଚନ୍ଦ୍ର ନାୟକ, ଏଡ୍ ରୋକେଟ ଏକ୍ସ ଫୁଟବଲ ସମ୍ପାଦକଗୁରୁ ଶ୍ରୀଚକ୍ରଧର ପଟ୍ଟନାୟକ ଯୋଗଦାନ କରି, ପ୍ରତି ଯୋଗୀ ମାନଙ୍କୁ ଅଭିଭାଷଣ ମାଧ୍ୟମରେ ଉତ୍ସାହିତ କରିଥିଲେ । ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ଶେଖ୍ ଆଲେନୁ ଅଭିଭାଷଣ ପ୍ରଦାନ କରିଥିବା ବେଳେ, ଇନ୍ ଚାର୍ଜ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧି କାରୀ ଶ୍ରୀ ଧନଞ୍ଜୟ ବେହେରା ସମସ୍ତଙ୍କୁ ଧନ୍ୟ ବାଦ ଅର୍ପଣ କରିଥିଲେ । ଶେଷରେ ବିଧାୟକ ଖେଳ ପଡ଼ିଆକୁ ଯାଇ ଫୁଟବଲ, ଖୋ ଖୋ, କବାଡି, ଏବଂ ଭଲି ବଲ୍ ଖେଳ, ଫିତା କାଟି ଖେଳ ଆରମ୍ଭ କରି ଥିଲେ । ଏହି ଖେଳରେ ଜିଲ୍ଲାର ସମସ୍ତ ପିଇଟି ମାନେ ଯୋଗଦାନ କରିଥିଲେ ।

ଭାରତୀୟ ମଜଦୁର ସଂଘର ଜିଲ୍ଲା କାର୍ଯ୍ୟକରେଣି ବୈଠକ ଅନୁଷ୍ଠିତ

ନବରଙ୍ଗପୁର, ୧୪/୫ (ଆ.ପ୍ର) : ଭାରତୀୟ ମଜଦୁର ସଂଘ ନବରଙ୍ଗପୁର ଜିଲ୍ଲାର କାର୍ଯ୍ୟକାରେଣି ବୈଠକ ବିଏମଏସ କାର୍ଯ୍ୟାଳୟ ନୀଳକଣ୍ଠଗୁଡା ଠାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ରାଜ୍ୟ ସଂଗଠନ ସମ୍ପାଦକ ଶ୍ରୀ ଲକ୍ଷ୍ମଣ ଦାସ ସଂମ୍ମାନିତ ଅତିଥି ଭାବେ ରାଜ୍ୟ ସମ୍ପାଦକ ଶ୍ରୀ ବିଶ୍ୱ ରଞ୍ଜନ ସାହା ନବରଙ୍ଗପୁର ଜିଲ୍ଲା ଭାରତୀୟ ମଜଦୁର ସଂଘ ଉପଦେଷ୍ଟା ଶ୍ରୀ ପରମେଶ୍ୱର ବିଷୋୟୀ ଯୋଗ ଦେଇଥିଲେ । ନବରଙ୍ଗପୁର ଜିଲ୍ଲା ରେ ଭାରତୀୟ ମଜଦୁର ସଂଘ କୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଉପଦେଶ ଦେଇଥିଲେ । ବିଭିନ୍ନ ସଂଗଠନ ମାନଙ୍କ ଅଭ୍ୟାସ ବର୍ଗ ଏବଂ ସମ୍ମିଳନୀ କରିବା ପାଇଁ ନିଷ୍ପତ୍ତି କରାଯାଇଥିଲା । ଓଡିଶା ରାଜ୍ୟ ଆଶା କର୍ମୀ ସଂଘର ଜିଲ୍ଲା ସମ୍ମିଳନୀ ତା ୧୮/୦୫/୨୦୨୬ ସ୍ଥିର କରାଯାଇ ଥିବା ବେଳେ ଆସନ୍ତା ଅଗଷ୍ଟ ୨୦ ତାରିଖରେ ଓଡିଶା ରାଜ୍ୟ ଆଶା କର୍ମୀ ସଂଘ ନବରଙ୍ଗପୁର ଜିଲ୍ଲାର ଅଭ୍ୟାସ ବର୍ଗ କରାଯିବା ନିଷ୍ପତ୍ତି ନିଆଯାଇଥିଲା । ବିଶ୍ୱ କର୍ମା ମଜଦୁର ସଂଘ ଜିଲ୍ଲା ସମ୍ମିଳନୀ ଜୁଲାଇ ୧୨ ତାରିଖ ରେ ହେବା, କୃଷି ଗ୍ରାମୀଣ ମଜଦୁର ସଂଘ ଜିଲ୍ଲା ସମ୍ମିଳନୀ ଜୁଲାଇ ୧୯ ତାରିଖ ରେ ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ମଜଦୁର ସଂଘ ର ଜିଲ୍ଲା ସମ୍ମିଳନୀ ଅଗଷ୍ଟ ୨ ତାରିଖ ରେ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଓଡିଶା ଅଙ୍ଗନବାଡି ଲେଡ଼ିଜ ୱାର୍କସ ଆସୋସିଏସନ, ଓଡିଶା ରାଜ୍ୟ ଆଶା କର୍ମୀ ସଂଘ, ମେଡିକାଲ କର୍ମଚାରୀ ସଂଘ ର ବିଭିନ୍ନ ସମସ୍ୟା ଓ ତାର ସମାଧାନ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ସଂଗଠନ ସମ୍ପାଦକ ଶ୍ରୀ ଦାସ ସଂଘକୁ ଆହୁରି ମଜଭୁତ କରାଯାଇ ପାରିବ ସେଥିପାଇଁ ସମସ୍ତେ ମିଳି ମିଶି କାର୍ଯ୍ୟ କରିବାକୁ ପରାମର୍ଶ ଦେଇ ଥିବା ବେଳେ ସମ୍ପାଦକ ଶ୍ରୀ ସାହା ଓଡିଶାର କେଉଁଠି ବି ଜିଲ୍ଲା କାର୍ଯ୍ୟାଳୟ ନ ଥିବା ବେଳେ ନବରଙ୍ଗପୁର ଜିଲ୍ଲାରେ ନିଜସ୍ୱ କାର୍ଯ୍ୟାଳୟ ଥିବାରୁ ପ୍ରସଂଶା କରିଥିଲେ । ଉପଦେଷ୍ଟା ଶ୍ରୀ ବିଷୋୟୀ ସଂଗଠନକୁ କିଭଳି ବ୍ଲକ ଜିଲ୍ଲା ସ୍ତରରେ ମଜଭୂତ କରି ହେବ ମତ ବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମ କୁ ଭାରତୀୟ ମଜଦୁର ସଂଘ ସମ୍ପାଦକ ଶ୍ରୀ ବିଷ୍ଣୁ ପ୍ରସାଦ ବିଷୋୟୀ ପରିଚାଳନା କରିଥିଲେ । ଏଥିରେ ପ୍ରାୟ ଦଶ ଗୋଟି ସଂଗଠନ ରୁ କର୍ମକର୍ତ୍ତା ଯୋଗ ଦେଇଥିଲେ ।

ବାର୍ଷିକ ଉତ୍ସବ ନିମନ୍ତେ କଳସ ଶୋଭାଯାତ୍ରା



ଦଶପଲ୍ଲା, ୧୪/୫ (ଆ.ପ୍ର) : ଦଶପଲ୍ଲା ବ୍ଲକ ଶିମିଳିସାହି ପଂଚାୟତ ଅନ୍ତର୍ଗତ ଦେଢ଼ଶର ଠାରେ ବାବା କପିଳେଶ୍ୱର ମହାଦେବଙ୍କ ଚତୁର୍ଥ ବାର୍ଷିକ ଉତ୍ସବ ପାଳନ ଅବସରରେ ଗୁରୁବାର ଦିନ ବିଶାଳ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଆରାଧ୍ୟଦେବୀ ମା' ଶୁଳୁକୁଟୀଙ୍କ ପୀଠ ପାର୍ଶ୍ୱରେ ପ୍ରବାହିତ କୁଆଁରିଆ ନଦୀପଠାରୁ ଜଳଧାରଣ କରି ଭକ୍ତମାନେ ଶୋଭାଯାତ୍ରାରେ ବାହାରି ବାବା କପିଳେଶ୍ୱର ପୀଠସ୍ଥଳରେ ପହଂଚିଥିଲେ । ଏହି ଶୋଭାଯାତ୍ରାରେ ବହୁ ଭକ୍ତ ଓ ଶ୍ରଦ୍ଧାଳୁ ସାମିଲ୍ ହୋଇଥିଲେ । ଅନୁଷ୍ଠିତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ବିଧାୟକ ରମେଶ ଚନ୍ଦ୍ର ବେହେରା, ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଉପେନ୍ଦ୍ର କୁମାର ସାହୁ, ଜିଲ୍ଲା ପରିଷଦ ସଭ୍ୟ ବସନ୍ତ ପ୍ରଧାନ ଓ ହରିଶ୍ଚନ୍ଦ୍ର ଜାନିଙ୍କ ସମେତ ବହୁ ସରପଂଚ, ସମିତିସଭ୍ୟ, କାଉନସିଲର ଓ ଜନସାଧାରଣ ଯୋଗ ଦେଇଥିଲେ ।

ରଟିଙ୍ଗିଆ ପଂଚାୟତକୁ ରାସ୍ତା ମରଣାଯନ୍ତା ପାଲଟିଛି, ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ଗ୍ରାମବାସୀ ହନ୍ତସନ୍ତ

ଜି.ଉଦୟଗିରି, ୧୪/୫ (ଆ.ପ୍ର) : କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକ ରଟିଙ୍ଗିଆ ପଂଚାୟତକୁ ସଂଯୋଗ ହୋଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ନିର୍ମିତ ହେବାକୁ ଥିବା ଶ୍ରୀରାମପଦା ଠାରୁ ଗ୍ରେସିଙ୍ଗିଆ ପର୍ଯ୍ୟନ୍ତ ଖାଲ ଖମାରେ ପରିପୂର୍ଣ୍ଣ ୧୧ କିଲୋମିଟର ଲମ୍ବ ରାସ୍ତା ବିଗତ ଦେଢ଼ ବର୍ଷ ବିତିଗଲା କିନ୍ତୁ କାର୍ଯ୍ୟ ଆରମ୍ଭ ହୋଇପାରୁନଥିବା ନେଇ ଅସନ୍ତୋଷ ଦେଖାଦେଇଛି ।ରାସ୍ତା ସମସ୍ୟା ନେଇ ପଂଚାୟତବାସୀ ବ୍ଲକ ପ୍ରଶାସନ ଠାରୁ ଆରମ୍ଭ କରି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀ, ଜିଲ୍ଲା ପ୍ରଶାସନ ଓ ଜନପ୍ରତିନିଧି ମାନଙ୍କୁ ଏହି ସମସ୍ୟା ବିଷୟରେ ଅଂଚଳବାସୀ ଲିଖିତ ଅଭିଯୋଗ କରିବା ସହ ବହୁଥର ଜିଲ୍ଲାପାଳଙ୍କ ଜନଶୁଣାଣି କାର୍ଯ୍ୟକ୍ରମରେ ଲିଖିତ ଦାବି ଜଣାଇଛନ୍ତି ହେଲେ ତାହାର ଫଳ କେବଳ ମିଛ ପ୍ରତିଶ୍ରୁତି ହିଁ ମିଳୁଥିବା ନେଇ ଅଂଚଳବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ବିଭାଗୀୟ ଅଧିକାରୀଙ୍କ ଅବହେଳା ସହ ଜିଲ୍ଲା ପ୍ରଶାସନର ନୀରବତା ଯୋଗୁଁ ଅଂଚଳବାସୀ କ୍ଷୁବ୍ଧ ଥିବା ବେଳେ ଉକ୍ତ ରାସ୍ତା ସମସ୍ୟା ନେଇ ଗୁରୁବାର ଦିନ ଅଂଚଳବାସୀ ଏକତ୍ରିତ ହୋଇ ସମସ୍ୟା ସମାଧାନ ନେଇ ଆଲୋଚନା କରିଛନ୍ତି । ଏହି ରାସ୍ତା ଦେଇ ପ୍ରତିଦିନ ଶତାଧିକ ଲୋକେ ଯାତାୟତ କରୁଥିବା ବେଳେ ୧୫ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ନିର୍ଭର କରୁଥିବା ଏକମାତ୍ର ରାସ୍ତା ମରଣଯନ୍ତା ପାଲଟିଛି । ଏହି ରାସ୍ତା ଦେଇ ଶତାଧିକ ଛାତ୍ରୀଛାତ୍ର ଜି.ଉଦୟଗିରିକୁ ସ୍କୁଲ କଲେଜ ଯାତାୟାତ କରୁଥିବାବେଳେ ବହୁ ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି । ସେହି ପରି ସାଧାରଣ ରୋଗୀ ହେଉ କିମ୍ବା ଗର୍ଭବତୀ ମହିଳାଙ୍କ ଚିକିତ୍ସା ପାଇଁ ଏହି ରାସ୍ତାରେ କୌଣସି ଯାନବାହାନ ଯିବାକୁ ଭୟ କରୁଛନ୍ତି କାଳେ କିଛି ଅସୁବିଧା ହୋଇଯିବ । ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ଚିଠି ଆଧାରରେ ଗତ ୩୧ ମାର୍ଚ୍ଚରେ କାର୍ଯ୍ୟ ଶେଷ ହେବା ଦର୍ଶାଇ ଥିବାବେଳେ ଆଜି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ । କେବଳ କାଗଜ କଲମରେ କାର୍ଯ୍ୟ ହୋଇଥିବା ନେଇ ଲୋକଙ୍କ ମଧ୍ୟରେ ଉତେଜନା ସୃଷ୍ଟି ହୋଇଛି ।ଗ୍ରାମବାସୀ ଏହି ଘଟଣାକୁ ନେଇ ୧୬ ଏପ୍ରିଲରେ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଏହି ସମସ୍ୟା ସମ୍ବନ୍ଧରେ ଲିଖିତ ଦାବୀ ଉପସ୍ଥାପନ କରିଥିବା ବେଳେ ପୁନର୍ବାର ମିଛ ପ୍ରତିଶ୍ରୁତିକୁ ଦୋହରାଇଥିଲେ ବିଭାଗୀୟ ଅଧିକାରୀ । ପ୍ରଶାସନ ଦେଇଥିବା ପ୍ରତିଶ୍ରୁତିର ଏକ ମାସ ପୂରଣ ହୋଇଥିବା ବେଳେ କୌଣସି କାମ ହୋଇନଥିବାରୁ ଅଂଚଳବାସୀ ଗୁରୁବାର ପୁଣି ବୈଠକରେ ଆଲୋଚନା କରି ରାସ୍ତା ସମସ୍ୟାର ସମାଧାନ ପାଇଁ ଚରମ ପଦକ୍ଷେପ ଗ୍ରହଣ କରିଥିବା ସୂଚନା ମିଳିଛି । ରାସ୍ତା ସମସ୍ୟା କୁ ଅଂଚଳର ମୁଖ୍ୟ ସମସ୍ୟା ଭାବେ ଅଂଚଳବାସୀ ଗ୍ରହଣ କରି ପ୍ରଶାସନ ବିରୋଧରେ ଆନ୍ଦୋଳନ ପନ୍ଥା ଆପଣେଇଥିବା ଦେଖାଦେଇଛି । ବାରମ୍ବାର ମିଛ ପ୍ରତିଶ୍ରୁତି ଅସହ୍ୟ କରି ନ ପାରି ଶେଷରେ ରାଜରାସ୍ତାକୁ ଓହ୍ଲାଇ ସମ୍ପୂର୍ଣ୍ଣ ଭାବେ ରାସ୍ତା ରୋକ କରିବାକୁ ନିଷ୍ପତ୍ତି ନେଇଥିବା କହିଛନ୍ତି ଗାଁ ମହିଳା ପୁରୁଷ । ଆସନ୍ତା ଜୁନ ମାସ ୧୫ ସୁଦ୍ଧା ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ନ ହେଲେ ଏହି ଚରମ ପଦକ୍ଷେପ ନେବାକୁ ବାଧ୍ୟ ହେବୁ ବୋଲି ମତ ପ୍ରକାଶ କରିଛନ୍ତି ଅଂଚଳବାସୀ । ଏନେଇ ଗ୍ରାମ୍ୟ ଉନ୍ନୟନ ଯନ୍ତ୍ରୀ କହିଛନ୍ତି ଆସନ୍ତା ଏକ ମାସ ମଧ୍ୟରେ ରାସ୍ତା ନିର୍ମାଣ କରାଯିବ । ରଟିଙ୍ଗିଆ ସାଧାରଣ ନାଗରିକ କମିଟିର ଆୟୋଜନରେ ଅନୁଷ୍ଠିତ ଏହି ବୈଠକରେ ସରପଂଚ ବିଶ୍ୱଦେବ ପ୍ରଧାନ ନେତୃତ୍ୱ ନେଇଥିବା ବେଳେ ନାଏବ ସରପଂଚ ସାବକା ପ୍ରଧାନ, ସମାଜସେବୀ ହୃଷିକେଶ ପ୍ରଧାନ, ଏମବିକେ ଡି. ସବନମ, ସଦାନନ୍ଦ ନାୟକ, ସୁଯୋଗାନନ୍ଦ ପ୍ରଧାନ, ବିଦ୍ୟାସାଗର ପ୍ରଧାନ, କାପୁରା ନାୟକ, ଦମ୍ପିକା ନାୟକଙ୍କ ସମେତ ଅଂଚଳର ନେତୃତ୍ୱବୃନ୍ଦ ଯୁବ ଗୋଷ୍ଠୀ, ନାରୀନେତ୍ରୀ ମାନେ ଯୋଗ ଦେଇ ମତାମତ ରଖିଥିଲେ ।

ଆରମ୍ଭ
SEITHO ARAMBHA

ଶୁକ୍ରବାର, ୧୫ ମଇ, ୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

ନୀଳଗିରୀ ବିଜ୍ଞାପିତ ଅଂଚଳ ପରିଷଦ ପକ୍ଷରୁ ଗୋଶାଳା ନିମନ୍ତେ ଶୁଭ ଭିତି ପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ

ନୀଳଗିରି, ୧୪/୦୫(ଆ.ପ୍ର) : ଅଦ୍ୟ ପୂର୍ବାହ୍ନ ଘ.୮.୩୦ ମି.ସମୟରେ ନୀଳଗିରି ବିଜ୍ଞାପିତ ଅଂଚଳ ପରିଷଦ ଅନ୍ତର୍ଗତ ୪ନଂ ୱାର୍ଡ ମିରିଗିଣି ସ୍ଥିତ ଖପରାବଣିଆଁ ଠାରେ ଏକ ଗୋଶାଳା ନିର୍ମାଣ ପାଇଁ ଶୁଭ ଭିତି ପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱରର ମାନ୍ୟବର ଲୋକସଭା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିବାବେଳେ ଅନ୍ୟାନ୍ୟ ବରେଣ୍ୟ ସମ୍ମାନୀତ ଅତିଥି ଗଣଙ୍କ ମଧ୍ୟରେ ମାନ୍ୟବର ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ, ସ୍ଥାନୀୟ ଉପଜିଲ୍ଲାପାଳ ଶୁଭଶ୍ରୀ ରଥ, ଏନ୍ଏସି ଭାର ପ୍ରାପ୍ତ ଅଧକ୍ଷ ମହେନ୍ଦ୍ର ନାଥ ବେହେରା, ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡ଼ା, ଉପଖଣ୍ଡ ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ: ଶୁଭାଶିଷ ମହାପାତ୍ର, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ସମସ୍ତ ୱାର୍ଡର କାଉନସିଲର, ଉକ୍ତ ଅଂଚଳର ବୁଦ୍ଧିଜୀବି, ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ । ଏ ଅଂଚଳରେ ଗୋମାତା ଗୋ ସମ୍ପଦର ସୁରକ୍ଷା ଏବଂ ସଂରକ୍ଷଣ ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ ଗୋଶାଳା ନିର୍ମାଣ କରିବା ପାଇଁ ଏନ୍ଏସି ପକ୍ଷରୁ ଜାଗା ଚିହ୍ନଟ ବା ନିରୂପଣ କରାଯାଇଥିଲା । ଏହା ମିରିଗିଣିସ୍ଥିତ ଖପରା ବଣିଆ ଠାରେ ୩ ଏକରରୁ ଊର୍ଦ୍ଧ୍ୱ ଜମିରେ ପ୍ରଥମ ପର୍ଯ୍ୟାୟରେ ୨୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଗୋଶାଳାର ଶୁଭ ଭିତି ପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଠାରେ ଗୋସମ୍ପଦର ରକ୍ଷଣା ବେକ୍ଷଣା ପାଇଁ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥାକୁ ତ୍ୱରାନିତ କରାଯିବା ଉପରେ ଉଭୟ ମାନ୍ୟବର ବାଲେଶ୍ୱର ସାଂସଦ ଶ୍ରୀ ଷଡ଼ଙ୍ଗୀ ଏବଂ ସ୍ଥାନୀୟ ମାନ୍ୟବର ବିଧାୟକ ଶ୍ରୀ ଖଟୁଆ ସ୍ୱତନ୍ତ୍ର ଦୃଷ୍ଟି ଦେବେ ବୋଲି କହିଥିଲେ । ଏହି ଗୋଶାଳାର କଳେବରକୁ ସରକାରଙ୍କ ପକ୍ଷରୁ ଅନୁଦାନ ମିଳିଲେ ପର୍ଯ୍ୟାୟ କ୍ରମେ ବଢ଼ା ଯାଇ ପାରେ ବୋଲି ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ପରିଡ଼ାଙ୍କ ପକ୍ଷରୁ ସୂଚନା ମିଳିଛି ।

ପଶ୍ଚିମବଙ୍ଗରେ ସରକାର ପରିବର୍ତନକୁ ନେଇ ନାନୋବାସ୍ତୁବିଦ୍ ଇଂ. ପ୍ରଦୀପ ପଟ୍ଟନାୟକଙ୍କ ଭବିଷ୍ୟବାଣୀ ଚର୍ଚ୍ଚାରେ

ବାଲେଶ୍ୱର, ୧୪/୦୫(ଆ.ପ୍ର) : ଚଳିତ ବର୍ଷ ମାର୍ଚ୍ଚ ୩ ତାରିଖରେ ସଂଘଟିତ ଚନ୍ଦ୍ରଗ୍ରହଣର ପ୍ରଭାବକୁ ନେଇ ନନ୍ଦିଘୋଷ ଟିଭିରେ ଆୟୋଜିତ ଏକ ଲାଇଭ୍ ଆଲୋଚନା ଚକ୍ରରେ ବିଶିଷ୍ଟ ଜ୍ୟୋତିର୍ବିଦ୍, ମହାକାଶ ବିଜ୍ଞାନୀ ଓ ଗବେଷକମାନେ ଯୋଗ ଦେଇଥିଲେ । ଏହି ଆଲୋଚନାରେ ବାଲେଶ୍ୱରସ୍ଥିତ ଇନ୍ଦ୍ରା ବାସ୍ତୁ ଇନଷ୍ଟିଚ୍ୟୁଟର ପ୍ରତିଷ୍ଠାତା, ସଂସ୍କୃତି ଗବେଷକ ଏବଂ ନାନୋବାସ୍ତୁବିଦ୍ ଇଞ୍ଜିନିୟର ପ୍ରଦୀପ ପଟ୍ଟନାୟକ ମଧ୍ୟ ଅଂଶଗ୍ରହଣ କରିଥିଲେ । ଚନ୍ଦ୍ରଗ୍ରହଣର ପ୍ରଭାବ ସମ୍ପର୍କିତ ଏକ ପ୍ରଶ୍ନର ଉତର ଦେଇ ଇଂ. ପଟ୍ଟନାୟକ ଗୌତମ ମୁନିଙ୍କ 'ସଂହିତା ବିଚାର'ରୁ ଏକ ସଂସ୍କୃତ ଶ୍ଳୋକ ଉଦ୍ଧୃତ କରି ପଶ୍ଚିମବଙ୍ଗରେ ସରକାରୀ ପରିବର୍ତନ ହେବାର ସମ୍ଭାବନା ବ୍ୟକ୍ତ କରିଥିଲେ । ସାମ୍ପ୍ରତିକ ରାଜନୈତିକ ପରିସ୍ଥିତିକୁ ନେଇ ତାଙ୍କର ଏହି ଭବିଷ୍ୟବାଣୀ ଏବେ ବ୍ୟାପକ ଚର୍ଚ୍ଚାର ବିଷୟ ପାଲଟିଛି । ଏହା ପୂର୍ବରୁ ମଧ୍ୟ ୨୦୨୨ ମସିହା ନଭେମ୍ବର ୮ ତାରିଖରେ ଚନ୍ଦ୍ରଗ୍ରହଣକୁ ନେଇ ନନ୍ଦିଘୋଷ ଟିଭିରେ ପ୍ରସାରିତ ଅନ୍ୟ ଏକ ଲାଇଭ୍ କାର୍ଯ୍ୟକ୍ରମରେ ସେ ଦକ୍ଷିଣ ଭାରତ, ବିଶେଷକରି କର୍ଣ୍ଣାଟକରେ ରାଜନୈତିକ ପରିବର୍ତନର ସମ୍ଭାବନା ନେଇ ମତ ପ୍ରକାଶ କରିଥିଲେ, ଯାହା ପରବର୍ତୀ ସମୟରେ ସତ୍ୟ ପ୍ରମାଣିତ ହୋଇଥିବା କୁହାଯାଉଛି । ଉଲ୍ଲେଖଯୋଗ୍ୟ ଯେ, ଇଂ. ପଟ୍ଟନାୟକ ବାଲେଶ୍ୱରର ନୂଆସାହିସ୍ଥିତ ଓଲା ଶୋ'ରୁମର ଉପର ମହଲାରେ ଏକ ନାନୋବାସ୍ତୁ ପାଠଶାଳା ସ୍ଥାପନ କରିଛନ୍ତି । ଏଠାରେ ସେ ନାନୋବାସ୍ତୁ ଓ ଆଧୁନିକ ବାସ୍ତୁ ବିଷୟରେ ଶିକ୍ଷା ପ୍ରଦାନ କରିବା ସହ ସାଧାରଣ ଲୋକଙ୍କୁ ଜାତକ ପରାମର୍ଶ ଓ ପ୍ରତିକାର ସେବା ଯୋଗାଇ ଆସୁଛନ୍ତି ।

ଭୋଗରାଇର ସ୍ୱାସ୍ଥ୍ୟ ସେବାକୁ ନେଇ ସମୀକ୍ଷା ବୈଠକ

ଭୋଗରାଇ, ୧୪/୦୫(ଆ.ପ୍ର) : ପ୍ରାୟ ସାଢ଼େ ତିନି ଲକ୍ଷରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଭୋଗରାଇ ବ୍ଲକରୁ ଜିଲ୍ଲା ସଦର ମହକୁମାଠାରୁ ପ୍ରାୟ ୧୦୦ କି.ମି. ଦୂରରେ ଅବସ୍ଥିତ । ଏହି ବ୍ଲକରେ ଦୁଇଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ୯ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ରହିଛି । ଉନ୍ନତ ମାନର ଚିକିତ୍ସା ପାଇଁ ଲୋକଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଭଳି ଅଧିକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ ବାରମ୍ବାର ଦାବି କରି ଆସୁଛନ୍ତି । ମାତ୍ର ନୂତନ ସରକାର ଏପର୍ଯ୍ୟନ୍ତ କିଛି ଆଖିଦୃଶିଆ ପଦକ୍ଷେପ ନେଇ ନାହାନ୍ତି । ତେଣୁ ଆଜି ପୁନର୍ବାର ବାଲେଶ୍ୱର ସର୍କିଟ ହାଉସରେ ବିଧାୟକ ଶ୍ରୀ ଦାସଙ୍କ ନେତୃତ୍ୱରେ ସିଡିଏମଓ, ଡିପିଏମ୍, ଏନଏଚ୍ଏମ୍‌ର ସହକାରୀ ଯନ୍ତ୍ରୀ ଓ ବିଭାଗୀୟ ଅନ୍ୟ ଅଧିକାରୀମାନଙ୍କୁ ନେଇ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ତାହା ସହିତ ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ରଙ୍କ ଉପସ୍ଥିତିରେ ଜଳେଶ୍ୱରପୁର ଓ କମର୍ଦ୍ଦା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଭିନ୍ନ ଚିକିତ୍ସା ସୁବିଧା ସଂପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ମୁଖ୍ୟତଃ ଜଳେଶ୍ୱରପୁର ସିଏଚସିର ବିଭିନ୍ନ ବିଭାଗକୁ ନୂଆ ବିଲଡିଂକୁ ସ୍ଥାନାନ୍ତର, ନୂତନ ଅଲଟ୍ରାସାଉଣ୍ଡ ମେସିନ, ଡାଏଲିସିସ୍ ସେଂଟର ସ୍ଥାପନ, ନୂତନ ପୋଷ୍ଟ ମର୍ଟମ୍ ଗୃହ ନିର୍ମାଣ, ସିଏଚସି ଓ ପିଏଚ୍‌ସି ଗୁଡ଼ିକର ଭିତିଭୂମି ବିକାଶ ପାଇଁ ଆସିଥିବା ଅର୍ଥର ସୁବିନିଯୋଗ ଏବଂ ଜଳେଶ୍ୱରପୁର ସିଏଚସିକୁ ୬୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ କରିବାକୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବାକୁ ସ୍ଥିର ହୋଇଥିଲା ।

ଅଳଙ୍କୃତ ଇଗ୍ନାଇଟ୍ ୨୦୨୬ କାର୍ଯ୍ୟକ୍ରମରେ ଅର୍ଚ୍ଚିଶାଙ୍କ ଚମତ୍କାର ସଫଳତା

ବାଲେଶ୍ୱର, ୧୪/୦୫(ଆ.ପ୍ର) : ଯୁବ ସୃଜନଶୀଳ ପ୍ରତିଭା ଅର୍ଚ୍ଚିଶା (ରୋଲି) ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଆୟୋଜିତ 'ଅଳଙ୍କୃତ ଇଗ୍ନାଇଟ୍ ୨୦୨୬' କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ଅଧିକାର କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ବିଶ୍ୱବିଦ୍ୟାଳୟ ସ୍ତରରେ ପ୍ରଥମଥର ପାଇଁ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମ ଏହାକୁ ଆହୁରି ଗୁରୁତ୍ୱପୂର୍ଣ୍ଣ କରିଥିଲା । କାର୍ଯ୍ୟକ୍ରମ ସମୟରେ ଦ୍ୱାରା ବ୍ଲକ୍-ବାଇ-ବ୍ଲକ୍ ସୃଜନଶୀଳ ପ୍ରତିଯୋଗିତାରେ ଅର୍ଚ୍ଚିଶା ନିର୍ଣ୍ଣାୟକ ଭୂମିକାରେ ଥିଲେ ଓ ପ୍ରତିଭାଗୀମାନଙ୍କୁ ବେଶ୍ ପ୍ରଭାବିତ କରିଥିଲେ । ନିର୍ଦ୍ଧାରିତ ସମୟ ମଧ୍ୟରେ ଏହି ଚ୍ୟାଲେଞ୍ଜରେ ସଠିକତା, ଧୈର୍ଯ୍ୟ, ଗତି ଓ ସୃଜନଶୀଳ ଚିନ୍ତନର ଆବଶ୍ୟକତା ଥିଲାବେଳେ ଅର୍ଚ୍ଚିଶା ଏହାକୁ ସଫଳତାର ସହିତ ସମ୍ପନ୍ନ କରିଥିଲେ । ଚାପପୂର୍ଣ୍ଣ ପରିସ୍ଥିତି ଓ ଯାଉଥିବା ଡାନ୍ସ ଚ୍ୟାଲେଞ୍ଜକୁ ଆତ୍ମବିଶ୍ୱାସର ସହିତ ଗ୍ରହଣ କରିଥିଲେ । ତାଙ୍କର ଉତ୍ସାହଭରା ନୃତ୍ୟ ପ୍ରଦର୍ଶନ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲା ଏବଂ ଶେଷରେ ସମଗ୍ର ସଭାଗୃହ ତାଳି ଓ ଉତ୍ସାହପୂର୍ଣ୍ଣ ଅଭିବାଦନରେ ଗୁଞ୍ଜରି ଉଠିଥିଲା । ପ୍ରତିଭାଗୀମାନେ ଏହି ପ୍ରଦର୍ଶନକୁ କାର୍ଯ୍ୟକ୍ରମର "ନିଖୁଣ ସମାପନ" ବୋଲି ବର୍ଣ୍ଣନା କରିଥିଲେ, ଯାହା ଏହି କର୍ମଶାଳାକୁ

ୟୁନିଭର୍ସିଟି ପରିସର ଉତ୍ସାହ ଓ ଉଦ୍ଦୀପନାରେ ମୁଖରିତ ହୋଇ ଉଠିଥିଲା । ପ୍ରତିଭାଗୀମାନେ ଉତ୍ସାହର ସହିତ ଏହି ପ୍ରମୁଖ କ୍ରିଏଟିଭ୍ ୱର୍କଶପ୍‌ରେ ଅଂଶଗ୍ରହଣ କରିଥିଲେ । ପ୍ରଥମଥର ପାଇଁ ୟୁନିଭର୍ସିଟିରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଛାତ୍ରଛାତ୍ରୀ ଓ ଦର୍ଶକମାନଙ୍କ ଠାରୁ ବିପୁଳ ଉତ୍ସାହ ଓ ସ୍ୱୀକୃତି ମିଳିଥିଲା । ଥର୍ମୋକଲ୍ କଠିନ ସାମଗ୍ରୀ ସତ୍ତ୍ୱେ ଅର୍ଚ୍ଚିଶାଙ୍କ କଳାତ୍ମକ ପ୍ରଦର୍ଶନ ଓ ସ୍ଥାପତ୍ୟ ଶୈଳୀପୂର୍ଣ୍ଣ କଳ୍ପନାଶକ୍ତି ସମସ୍ତଙ୍କ ଠାରୁ ଅଲଗା ଭାବେ ଉଭାସିତ ହୋଇଥିଲା । ଏହାର ଫଳସ୍ୱରୂପ ସେ ପ୍ରଥମ ସ୍ଥାନ ହାସଲ କରି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ପାଲଟିଥିଲେ । କାର୍ଯ୍ୟକ୍ରମର ସମାପନୀ ଅଧିବେଶନରେ ଅର୍ଚ୍ଚିଶା ମଂଚ ଉପରେ ହଠାତ୍ ଦିଆ ସୃଜନଶୀଳତା, ଆତ୍ମବିଶ୍ୱାସ ଓ ଯୁବ ପ୍ରତିଭାର ଉତ୍ସବରେ ପରିଣତ କରିଥିଲା । ଅର୍ଚ୍ଚିଶା ପାଣିଗ୍ରାହୀ (ରୋଲି) ଓଡ଼ିଶାର ବାଲେଶ୍ୱର ଜିଲ୍ଲାର ଝିଅ । ତାଙ୍କର ଏହି ଉଲ୍ଲେଖନୀୟ ସଫଳତା ଓ ୟୁନିଭର୍ସିଟି ମଂଚରେ ପ୍ରାପ୍ତ ପରିଚୟ ଓ ସଫଳତାକୁ ନେଇ ତାଙ୍କର ପିତାମାତା ଅରୁଣାଂଶୁ ପାଣିଗ୍ରାହୀ ଓ ରୋନାଲିସା ପଣ୍ଡା ଗର୍ବ ଓ ଆନନ୍ଦ ପ୍ରକାଶ କରିଛନ୍ତି ।

ପାଳିତ ହେଲା 'ସାଇନ୍ସ ଏୱାରନେସ୍ ଫୋରମ୍'ର ପ୍ରଥମ ସ୍ୱନକ୍ଷତ୍ର ଦିବସ

ବାଲେଶ୍ୱର, ୧୪/୦୫(ଆ.ପ୍ର) : ମଣିଷ ସମାଜର ମଙ୍ଗଳ ସହ ପ୍ରକୃତି ଓ ପରିବେଶର ସୁରକ୍ଷା ସଂପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ସୃଷ୍ଟି ହୋଇଥିବା 'ସାଇନ୍ସ ଏୱାରନେସ୍ ଫୋରମ୍'ର ପ୍ରଥମ ଜନ୍ମଦିନ ଉତ୍ସବ ସ୍ଥାନୀୟ ବାଗବୃନ୍ଦାବନ ସ୍ଥିତ 'ଶ୍ରୀ ଶିକ୍ଷା' କକ୍ଷରେ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରୀୟ ବିଦ୍ୟାଳୟ (୨)ର ନବମ ଶ୍ରେଣୀର ଛାତ୍ରୀ ଏ.ଆର. ହଂସିନି ବୈଜ୍ଞାନିକ ଆଇନଷ୍ଟାଇନ୍‌ଙ୍କ ଫଟୋଚିତ୍ର ନିକଟରେ 'ବିଜ୍ଞାନ ପ୍ରଦୀପ' ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ । 'ସାଇନ୍ସ ଏୱାରନେସ୍ ଫୋରୋମ୍'ର ମୁଖ୍ୟ କବି ପ୍ରଶାନ୍ତ ଦାସ ଉତ୍ସବ ପରିଚାଳନା କରି ଉତ୍ସବର ଆଭିମୁଖ୍ୟ ସଂପର୍କରେ କହିଲେ ଯେ, ବିଜ୍ଞାନର ଉପଯୁକ୍ତ ବ୍ୟବହାର ପୃଥିବୀ, ପ୍ରକୃତି, ପରିବେଶକୁ ସୁରକ୍ଷା ରକ୍ଷା କରି ମଣିଷ ସମାଜର ମଙ୍ଗଳର କାରଣ ହେବ ଓ ଦ୍ରବ୍ୟର ପୁନର୍ବ୍ୟବହାରକୁ ଦୃଷ୍ଟି ଦେଲେ ବହୁ ସମସ୍ୟାର ସମାଧାନ ହୋଇଯିବ' । ଉକ୍ତ ବିଷୟରେ ଛାତ୍ରଛାତ୍ରୀଙ୍କ ସମେତ ସମସ୍ତ ମଣିଷମାନଙ୍କ ଭିତରେ ସଚେତନତା ସୃଷ୍ଟି କରିବା ପାଇଁ 'ଫୋରୋମ୍' ବିଭିନ୍ନ ବିଜ୍ଞାନଭିତିକ କାର୍ଯ୍ୟକ୍ରମ ହାତକୁ ନେବ । ଅତିଥି ଭାବେ ଝାଡ଼େଶ୍ୱର ବିଜ୍ଞାନ ବିଦ୍ୟାଳୟର ଅଧ୍ୟକ୍ଷ ତଥା 'ଫୋରମ' ସଭାପତି ଡ. ସମର ବଲ୍ଲଭ ଭୋଇ, ଆବାହକ, ବିଜ୍ଞାନ ଲେଖକ ଓ ଶିକ୍ଷକ ପଦ୍ମଲୋଚନ ପ୍ରଧାନ ଯୋଗଦାନ କରି ବର୍ତମାନ ସମୟରେ ବିଜ୍ଞାନର ବ୍ୟବହାର ନକରାତ୍ମକ ପ୍ରଭାବ ପ୍ରକୃତି ଓ ପରିବେଶକୁ ଦୂଷିତ କରି ପୃଥିବୀରେ ବାସ କରୁଥିବା ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି' । 'ଫୋରମ୍'ର ସଂପାଦକ ସାଇ ଶିଶୁ ବିଦ୍ୟାମନ୍ଦିରର ଅଧ୍ୟକ୍ଷ ମଧୁସୂଦନ ମିଶ୍ର ଓ କାର୍ଯ୍ୟକାରୀ ସଭାପତି ଶିକ୍ଷାବିତ୍, 'ବିଦ୍ୟାର୍ଥୀ ଫାଉଣ୍ଡେସନ୍'ର ପ୍ରତିଷ୍ଠାତା ବିପ୍ଳବ ଦାସ ମହାପାତ୍ର ଯୋଗ ଦେଇଥିଲେ । ଶେଷରେ ମେଧାବୀ ବିଜ୍ଞାନ ଛାତ୍ର ଓ 'ଫୋରମ୍'ର ସଂଯୋଜକ ରାଧାବଲ୍ଲଭ ଦଳାଇ ଧନ୍ୟବାଦ ଦେବା ସହ ଆଗାମୀ ଦିନରେ ସଚେତନତା ସୃଷ୍ଟି କରିବାକୁ ନିର୍ଦ୍ଧାରିତ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ କରିଥିଲେ ଓ ବୈଜ୍ଞାନିକ ଆଇନଷ୍ଟାଇନ୍ ଓ ଅବଦୁଲ୍ କାଲାମ୍‌ଙ୍କ ଜୟନ୍ତୀରେ ଜଣେ ବିଜ୍ଞାନ ଲେଖକ ଓ ମେଧାବୀ ଛାତ୍ର/ଛାତ୍ରୀଙ୍କୁ ସମ୍ମାନ ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ ।

ବଡ଼ ଧରଣର ଡକାୟତି, ବନ୍ଧୁକ ଦେଖାଇ ଲୁଟିନେଲେ ଦୁର୍ବୃତ

ସିମୁଳିଆ, ୧୪/୦୫(ଆ.ପ୍ର) : ସିମୁଳିଆ ଅଂଚଳରେ ଚୋରୀ ଡକାୟତି ଓ ହତ୍ୟା ବୃଦ୍ଧି ପାଉଥିବା ବେଳେ ବୁଧବାର ଦିନ ସନ୍ଧ୍ୟା ସମୟରେ ଏକ ଘରେ ବଡ଼ ଧରଣର ଡକାୟତି ହୋଇଥିବା ନେଇ ସିମୁଳିଆ ଥାନାରେ ଅଭିଯୋଗ । ସୂଚନାରୁ ପ୍ରକାଶ ସିମୁଳିଆ ଥାନା ଅନ୍ତର୍ଗତ ପୁରୁଷୋତମପୁର ପଂଚାୟତର ରଘୁନାଥପୁର ଗ୍ରାମର ସେକ ଗଫୁଦ୍ଦିନଙ୍କ ସ୍ତ୍ରୀ ସମି ବିବି ସିମୁଳିଆ ଥାନାରେ ଅଭିଯୋଗ ଅନୁଯାୟୀ ବୁଧବାର ସନ୍ଧ୍ୟା ସମୟରେ ପରିବାରର ପୁରୁଷ ଲୋକ ଘରେ କେହି ନ ଥିବା ସମୟରେ ଆଠରୁ ନଅ ଜଣ ମୁହଁରେ କଳାପଟି ପିନ୍ଧି ବନ୍ଧୁକ ଧରି ଘରକୁ ପ୍ରବେଶ କରିଥିଲେ । ସମିବିବି ଓ ଶାଶୁଙ୍କୁ ମାଡପିଟ କରି ମୋବାଇଲ ଛଡାଇ ନେଇଥିଲେ । ପରେ ବନ୍ଧୁକ ଦେଖେଇବାରୁ ଜୀବନ ବିକଳରେ ଘରେ ଥିବା ନିଜର ୩ଲକ୍ଷ ଟଙ୍କାର ଊର୍ଦ୍ଧ୍ୱ ସୁନାଗହଣା ଦେଇ ଦେଇଥିଲେ । ସେହି ସମୟରେ ସ୍ୱାମୀ ସେକ ଗଫୁଦ୍ଦିନ ନମାଜ ପଢି ଘରକୁ ଫେରିଥିଲେ । ଘର ଫାଟକ ନିକଟରେ ଦୁର୍ବୃର୍ତମାନେ ଘୋଷାଡି ଘୋଷାଡି ଘରକୁ ନେଇଯାଇଥିଲେ । ଟଙ୍କା ଦେବାକୁ କହି ବନ୍ଧୁକ ଦେଖାଇ ଆକ୍ରମଣ କରିଥିଲେ । ମାଡ଼ ମାରିବା ପରେ ଜୀବନ ବିକଳରେ ସେକ ଗଫୁଦ୍ଦିନ ବ୍ୟବସାୟ ଟଙ୍କା ୩ଲକ୍ଷ ୨୦ହଜାର ଟଙ୍କା ଓ ଚିରି ଯାଇଥିବା ୪୦ହଜାର ଟଙ୍କା ନେଇଯାଇଥିଲେ । ଦୁର୍ବୃର୍ତମାନେ ଚାଲିଯିବା ପରେ ଚିତ୍କାର କରିବାରୁ ଘଟଣା ସ୍ଥଳରେ ଲୋକେ ଆସିଯାଇଥିଲେ ମାତ୍ର ସେତେବେଳକୁ ଦୁର୍ବୃର୍ତମାନେ ସବୁ ଲୁଟି ପଳେଇ ଯାଇଥିଲେ । ଖବର ପାଇ ସିମୁଳିଆ ପୋଲିସ ଘଟଣା ସ୍ଥଳରେ ପହଂଚି ତଦନ୍ତ କରୁଥିବା ଜଣାଯାଇଛି ।

କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବିରେ ଗଣଧାରଣା ପାଇଁ ନିଷ୍ପତି



ବାଲେଶ୍ୱର, ୧୪/୦୫(ଆ.ପ୍ର) : ବାଲେଶ୍ୱରରେ ଏକ ସରକାରୀ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଗତ ୪ ବର୍ଷ ତଳେ ଗଠିତ କ୍ରିୟାନୁଷ୍ଠାନ କମିଟିର ମାସିକ ବୈଠକରେ ଆସନ୍ତା ୨୦ ତାରିଖ ବୁଧବାର ଦିନ ଓିପଦା ବ୍ଲକ୍ ସମ୍ମୁଖରେ ସ୍ଥାନୀୟ କୃଷକ ଓ ବିଭିନ୍ନ ଗଣସଂଗଠନ ସହଯୋଗରେ ଏକ ପ୍ରତୀକ ଗଣଧାରଣା ଅନୁଷ୍ଠିତ ହେବ । ସମିତିର ସଭାପତି ଡ. କେଶବ ଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତି ନିଆଯାଇଛି । ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବ୍ଲକ୍ ସମ୍ମୁଖରେ ଗଣଧାରଣା ସହ ସଂପୃକ୍ତ ବ୍ଲକ୍‌ର ବିଡିଓଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ଦାବିପତ୍ର ଦିଆଯାଇଛି । ଏହି ବୈଠକରେ ନିରଞ୍ଜନ ପରିଡ଼ା, ଭାସ୍କର ଚନ୍ଦ୍ର ପାଢ଼ୀ, ଲକ୍ଷ୍ମଣ ବିଶ୍ୱାଳ, ସୁରେନ୍ଦ୍ର ଦୀକ୍ଷିତ, ରବିନାରାୟଣ ଭୋଳ, ଡା. ତାରାକାନ୍ତ ନନ୍ଦ, ଡ. କ୍ଷିତୀଶ୍ୱର ଦାଶ, ଅକ୍ଷୟ ତ୍ରିପାଠୀ, ଗୌରାଙ୍ଗ ପାଣିଗ୍ରାହୀ ଓ ଗୋବିନ୍ଦ ଚନ୍ଦ୍ର ଭୋଇ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ରାଜ୍ୟ ସରକାରଙ୍କର ବାଲେଶ୍ୱର ପ୍ରତି ବୈମାତୃକ ଭାବ କାରଣରୁ ଉଦ୍‌ବେଗ ପ୍ରକାଶ କରିଥିଲେ । ଦଳମତ ନିର୍ବିଶେଷରେ କୃଷି ଓ କୃଷକର ସ୍ୱାର୍ଥ ପାଇଁ ଆସନ୍ତା ୨୦ ତାରିଖ ଗଣଧାରଣାରେ ବହୁ ସଂଖ୍ୟାରେ ସ୍ଥାନୀୟ ଜନସାଧାରଣ ଯୋଗଦେବାକୁ ବୈଠକରେ ନିବେଦନ କରାଯାଇଛି । ସୀତାରାମ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

ପଂଚାୟତରାଜ ମନ୍ତ୍ରୀଙ୍କ ଦ୍ୱାରା ବୃହତ ମେଗା ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟନ ଓ ଶିଳାନ୍ୟାସ

ମାହାଙ୍ଗା, ୧୪/୦୫(ଆ.ପ୍ର) : ରାଜ୍ୟର ପ୍ରତି ଘରେ ପହଂଚିବ ବିଶୁଦ୍ଧ ପାନୀୟ ଜଳ । ମୋହନ ସରକାରଙ୍କ ଲକ୍ଷ୍ୟ ରହିଛିଆସନ୍ତା ବର୍ଷ ମାର୍ଚ୍ଚ ମାସ ସୁଦ୍ଧାପ୍ରତି ପରିବାର ନିକଟରେ ବିଶୁଦ୍ଧ ପାନୀୟ ଜଳପହଂଚାଇବା । ପଂଚାୟତରାଜ, ଗ୍ରାମ ଉନ୍ନୟନ ବିଭାଗ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାୟକ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ମାହାଙ୍ଗା ବ୍ଲକ ବିରୂପା ଗେଙ୍ଗୁଟୀ ଦ୍ୱିପାଂଚଳ ଗସ୍ତକରି ମଧୁପୁର ପଂଚାୟତ ଠାରେ ୨୩୭ କୋଟି ବ୍ୟୟ ଅଟକଳରେ ନିର୍ମିତ ବୃହତ ମେଗା ପାନୀୟ ଜଳ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଥିଲେ । ଏଥି ସହ ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଲକର ୧୬ଟି ନୂତନ ସେତୁ, ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା, ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟର ଶିଳାନ୍ୟାସ କରିବା ସହ ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ । ଏହି ପରିପ୍ରେକ୍ଷୀରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ବିକାଶ ଧାରାକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ଆଗାମୀ ଦିନରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ କୃଷିର ଉନ୍ନତି ତଥା ବିକଶିତ ଓଡିଶା ଗଠନ କରିବା ପାଇଁ ମୋହନ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିବା ସହ ୨୪ ବର୍ଷର ବିଜେଡି ସରକାରକୁ ସମାଲୋଚନା କରିଥିଲେ । ଉଲ୍ଲେଖ ଥାଉ କି, ଆଜି ଲୋକାର୍ପିତ ହୋଇଥିବା ମେଗା ପାନୀୟ ଜଳ ପ୍ରକଳ୍ପ ଦ୍ୱାରା ମାହାଙ୍ଗା ବ୍ଲକର ୩୭ଟି ଓ ନିଶ୍ଚିନ୍ତକୋଇଲି ବ୍ଲକର ୭ଟି ମୋଟ ୪୪ ଟି ପଂଚାୟତରେ ୨୧୧ଟି ରାଜସ୍ୱ ଗ୍ରାମର ୫୦ ହଜାରରୁ ଊର୍ଦ୍ଧ୍ୱ ପରିବାରକୁ ପାଇପ ଯୋଗେ ବିଶୁଦ୍ଧ ପିଇବା ପାଣି ଯୋଗାଇ ଦିଆଯାଇଛି ବୋଲି କହିଥିଲେ । କୋଠପଦା ମିନି ଷ୍ଟାଡିୟମ ଠାରେ ଆୟୋଜିତ ଉକ୍ତ ଲୋକାର୍ପଣ ଉତ୍ସବରେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ସଭାପତିତ୍ୱ କରି ପୂର୍ବ ସରକାରଙ୍କ ସମୟରେ ଏହି ବୃହତ ମେଗା ପାନୀୟ ଜଳ ପ୍ରକଳ୍ପ ଧାର୍ଯ୍ୟ ସମୟ ସୀମା ମଧ୍ୟରେ କାର୍ଯ୍ୟକ୍ଷମ ହୋଇପାରି ନଥିଲା । ମୋହନ ସରକାରଙ୍କ ୨୦ ମାସର ସରକାରରେ ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ସହ ଘରେ ଘରେ ଟ୍ୟାପ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ସମ୍ଭବପର ହୋଇଛି । ମାହାଙ୍ଗାକୁ ଏକ ବିକଶିତ ନିର୍ବାଚନ ମଣ୍ଡଳୀ ଭାବେ ରାଜ୍ୟରେ ଏକ ନମ୍ବର କରିବା ପାଇଁ ମୋହନ ମାଝୀଙ୍କ ସରକାର ମାହାଙ୍ଗାକୁ ପ୍ରାଧାନ୍ୟ ଦେଇ ଶହ ଶହ କୋଟି ଟଙ୍କା ଯୋଗାଇ ଦେଉଛନ୍ତି । ଆସନ୍ତା ଦିନରେ ମାହାଙ୍ଗାର ବିଭିନ୍ନ ପଂଚାୟତରେ ସ୍ଥାନୀୟ ଲୋକଙ୍କ ସାମାଜିକ ଓ ଅର୍ଥନୈତିକ ଜୀବନ ଶୈଳୀରେ ପରିବର୍ତନ ଆଣିବା ପାଇଁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ବୋଲି ବକ୍ତବ୍ୟ ରଖିବା ସହ ପ୍ରତିପକ୍ଷ ବିରୋଧୀ ଦଳ ନେତାଙ୍କ ଉଦ୍ଦେଶ୍ୟରେ ବିଧାୟକ ଶ୍ରୀ ପ୍ରଧାନ କହିଲେ ଯେ, ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ ଚାଲିଥିବା ବିକାଶ ମୂଳକ କାର୍ଯ୍ୟ ଇଷ୍ଟ ଇଣ୍ଡିଆ କମ୍ପାନୀ ଦେହରେ ଯାଉନାହିଁ ବୋଲି କହିଥିଲେ । ଏଥିରେ ଅନ୍ୟତମ ଅତିଥିଭାବେ ଗ୍ରାମ୍ୟ ଉନ୍ନୟନ ବିଭାଗ ଏସସି ସୁଧାକର ନାୟକ, ପାନୀୟଜଳ ବିଭାଗ ଏସସି ଗୌପ୍ୟ ରଞ୍ଜନ ବେହେରା, ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଅଭିମନ୍ୟୁ ଦାସ ପ୍ରମୁଖ ଯୋଗ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପାନୀୟଜଳ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ବହୁ କନିଷ୍ଠଯନ୍ତ୍ରୀ ଓ କର୍ମଚାରୀ, ବହୁ ଜନପ୍ରତିନିଧି, ବିଡିଓ, ବିଇଓଙ୍କ ସମେତ ହଜାର ହଜାର ଜନସାଧାରଣ ଉପସ୍ଥିତ ଥିଲେ । ଏହି ଅବସରରେ ବିଧାୟକ ଶ୍ରୀ ପ୍ରଧାନ ଚଳିତ ମାଟ୍ରିକ ପରୀକ୍ଷା ଏ ଗ୍ରେଡ ପାଇଥିବା ଛାତ୍ରଛାତ୍ରୀଙ୍କୁ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ । ମାହାଙ୍ଗା ବିକାଶ ପରିଷଦର କର୍ମୀ, ସଂଗଠକ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

ବାବା ଅନନ୍ତ ପୁରୁଷୋତମ ମହାଦେବଙ୍କ ମହାନୀଳ ପର୍ବ ସମ୍ପନ୍ନ ୮୦୦ରୁ ଉର୍ଦ୍ଧ୍ୱ କୁନି କାଉଡ଼ିଆଙ୍କ ଜଳାଭିଷେକ

ଭୋଗରାଇ, ୧୪/୦୫(ଆ.ପ୍ର) : ଭୋଗରାଇ ବ୍ଲକ ଦେଉଳା ପଂଚାୟତ ଦେଉଳାହାଟରେ ଅବସ୍ଥିତ ସର୍ବପୁରାତନ ମନ୍ଦିର ବାବା ଅନନ୍ତ ପୁରୁଷୋତମ ମହାଦେବଙ୍କ ଚଡକ ପର୍ବର ଗୁରୁବାର ମହାନୀଳ ପର୍ବ ସମ୍ପନ୍ନ ହୋଇଛି । ମହାନୀଳ ପର୍ବ ଉପଲକ୍ଷେ ଶତାଧିକ ମହିଳା ଓ ପୁରୁଷ ଭକ୍ତମାନେ ମନ୍ଦିରରେ ପହଂଚି ମଙ୍ଗଳ କାମନା ସହିତ ପୂଜାର୍ଚ୍ଚନା କରିଥିଲେ । ସନ୍ଧ୍ୟା ନୀଳ ପୋଖରୀରୁ ପାଟ ଭକ୍ତଙ୍କ ନିର୍ଦ୍ଦେଶରେ ଅଗ୍ନିକାଷ୍ଠ ଉତୋଳନ ହୋଇଥିଲା । ଶୁକ୍ରବାର ମହା ପାଟପର୍ବ ସହିତ ଏହି ଚଡ଼କ ପର୍ବ ସମାପନ ହେବ । ଉପରୋକ୍ତ ୮୦୦ ରୁ ଊର୍ଦ୍ଧ୍ୱ କୁନି କାଉଡ଼ିଆ ଓ ଶ୍ରଦ୍ଧାଳୁମାନେ ଦେଉଳା କୋଷ୍ଟ କେନାଲ ଘାଟରୁ ପାଣି ନେଇ ବାବାଙ୍କ ଠାରେ ଜଳାଭିଷେକ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଚଡ଼କ ଉତ୍ସବ କମିଟି ସଦସ୍ୟ ଶକ୍ତିପଦ ଦାସ ମହାପାତ୍ର, ଅରୁଣ କୁମାର ଦାସ, ସୁକୁମାର ଜେନା, ଅରବିନ୍ଦ ଦୋଳା, ସୁରେଶ ମହାନ୍ତି, ଜୟକୃଷ୍ଣ ଗିରି, ଚନ୍ଦନ ଗିରି, ପ୍ରଭୁରାମ ଦାସ, ପୁଲକ ପାଳ, ଦେବାଶିଷ ପଣ୍ଡା, ସୁକୁମାର ପଣ୍ଡା, ଦିଲ୍ଲୀପ ପଣ୍ଡା, ପ୍ରଦୀପ ପଣ୍ଡା, ରମେଶ ପାତ୍ର, ପ୍ରଦୀପ ପ୍ରଧାନ, ଉତମ ଦାସ ମହାପାତ୍ର, ସଞ୍ଜୟ ଦୋଳା, ଜଗନ୍ନାଥ ମହାନ୍ତି, ନାରାୟଣ ବେହେରା, ପ୍ରଦୀପ ଦିଣ୍ଡା, ଗୌତମ ଦାସ, ଅନାଦି ରଞ୍ଜନ ଦାସ ମହାପାତ୍ର, ଗିରିଶ ପାତ୍ର, ନାରାୟଣ ବେହେରା ପ୍ରମୁଖ ପରିଚାଳନା କରିଥିଲେ ।

ବାପା ମଦ ପିଉଥିବା ଦେଖି ଜୀବନ ହାରିଲା ପୁଅ

ବାଲିପାଟଣା, ୧୪/୦୫(ଆ.ପ୍ର) : ରାଜଧାନୀ ଉପକଣ୍ଠ ଭୁବନେଶ୍ୱର କମିସନରେଟ ପୁଲିସ ଅଧୀନ ବାଲିପାଟଣା ଥାନା ତୁରିନ୍ତିରା ସ୍ଥିତ ମହାବୀର ଛକ ଏକ ଜଳଖିଆ ଦୋକାନରେ ଜଣେ ଯୁବକ ରଶି ଲଗାଇ ଝୁଲି ପଡ଼ିଛନ୍ତି । ମୃତ ଯୁବକ ହେଲେ ଗୁଆପୁର ପଂଚାୟତ ବସନ୍ତପିହ ଗ୍ରାମର ରାଜ କିଶୋର ସାହୁଙ୍କ ପୁଅ ଶ୍ରୀ ପ୍ରସାଦ ସାହୁ । ବାପା ବଜାର ଉପରେ ମଦ ପିଉଥିବା ଦେଖି ସହି ପାରିଲା ନାହିଁ ପୁଅ । ବାରମ୍ବାର ବାପାଙ୍କୁ ମଦ ପିଇବା ପାଇଁ ପୁଅ ବାରଣ କରି ଆସୁଥିଲା । ବାପା ସୁଧୁରି ନ ଥିଲେ । ଆଜି ଶେଷରେ ନିଜ ଦୋକାନ ଭିତରେ ଆତ୍ମହତ୍ୟା ଭଳି ଚରମ ନିଷ୍ପତି ନେଇଛି । ସୂଚନା ମୁତାବକ ରାଜ କିଶୋରଙ୍କ ଗୋଟିଏ ପୁଅ ଏବଂ ଝିଅ ଅଛନ୍ତି । ଶିବ ଘରର ବଡ଼ ପୁଅ । ମହାବୀର ଛକରେ ବାପା ରାଜୁ ଦୀର୍ଘ ବର୍ଷ ହେଲା ଜଳଖିଆ ଦୋକାନ କରିଛନ୍ତି । ସେଥିରୁ ଯାହା ରୋଜଗାର ହୁଏ ପରିବାର ଚଳେ । ହେଲେ ରାଜୁ ସବୁବେଳେ ମଦ ନିଶାରେ ବୁଡ଼ି ରହୁଥିଲେ ।

ସିଥୋ ଆରମ୍ଭ
SEITHO ARAMBHA
ଶୁକ୍ରବାର, ୧୫ ମଇ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ଅବକ୍ଷୟ ପ୍ରକୃତ

ଇଶ୍ୱରଙ୍କ ସୃଷ୍ଟି ସୁନ୍ଦର ପ୍ରକୃତି , ତାର ପଚଂଭୂତ ,ଜଳ ,ସ୍ଥଳ, ବାୟୁ , ପ୍ରାଣୀ ,ଉଦ୍ଭିଦ ଜଗତ ଆଦିଙ୍କ ସମଷ୍ଟିରେ ଆମର ପରିବେଶ । କେତେବେଳେ ଗ୍ରୀଷ୍ମର ରୌଦ୍ର ପଚଣ୍ଡତା ତ ମେଘର ମନ୍ଦ୍ରଧ୍ୱନି , ଶରତ ର ଶୁଭ୍ର ଶୋଭାତ ତ ହେମନ୍ତ ର ଶିକର , ଶୀତର ଶୀତଳତା ଓ ରିତୁରାଜ ବସନ୍ତ ର ମଳୟ ପବନ ବହି ଆଣେ କୋଇଲିର କୁହୁକୁହୁ ତାନ , ଷଡ଼ରିତୁ ଲୀଳା ରେ ପ୍ରକୃତି ର ଜୟଗାନ । ପ୍ରାକୃତିକ ସୁଷମା ର ଦିଗନ୍ତବିସ୍ତାରୀ ଶସ୍ୟକ୍ଷେତ୍ର , ତରଙ୍ଗ ଶୋଭିତ ନଦୀ ସକଳ , ଘନବନାନୀ ଆଛାଦିତ ନଭଶ୍ଚୁମ୍ବୀ ପର୍ବତମାଳା , ହଂସ କାରଣ୍ଡବ ଆଦି ବିହଙ୍ଗମ ଶୋଭିତ ହ୍ରଦ ଓ ହ୍ରଦ ତୀର , ଆମ୍ର , ନାରୀକେଳ ପଣସାଦି ବୃକ୍ଷ ପରିପୂର୍ଣ୍ଣ ମାଳ ମାଳ ତୋଟା , ଖର୍ଜୁରୀ ଆଦି ବୃକ୍ଷ ଶୋଭିତ ପଥପାର୍ଶ୍ୱ , ଘନସନ୍ନିବିଷ୍ଟ ତୃଣରାଜି ଓ ସବୁଜ ଦ୍ରୁମଲତା ପରିଶୋଭିତ ପ୍ରକୃତି ର ଏକ ନୟନାଭିରାମ ଦୃଶ୍ୟ । ମାତ୍ର ଜନ ସଂଖ୍ୟାର ଅଭିବୃଦ୍ଧି , କଳକାରଖାନା ମାନଙ୍କ ର ଅବିଶ୍ୱାସନୀୟ ପ୍ରଗତି ଫଳରେ ଆମର ଏଇ ସୁନ୍ଦର ପ୍ରାକୃତିକ ପରିବେଶ ଆଜି ବିପର୍ଯ୍ୟୟ ଶିଳ୍ପ ସଂସ୍ଥା ମାନଙ୍କ ଦ୍ୱାରା ମାଟି , ବାୟୁ ,ଜଳ ,ଶବ୍ଦ ପ୍ରଦୂଷଣ ସାଧାରଣ ଜୀବନ ପ୍ରଣାଳୀରେ ଅନେକ ସମସ୍ୟା ସୃଷ୍ଟି କରିଛି । ସେଥିପାଇଁ ଆଜିର ଜୀବ ଜଗତ .ମନୁଷ୍ୟ ଅନେକ ମହାମାରୀ ଓ ମାରାତ୍ମକ ରୋଗର ଶିକାର ହେଉଛି । ମନୁଷ୍ୟ ର ଉଗ୍ର ଆଧୁନିକବାଦ ଓ ବେପରୁଆ ଆଣବିକ ବିସ୍ଫୋରଣ ପ୍ରକୃତି ର ସୌନ୍ଦର୍ଯ୍ୟ ନଷ୍ଟ ଓ ଜଙ୍ଗଲ ର ଧ୍ୱଂସ । ଏହି ଅବକ୍ଷୟ ପ୍ରକୃତି କୁ ରକ୍ଷା ପାଇଁ ପୂର୍ବ ଯୁଗରେ ପଚଂଭୂତ ର ପୂଜା ସଙ୍ଗେ ସଙ୍ଗେ ରାଜା ମହାରାଜା ମାନେ ଅରଣ୍ୟ ଅରଣ୍ୟ କରୁଥିଲେ । ଆଦିମ ମଣିଷ ତାର ବୃକ୍ଷ ପୂଜା କୁ ଆମ ସଂସ୍କୃତି ର ମହାନ ଅଙ୍ଗ ରୂପେ ଧରି ନେଇଥିଲା । ପ୍ରଳୟ ସମୟରେ ଶୁକ୍ଳାମ୍ବର ବିଷ୍ଣୁ ବଟପତ୍ର ଉପରେ ଶୟନ କରିଥିଲେ । ସେଥିପାଇଁ ବଟବୃକ୍ଷ କୁ ଆଦ୍ୟ ବୃକ୍ଷ ବୋଲି କୁହାଯାଏ । ହରିବଂଶ ପୁରାଣରେ ଅଚ୍ୟୁତାନନ୍ଦ ବୃକ୍ଷ ପୂଜା ର ମାହାତ୍ମ୍ୟ ବର୍ଣ୍ଣନା କରିଛନ୍ତି । ମାହାପୁରୁଷ ଅଚ୍ୟୁତାନନ୍ଦ ଅକ୍ଷୟବଟ ମୂଳରେ ସିଦ୍ଧି ଓ ଶୂନ୍ୟ ସମାଧି ନେଇଛନ୍ତି । ଅଶ୍ୱତ୍ଥ ବୃକ୍ଷ ମୂଳରେ ବୁଦ୍ଧଦେବ ଦିବ୍ୟଜ୍ଞାନ ଲାଭ କରିଥିଲେ । ପ୍ରତ୍ୟେକ ଜୈନ ତୀର୍ଥଙ୍କର ଗୋଟିଏ ଲେଖାଏଁ ଦିବ୍ୟତରୁ ମୂଳରେ ତପସ୍ୟାରତ ହୋଇ ଜ୍ଞାନ ପ୍ରାପ୍ତ ହୋଇଥିଲେ । ଜୈନ ଶାସ୍ତ୍ର ମତରେ ବଟ, ସପ୍ତପର୍ଣ୍ଣ ,ଶାଳ , ପ୍ରିୟଙ୍ଗୁ ,ଶିରିଷ , ନାଗକେଶର . ତମ୍ବୁର , ପାଟଳିକ ,ଜାମ୍ବୁ ଅଶ୍ୱତଥ , ଦଧିପର୍ଣ୍ଣ , ନନ୍ଦୀବୃକ୍ଷ , ତୀଳକ ତରୁ ,ଚୂତ ,ଅଶୋକ , ଚମ୍ପକ , ବକୁଳ ଆଦି ବୃକ୍ଷକୁ ବିଭିନ୍ନ ଜୈନ ତୀର୍ଥଙ୍କର ସହିତ ଅବତାରଣା କରା ଯାଇଛି । ଉଦୟଗିରି ଓ ଖଣ୍ଡଗିରିରେ ବୃକ୍ଷ ପୂଜାର ପାରମ୍ପରା ବର୍ଣ୍ଣନା କରାଯାଇଛି । ନବକଳେବରରେ ନିମ୍ବବୃକ୍ଷ ରୁ ଦାରୁ ଦେବତା ଓ ଦେବୀ ଦୁର୍ଗା ପୂଜାରେ ନବପତ୍ରିକା ପ୍ରଚଳନ ବୃକ୍ଷ ପୂଜା କୁ ଆହୁରି ଋଦ୍ଧି ମନ୍ତ କରିଥାଏ , ତୁଳସୀ ହେଉ କି ଚନ୍ଦନ ହେଉ କି କଳସୀ ପୂଜାର ପଚଂପଲ୍ଲବ କି ଖମ୍ଭେଶ୍ୱରୀ ଦେବୀ ପୂଜା ହେଉ କି ସବୁତ ବୃକ୍ଷ । ପ୍ରତି ବୃକ୍ଷଲତା ଗୋଟିଏ ଗୋଟିଏ ଦେବତା ଙ୍କର ପ୍ରତିନିଧି ରୂପେ ପୂଜା ପାଇଥାଆନ୍ତି । ଇନ୍ଦ୍ର ଦେବତାଙ୍କ ର ଖାଣ୍ଡବବନ , ରାବଣର ଅଶୋକ ବାଟିକା , ବାଳିର ମଧୁବନ, ଶ୍ରୀକୃଷ୍ଣଙ୍କର ଗିରିଗୋବର୍ଦ୍ଧନ ପୂଜା ସବୁ ତ ବନ ମହୋତ୍ସବ । ତେଣୁ ସାରା ଦେଶରେ ସରକାର ୧୯୫୦ ମସିହା ଠାରୁ ପ୍ରତି ଜୁଲାଇ ୧ ତାରିଖ ରୁ ୭ ତାରିଖ ପ୍ରର୍ଯ୍ୟନ୍ତ ବନ ମହୋତ୍ସବ ପାଳନ କରି ଆସୁଛନ୍ତି । ଆମ ପରିବେଶ ଓ ପ୍ରାଣୀ ଜଗତ କୁ ସୁସ୍ଥ ନିରାମୟ ରଖିବାରି ବୃକ୍ଷଲତା ଏକ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି । ଜଳଚକ୍ରର ପ୍ରମୁଖ ଭୂମିକା ଗ୍ରହଣ କରନ୍ତି ଆମ ଚତୁଃପାର୍ଶ୍ୱରେ ଥିବା ବୃକ୍ଷ ଲତା ମାନେ । ଆକାଶରୁ ମେଘକୁ ବର୍ଷା କରାଇବାରେ ଏବଂ ପ୍ରାଣୀଜଗତ ପାଇଁ ବିରଳ ଔଷଧ ପ୍ରସ୍ତୁତ କରିବାରେ ବୃକ୍ଷଲତା ମାନଙ୍କର ଅବଦାନ ଗୁରୁତ୍ୱପୂର୍ଣ୍ଣ ।

ଧାଈ ନୁହେଁ, ସେ ଦ୍ୱିତୀୟ ମାଆ

॥ ନିବେଦିତା ପ୍ରିୟଦର୍ଶିନୀ ଶୁକ୍ଳା ॥

ଆଜି ହେଉଛି ବିଶ୍ୱ ଧାତ୍ରୀ ଦିବସ । ଜଣେ ଯନ୍ତ୍ରଣା କ୍ଲିଷ୍ଟ ଭାବରେ ଯେତେବେଳେ ଡାକ୍ତରଖାନାକୁ ପୀଡ଼ିତ ଭାବରେ ଯାଇଥାଏ ଆମ ସମାଜରେ କୁହାଯାଉଥିବା ଦ୍ୱିତୀୟ ଭଗବାନ ଡାକ୍ତରଙ୍କ ପରେ ଯଦି ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ଓ ନିଷ୍ପାପର ଦାୟିତ୍ୱ କାହାଙ୍କ ଉପରେ ନ୍ୟସ୍ତ ରହିଥାଏ ସେ ହେଉଛନ୍ତି ଜଣେ ଧାତ୍ରୀ ବା ଓଡ଼ିଆରେ ଆମେ ଧାଈ ଭାବରେ ଜାଣିଥାଉ । ଆମ ଭିତରେ ଅନେକ ବିଶେଷକରି ଯେଉଁମାନେ ଗାଁ ଗହଳିରେ ଭୂମିଷ୍ଠ ହୋଇଛନ୍ତି ସେମାନଙ୍କର ପିତାମାତା, ଜେଜେ ଜେଜିମା ଜଣେ ଧାଈଙ୍କର ଅକ୍ଳାନ୍ତ ଓ ନିଷ୍ପାପର ପରିଶ୍ରମ ବିଷୟରେ ବେଶ ଭଲ ଭାବେ ଅବଗତ । କହିବାକୁ ଗଲେ ଜଣେ ସନ୍ତାନଟି ସୂର୍ଯ୍ୟାଲୋକ ଦେଖିଥାଏ ଏହି ଧାଈ ମାନଙ୍କ ସେବା ଓ ଗୁଣ ସମ୍ପନ୍ନ ହାତ ଦ୍ୱାରା । ୧୯୯୧ରୁ ପ୍ରତି ବର୍ଷ ମେ ୫ ତାରିଖରେ ପାଳିତ ହେଉଛି ଅନ୍ତର୍ଜାତୀୟ ଧାତ୍ରୀ ଦିବସ । ଏବେ ଭାରତ ସମେତ ମୋଟ ପଚାଶଟି ରାଷ୍ଟ୍ରରେ ଏହି ଦିବସ ପାଳନ କରାଯାଉଛି । ଏକବିଂଶ ଶତାବ୍ଦୀରେ ମଧ୍ୟ ଧାତ୍ରୀ ବା ଧାଈଙ୍କ ଦ୍ୱାରା ସନ୍ତାନ ପ୍ରସବ ବିଶେଷ ଗୁରୁତ୍ୱ ବହନ କରୁଛି । କାରଣ, ପ୍ରସବ ବେଳେ ସମଗ୍ର ବିଶ୍ୱରେ ବାର୍ଷିକ ପ୍ରାୟ ସାଢ଼େ ତିନି ଲକ୍ଷ ମହିଳା ପ୍ରାଣ ହରାଉଛନ୍ତି । ନବଜାତକଙ୍କ ମୃତ୍ୟୁ ସଂଖ୍ୟା କୋଡ଼ିଏ ଲକ୍ଷରୁ ଅଧିକ । ଓଡ଼ିଶାର କେତେକ ଅଂଚଳରେ ଅନ୍ଧବିଶ୍ୱାସ ଓ କୁସଂସ୍କାରର ବଶବର୍ତ୍ତୀ ହୋଇ କିଛି ଧାଈ ମାନଙ୍କର ଭୁଲ ଚିକିତ୍ସା ଦ୍ୱାରା କେତେକ କ୍ଷେତ୍ରରେ ଭୂମିଷ୍ଠ ହେବାକୁ ଥିବା ସନ୍ତାନଟି ବାହାର ଦୁନିଆର ଆଲୋକ ଦେଖି ପାରିନଥାଏ । ତେବେ ବର୍ତ୍ତମାନ ସେ ସବୁ ସମସ୍ୟା ଦୂରୀଭୂତ ହୋଇଗଲାଣି ।

ସରକାରଙ୍କ ବ୍ୟବସ୍ଥିତ ଓ ନିୟମିତ ସ୍ୱାସ୍ଥ୍ୟ ପରାମର୍ଶ ଅନୁଯାୟୀ ଗର୍ଭବତୀ ମାନେ ନିରାପଦରେ ସନ୍ତାନ ପ୍ରସବ କରୁଛନ୍ତି ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର ବା ଯେ କୌଣସି ଡାକ୍ତରଖାନାରେ ପିଲାଟି ଏକ ସ୍ୱାସ୍ଥ୍ୟ ସମ୍ପନ୍ନ ଉତ୍କୃଷ୍ଟ ଭିତିଭୂମିରେ ଜନ୍ମ ଲାଭ କରିପାରୁଛି । ତେବେ ଏ କ୍ଷେତ୍ରରେ ଆମ ମାନଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି । ଯେଉଁ ପିଲାଟି ଆମ ଘର, ପରିବାରର ଆଗାମୀ ଦିନର ଭବିଷ୍ୟତ ଓ ସୁନେଲୀ ସ୍ୱପ୍ନ, ତାଙ୍କୁ ଏ ଦୁନିଆକୁ ଆଗମନ କରାଉଥିବା ଜଣେ ମାତୃସମ ଭାଇଙ୍କ ପାଖରେ ଆମେ କୃତଜ୍ଞ ରହିବା ଉଚିତ । ଏହା ସମ୍ଭବତଃ ଆମର ଶ୍ରେଷ୍ଠ ମାନବିକତା ହୋଇପାରିବ । ସେମାନଙ୍କ ପାଇଁ ଅମୃତସମ ଓ ଗଭୀର ହୃଦୟର କୃତଜ୍ଞତା ଦ୍ୱାରା ତାଙ୍କ ଅକ୍ଳାନ୍ତ ପରିଶ୍ରମର ଫଳ ହୁଏତ କିଛି ଆମେ ଦେଇପାରିବା । ମାତୃ ଶିଶୁ ମୃତ୍ୟୁ ହାର କମାଇବା ପାଇଁ ଲୋଡ଼ା ଅଧିକରୁ ଅଧିକ ସଂଖ୍ୟକ ଶିକ୍ଷିତ, ତାଲିମପ୍ରାପ୍ତ ଓ ଅଭିଜ୍ଞ ଧାଈ । ଏ ବାବଦରେ ସଚେତନତା ସୃଷ୍ଟି କରିବା, ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ । କେହି କେହି ସ୍ନେହ, ଆବେଗରେ ଏହି ଧାତ୍ରୀ ମାନଙ୍କୁ ଏ ଦୁନିଆର 'ଦ୍ୱିତୀୟ ମାଆ' ଭାବେ କୃତଜ୍ଞତା ପ୍ରକାଶ କରିଥାନ୍ତି । ବାସ୍ତବରେ କହିବାକୁଗଲେ ଏହା ଅତ୍ୟୁକ୍ତି ନୁହେଁ । ଏ ଦୁନିଆର ଲକ୍ଷ ଲକ୍ଷ ଧାତ୍ରୀ ବା ଧାଈ ମାନଙ୍କୁ ବିଶ୍ୱ ଧାତ୍ରୀ ଦିବସରେ କୃତଜ୍ଞତା ଓ ଅଭିନନ୍ଦନ ଜଣାଉଛି ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, ଚହଟା ନଗର, ଲେନ୍-୬, କଟକ-୧୪, ଦୂରଭାଷ : ୭୦୦୮୪୭୮୯୮୬

ସାବିତ୍ରୀ ଉପାଖ୍ୟାନ

॥ ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ ॥

ମହାଭାରତର ବନ ପର୍ବରେ ସାବିତ୍ରୀ ସତ୍ୟବାନ ଉପାଖ୍ୟାନ ବର୍ଣ୍ଣନା କରାଯାଇଛି । ସ୍କନ୍ଦ ପୁରାଣ, ଭବିଷ୍ୟ ପୁରାଣରେ ଏହି ବ୍ରତର ମହିମା ବର୍ଣ୍ଣିତ । ଏକାଦଶ ଶତାବ୍ଦୀରେ ସ୍ମୃତିକାର ଗଦାଧର ରାଜଗୁରୁଙ୍କ ଗ୍ରନ୍ଥରେ ଏହାର ବର୍ଣ୍ଣନା ଦେଖିବାକୁ ମିଳେ । ଜ୍ୟେଷ୍ଠମାସ ଅମାବାସ୍ୟା ଦିନ ଏହି ବ୍ରତ ପାଳିତ ହୋଇଥାଏ । କୁହାଯାଏ ଯେ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କ ପତ୍ନୀ ସାବିତ୍ରୀ ପ୍ରଥମେ ଏହି ବ୍ରତ ପାଳନ କରିଥିଲେ । ସେ ଏହି ବ୍ରତରେ ଲକ୍ଷ୍ମୀନାରାୟଣଙ୍କ ପୂଜାର୍ଚ୍ଚନା କରିଥିଲେ । ମହାଭାରତରେ ବର୍ଣ୍ଣିତ ସାବିତ୍ରୀ ଉପାଖ୍ୟାନ ଅନୁସାରେ ଏକଦା ଧର୍ମରାଜ ଯୁଧିଷ୍ଠିର ଭଗବାନ ଶ୍ରୀକୃଷ୍ଣଙ୍କୁ ପଚାରିଲେ - 'ହେ ମାଧବ, ସଂସାରରେ କେଉଁ ବ୍ରତ ନାରୀମାନଙ୍କ ପାଇଁ ଶ୍ରେଷ୍ଠ ? ଭଗବାନ ଶ୍ରୀକୃଷ୍ଣ ଉତ୍ତର ଦେଇଥିଲେ - ହେ ଧର୍ମରାଜ, ପତିବ୍ରତା ନାରୀ ପାଇଁ ସାବିତ୍ରୀ ବ୍ରତ ସମ୍ପର୍କରେ ପଚାରିବାରୁ ସେ ତାହାର ମହିମା ସମ୍ପର୍କରେ ବର୍ଣ୍ଣନା କରିଥିଲେ ।

ମହାଭାରତ ମତେ, ମଦ୍ର ଦେଶରେ ଅଶ୍ୱପତି ନାମରେ ଜଣେ ରାଜ ରାଜତ୍ୱ କରୁଥିଲେ । ସେ ସାବିତ୍ରୀ ଦେବୀଙ୍କୁ କନ୍ୟା ରୂପେ ପାଇବା ପାଇଁ ଏକଦା ଯଜ୍ଞର ଆୟୋଜନ କଲେ । ନିର୍ଦ୍ଦିଷ୍ଟ ସମୟ ଉପନୀତ ହବାରୁ ଦେବୀ ଅଶ୍ୱପତିଙ୍କୁ ଦର୍ଶନ ଦେଇ ବର ମାଗିବାକୁ କହିଲେ । ରାଜା ନିଃସନ୍ତାନ ଥିବାରୁ ପୁତ୍ର ସନ୍ତାନ ପାଇଁ ଦେବୀଙ୍କ ପାଖରେ ମିନତୀ କଲେ । ଦେବୀ ରାଜାଙ୍କୁ ପୁତ୍ର ସନ୍ତାନ ଲାଭ କରିବା ଯୋଗ ନଥିବା ସୂଚାଇ ଦେଲେ ଏବଂ ଏକ ଉତମ କନ୍ୟା ହେବାର ଆଶୀର୍ବାଦ ଦେଇ ଅନ୍ତର୍ଦ୍ଧାନ ହୋଇଗଲେ । ଉପଯୁକ୍ତ ସମୟରେ ଦେବୀଙ୍କ କୃପାରୁ ଅଶ୍ୱପତିଙ୍କ ପତ୍ନୀଙ୍କ କୋଳରେ କନ୍ୟାଟିଏ ଜାତ ହେଲା । ଦେବୀଙ୍କ ନାମ ଅନୁସାରେ ତାଙ୍କ ନାମ ସାବିତ୍ରୀ ରଖାଯାଇଥିଲା । ସାବିତ୍ରୀ କ୍ରମେ ଯୌବନରେ ପାଦ ଦେବା ପରେ ପିତା ଅଶ୍ୱପତିଙ୍କ ଆଦେଶମତେ ନିଜ ଇଛାରେ ବର ଖୋଜିବାକୁ ସଙ୍ଗତି ପ୍ରକାଶ କରି ସହଚରୀମାନଙ୍କ ସହ ପତି ଅନ୍ୱେଷଣରେ ବାହାରି ପଡ଼ିଲେ । ଶାଳ୍ୱ ଦେଶର ରାଜା ଦ୍ୟୁମତସେନଙ୍କ ପୁତ୍ର ଥିଲେ ସତ୍ୟବାନ । ଦୈବୀ ଦୁର୍ବିପାକରୁ ସତ୍ୟବାନଙ୍କ ଶୈଶବସ୍ଥାରେ ଦ୍ୟୁମତସେନ ଅନ୍ଧ ହେବା ସହ ରାଜ୍ୟ ହରାଇ ବନବାସୀ ହୋଇଥିଲେ । ସତ୍ୟବାନ ବଣରେ ଫଳମୂଳ ଖାଇ ମୁନି ବୃତି ଅବଲମ୍ବନ କରି ଭକ୍ତି ସହକାରେ ପିତାମାତାଙ୍କ ସେବା କରୁଥିଲେ । ସାବିତ୍ରୀ ଭ୍ରମଣ କରୁ କରୁ ସେହି ବଣରେ ପହଂଚି ସତ୍ୟବାନଙ୍କ ଅସୀମ ପିତୃଭକ୍ତି, ଧର୍ମପରାୟଣତା ଓ ରୂପରେ ମୁଗ୍ଧ ହୋଇଯାଇଥିଲେ ।

ରାଜକୀୟ ଐଶ୍ୱର୍ଯ୍ୟ ଭୋଗବିଳାସ ତ୍ୟାଗ କରି ତାଙ୍କ ସାଙ୍ଗରେ ଜୀବନ ଅତିବାହିତ କରିବା ପାଇଁ ସଂକଳ୍ପ କଲେ । ସତ୍ୟବାନଙ୍କୁ ପତି ରୂପେ ମନୋନୀତ କରି ସେ ପିତାଙ୍କୁ ଜଣାଇଥିଲେ । ଏହି ସମୟରେ ନାରଦ ଉପସ୍ଥିତ ହୋଇ ସତ୍ୟବାନଙ୍କ ଆୟୁଷ ଆଉ ଏକ ବର୍ଷ ଥିବା ସତର୍କ କରାଇ ଦେଇଥିଲେ । ମାତ୍ର ସାବିତ୍ରୀ ନିଜ ନିଷ୍ପତିରେ ଅଟଳ ରହିଥିଲେ । ଶେଷରେ ଉଭୟ ପକ୍ଷଙ୍କ ଅନୁମତି କ୍ରମେ ସାବିତ୍ରୀ ଓ ସତ୍ୟବାନଙ୍କ ଯଥାରୀତି ବିବାହ ସମ୍ପନ୍ନ ହେଲା । ବିବାହ ପରେ ସାବିତ୍ରୀ ପିତୃଗୃହର ରାଜ ସମ୍ପଦ, ବିଳାସ ଓ ଦାସଦାସୀ ବର୍ଗଙ୍କୁ ତ୍ୟାଗ କରି ସ୍ୱାମୀଙ୍କ ସହିତ ତପୋବନର କୁଟୀରରେ ରହି ଶାଶୁ ଓ ଶ୍ୱଶୁରଙ୍କ ସେବାରେ ଲାଗିଲେ । ବିବାହର ଏକ ବର୍ଷ ପୂରିବାକୁ ତିନି ଦିନ ପୂର୍ବରୁ ସାବିତ୍ରୀ ତ୍ରିରାତ୍ର ବ୍ରତ ଅବଲମ୍ବନ କଲେ । ଅନ୍ତରେ ଯେଉଁ ଦିନ ଏକ ବର୍ଷ ପୂରଣ ହେବ, ସେ ଦିନ ସତ୍ୟବାନ ଫଳମୂଳ ଓ କାଠ ସଂଗ୍ରହ କରିବାକୁ ବଣକୁ ଯିବାବେଳେ ସାବିତ୍ରୀ ତାଙ୍କ ସଙ୍ଗରେ ଗଲେ । ବଣରେ ସତ୍ୟବାନ ଅସୁସ୍ଥ ଅନୁଭବ କରିବାରୁ ସାବିତ୍ରୀଙ୍କ କୋଳରେ ମୁଣ୍ଡ ରଖି ନିଦ୍ରା ଗଲେ ଓ ତାହାହିଁ ତାଙ୍କର ମହାନିଦ୍ରା ହେଲା । କିନ୍ତୁ ସାବିତ୍ରୀ ନିଜ ମୃତ ସ୍ୱାମୀଙ୍କ ମସ୍ତକକୁ ନିଜ କୋଳରେ ରଖି ସେଠାରେ ବସି ରହିଲେ । ଯମଦୂତ ଯେତେ ଚେଷ୍ଟା କଲେ ମଧ୍ୟ ସାବିତ୍ରୀଙ୍କ ଠାରୁ ତାଙ୍କ ସ୍ୱାମୀଙ୍କ ପ୍ରାଣ ଛଡ଼ାଇପାରିଲେ ନାହିଁ । ଏହାପରେ ସ୍ୱୟଂ ଯମଦେବ ସେଠାରେ ପହଂଚି ସତ୍ୟବାନଙ୍କ ଜୀବ ଧରି ବାହାରିଲେ । ସାବିତ୍ରୀ ମଧ୍ୟ ଯମଙ୍କୁ ଅନୁଗମନ କଲେ । ଶେଷରେ ତାଙ୍କର ନିଷ୍ଠା ଆଉ ତ୍ୟାଗ ଆଗରେ ଯମ ହାରିଯାଇଥିଲେ । ଯମରାଜା ତାଙ୍କ ସ୍ୱାମୀଙ୍କ ବଦଳରେ ତାଙ୍କୁ ୧୦୦ ପୁତ୍ର ହେବାର ବରଦାନ କରିଥିଲେ । ମାତ୍ର ସାବିତ୍ରୀ ଚତୁରତାର ସହ କହିଥିଲେ ଯେ, ସ୍ୱାମୀ ନଥାଇ ମୁଁ କିପରି ଶତ ପୁତ୍ରର ଜନନୀ ହେବି । ଏହା ଦ୍ୱାରା କ'ଣ ମୋର ସତୀତ୍ୱ ନଷ୍ଟ ହେବନି । ଶେଷରେ ସାବିତ୍ରୀଙ୍କ ଯୁକ୍ତିରେ ହାରି ଏବଂ ତାଙ୍କ ନିଷ୍ଠାରେ ଖୁସି ହୋଇ ସେ ସତ୍ୟବାନଙ୍କ ଜୀବନ ଦାନ କରିଥିଲେ । ମହାଭାରତରେ ବର୍ଣ୍ଣିତ ସାବିତ୍ରୀଙ୍କ ଏହି ଉପାଖ୍ୟାନକୁ ଆଦର୍ଶ ଭାବି ଓଡ଼ିଶାର ସଧବା ନାରୀମାନେ ନିଷ୍ଠାର ସହ ଉପବାସ କରି ଏହି ପର୍ବ ପାଳନ କରିଥାନ୍ତି ।

ଜ୍ୟେଷ୍ଠ ଅମାବାସ୍ୟା ଦିନ ସାବିତ୍ରୀ ବ୍ରତ ପାଳନ ହୁଏ । ଏହି ଦିନ ପ୍ରତ୍ୟେକ ସଧବା ଭୋରୁ ଉଠି ସ୍ନାନଦି କାମ ସାରିଥାନ୍ତି । ପିତୃଘରୁ ଆସିଥିବା ଶାଢ଼ୀ, ଶଙ୍ଖା, ସିନ୍ଦୁର ପିନ୍ଧି ସ୍ୱାମୀଙ୍କ ଶୁଭକାମନା କରି ଶିଳପୁଅକୁ ସାବିତ୍ରୀ ଭାବି ପୂଜାକରିଥାନ୍ତି । ପୂଜାଘରେ ଶିଳପୁଆକୁ ରଖି ଧୂପ, ଦୀପ ସହ ପଣସ, ଆମ୍ବ, ଲିଚି, କଦଳୀ ଆଦି ଭୋଗ ଦିଆଯାଇ ପୂଜା କରାଯାଏ । ସାବିତ୍ରୀ ଗାଥା ବହିକୁ ମହିଳାମାନେ ଏକତ୍ର ପଢ଼ିଥାନ୍ତି । ପରିବାରର ଅନ୍ୟମାନେ ଏହାକୁ ବସି ଶୁଣିଥାନ୍ତି । ବିବାହିତା ମହିଳାମାନେ ଏହିଦିନ ସୂର୍ଯ୍ୟାସ୍ତ ଯାଏଁ କଠୋର ଉପବାସ କରିଥାନ୍ତି । ତେବେ କେତେକ ଜାଗାରେ ମହିଳାମାନେ ଘରେ ପୂଜା ନକରି ମନ୍ଦିର ଯାଉଥିବାରୁ ମନ୍ଦିରମାନଙ୍କରେ ସେଦିନ ବହୁତ ଭିଡ଼ ପରିଲକ୍ଷିତ ହୋଇଥାଏ । ପୁରାଣରେ ବର୍ଣ୍ଣନା ରହିଛି ଯେ, ସାବିତ୍ରୀଙ୍କ ଭଳି କନ୍ୟା କୌଣସି ଗୃହରେ ଜନ୍ମ ନେଇଥିଲେ ପିତୃକୁଳ, ଶ୍ୱଶୁର, ଶାଶୁ ଓ ସ୍ୱାମୀଙ୍କର କଲ୍ୟାଣ ହୋଇଥାଏ ।

ପ୍ଲଟ ନଂ : ୧୦୮୨/ଡ଼ି, ସେକ୍ଟର-୬, ସିଡ଼ିଏ, କଟକ
ଦୂରଭାଷ : ୯୮୬୧୩୫୫୬୨୮

କାହିଁକିସେ ଅତୀତ ଗ୍ରାମ୍ୟ ଚଳନୀ

॥ ଉତ୍କଳାନନ୍ଦ ଅଜୟ କୁମାର ବେହେରା ॥

ଏ ସମୟର ପାଠକ ମାନଙ୍କ ମଧ୍ୟରୁ ଯଦି କେହି ଷାଠିଏ ବର୍ଷ ପୂର୍ବରୁ ଜନ୍ମ ହୋଇଥିବେ, ତେବେ ସେମାନେ ବର୍ତ୍ତମାନର ଗ୍ରାମ୍ୟ ଚଳଣୀୟ ବ୍ୟବସ୍ଥାର ଫରକକୁ ବୁଝାଇବାକୁ ପଡ଼ିବ ନାହିଁ କିନ୍ତୁ ପର ପର ଜନ୍ମିତ ପାଠକ ମାନଙ୍କୁ ଏହା ଏକ କାହାଣୀ ଭଳି ଲାଗି ବିଶ୍ୱାସ ବି ନ ହୋଇପାରେ । ଶୁନୁ ଗାଡ଼ି, ବାଇଶ କଳ, ଶୁଣିଲେ କେମିତି ଲାଗୁଛି, ରାଲେ ହମ୍ବର ସାଇକେଲ ନୂଆ ନୂଆ ସମ୍ଭ୍ରାନ୍ତ ଲୋକଙ୍କ ବିବାହର ଯୌତୁକ ଥିଲା । କେହି ସାଇକେଲରେ ରାସ୍ତା ପୁଣି ନାଲି ବୋତଲର ମୋରମ ବିଛା ଯିବା ରାସ୍ତାରେ ଯାଉଥିଲେ ତାଙ୍କୁ ଉଙ୍କି ମାରି ଲୋକେ ଦେଖିବାକୁ ଧାଇଁ ଆସୁଥିଲେ । ସମ୍ଭ୍ରାନ୍ତ ଲୋକେ ଏହା ପୂର୍ବରୁ ସବାରୀ ପାଲିକିରେ ଖୁଂଟ କାନ୍ଧିଆଙ୍କ ଦ୍ୱାରା ହିଁକୁଳ ଧୋବକ ଡାକ ମୂର୍ଚ୍ଛନାରେ ରାସ୍ତାରେ ଗତା ଗତ ହେଉଥିଲେ, ସେ ପାଲିକି କି ସୁନ୍ଦର ଲାଲ ଭେଲଭେଟ କପଡ଼ାରେ ଆଚ୍ଛାଦିତ ହେଉଥିଲା, ବିବାହକୁ ଏଇ ପାଲିକି ସହ ସାମିଲ କରି ପାଲିକି ଚଢ଼ା ବିବାହ କୁହାଯାଉଥିଲା । ସେତେବେଳେ ଦୁଇ ପ୍ରକାର ବିବାହ ହେଉଥିଲା ପାଲିକି ଚଢ଼ା ଯାହା ସମସ୍ତେ ଜାଣିବା, ଦାଣ୍ଡରେ ବିବାହ ଅନୁଷ୍ଠାନ ଅନ୍ୟଟି ତୋଳାକନିଆ ଘରେ ଘରେ ବିବାହ ଯାହା କେବଳ ଏକ ଜାତି ବା ସମ୍ପ୍ରଦାୟ ପାଟକଙ୍କ ମଧ୍ୟରେ ବିଶେଷ ଆଡ଼ମ୍ବର ନ ହୋଇ ହେଉଥିଲା । ପାଣିଚଢ଼ା ବିବାହ ଏକ ରାଜକୀୟ ବହୁ ଆଡ଼ମ୍ବର ଲୋକ ଦେଖାଣିଆ ବିବାହ ଏଥିରେ ବି ସ୍ୱ ଜାତି ସ୍ୱ ବଂଶ ପରମ୍ପରା ରହୁଥିଲା ।

ବର ଯାଇ କନ୍ୟା ଘରେ ବିବାହ ହେଉଥିଲେ କନ୍ୟା ଏକ ଦାନୀୟ ପଦ୍ମାର ଶ୍ରେଷ୍ଠ ଉପ, କନ୍ୟା ଦାନସହ ଅନେକ ଆନୁସଙ୍ଗିକ ଉପକରଣ ଓ ପରିଧେୟ ବସ୍ତ୍ର ଭୂଷଣ ଗାଈ ନାରିକେଳ ବୃକ୍ଷ ତାରା କଦଳୀ ଗଛ ଟାରା ଦାନୀୟ ପଦାର୍ଥ ରହୁଥିଲା କେହି କେହି କନ୍ୟା ସହ ଭୂମିଦାନ ଉତମ ଆବାସ ଘର ଦାନ, ଯାନବାହାନ ଦାନ କେତେକ ସ୍ଥଳରେ ଶିକ୍ଷପତି ପରିବାରରେ ଶିକ୍ଷାନୁଷ୍ଠାନର ମାଲିକାନା ଦାନ କରାଯାଉଥିଲା । ତୋଳା କନିଆଁ ବିବାହରେ ବରଘରେ ନେଇ କନ୍ୟାକୁ ଦାନ କରାଯାଏ ଓ ବର ପିତା ତାଙ୍କ ପକ୍ଷରୁ ଅନୁଯାଇ ଯଥାଶକ୍ତି ବିବାହ ବେଦୀରେ କନ୍ୟା ନାମ ସର୍ବ ସମକ୍ଷରେ ଉଚ୍ଚାରଣ କରି ଦାନ କରୁଥିଲେ । ଘର କରଣା ଦ୍ରବ୍ୟ, ସଂସାର ବାନ୍ଧିବା ଲୋକର ଧନୀ ଦରିଦ୍ର ଶ୍ରେଣୀ ମଧ୍ୟରେ ବହୁ ଫରକ ଆକାଶ ପାତାଳ ରହିଲେ ବି ପ୍ରତ୍ୟେକଙ୍କ କନ୍ୟାକୁ ଯଥାଶକ୍ତି ଦ୍ରବ୍ୟ ଦେଇ ଥାନ୍ତି । ବିବାହ ପାଇଁ ଗ୍ରାମ୍ୟ ବାସ କୁମ୍ଭାର କଂଟାମାଟିର ମଙ୍ଗଳ ହାଣ୍ଡି, ମାଳୀ ସୋଲ ଜରିରେ ନିର୍ମିତ ମୁକୁଟ, ବରାଦୀସୁନା ରୂପା ଅଳଙ୍କାର ଅର୍ଥ ବଳ ଅନୁଯାୟୀ ବଣିଆ, ତନ୍ତୀ, ପଟରାମାନେ ସେହିପରି ସଙ୍ଖ୍ୟା ଅନୁସାରେ ବସ୍ତ୍ର ପାଟ, ସୂତାର ରକମ ରକମକୁ ମୌଳିକ ରୂପେ ବାହାଶାଢ଼ୀ ଗଇଁଠାଳ, ପାଟିଣିଆ, ପୁତୁଳି ବଣିଆ ବାହାଘର ବେଦୀ ଉପର ପୂଜା ସାମଗ୍ରୀ, ଗୋପାଳ ଘୃତ ଦଧି ଦୁଗ୍ଧ, ବଢ଼େଇ, ପଲଙ୍କ ଆଲମାରୀ, ଆଇଣା, ବାହାପିଢ଼ା, ହୋମକାଠ, ଡଙ୍କୀ ଚଟୁ, କମାର ଲୁହା ଦ୍ରବ୍ୟରେ କୋରଣା ପନିକି, ଲୁହା ଖଡ଼ିକା, ତାମ୍ବା ଆଦି, ଥଟାରି କଂସାରି ବାସନ ଧାତୁପାତ୍ରାଦି, ତେଲି ଘରୁ ବିବାହ ଭୋଜିରେ ଲାଗିବା ତେଲ, ଧୋବାଙ୍କ ଅନୁକୂଳ କାଠକ କଟା ଯାହିଁରେ ବଢ଼େଇ ବାହାପିଢ଼ା କରନ୍ତି, ଆଉ ଜାଲେଣି କାମକୁ ଆସେ, ଶଙ୍ଖୁଆ ଶଙ୍ଖ ବଜା କାମ, ଢୋଲିଆ ମହୁରାଆ ଯୋଡ଼ି ନାଗରାସାହାନାଇ ଢୋଲ ବଜାଇବା କାର୍ଯ୍ୟ, ଚିତ୍ରକାର ବାହାଚିତ୍ରକୋଠି ଲେଖା, ସେହିପରି ଡମଘରୁ କୁଲା ବାଉଁଶିଆ, ପଥୁରିଆ ଶିଳ, ଶିଳପୁଆ, ଚକି, ଏ ସବୁକୁ ଏକ ବିବାହରେ ଯୋଗାଣକାରୀକୁ ଗ୍ରାମର ଅନେକ ମୂଲିଆ ଶ୍ରେଣୀ ଲୋକ ଦେହ ମେହନତ ଶ୍ରମରେ ବିବାହ କାର୍ଯ୍ୟ ହେଉଥିବା ଗୃହରେ ବିଭିନ୍ନ ଆନୁସଙ୍ଗିକ କାର୍ଯ୍ୟରେ ଶ୍ରମ କରି ଥାଆନ୍ତି । ଯଦିବା ମୂଲର ମଜୁରୀ ପାଉଥାନ୍ତି କିନ୍ତୁ କାମ ଗୁଡ଼ିକୁ ନିଖୁତ ଭାବରେ କରିଥାନ୍ତି । ଗ୍ରାମରେ ଯାହାର ବିବାହ କାର୍ଯ୍ୟ ହେଉ ଭଣା ଅଧିକେ ସମସ୍ତେ ସହଯୋଗ କରିଥାନ୍ତି । ଲାଉ ଭାର ପରିବା କଖାରୁ, ବନ୍ଧକ କଦଳୀ, ମାଟି ଆଳୁ, ସାରୁ, ପୋଟଳ, ବିଲାତି ବାଇଗଣ, କୋବି ଆଦି ଲୋକଙ୍କ ଘରକୁ ମଉଳା ମାମୁଁ ଘରୁ ଆସିବା ସହ ବନ୍ଧୁ ବାନ୍ଧବ ମାନେ ଉଦ୍ଦିଷ୍ଟ ବ୍ୟକ୍ତି ସଂଖ୍ୟା ଅନୁସାରେ ବହଷ୍ଣୁ ବଳନୁସାରେ ପଠାଇ ବିବାହଭୋଜୀକୁ ନିର୍ବାହ କରାଉଥିଲେ ।

ଯେ କେହି ମାଟିର ଘର କରନ୍ତୁ କାଠୁ ମୁକଦୁଆ ଭିତି ଭୂମି ପାଇଁ ନିଶ୍ଚେ ସ୍ୱ ବାଡ଼ିରେ ଏକ ବୁବ ବୁଆ ରହିତା ପୋଖରୀ ଘର ନିର୍ମାଣରେ ମାଟିର ଆବଶ୍ୟକ ଅନୁଯାୟୀ କରୁଥିଲେ । ଯାହା ଘର ନିର୍ମାଣ ପରେ ସେ ଜଳାଧାରକୁ ମାଟି ଉଲ ସୁନ୍ଦର ପୂର୍ବରୁ ପଶ୍ଚିମ ଲୟରେ ପୋଖରୀ କାଟି କରିଥାନ୍ତି । ଉତମ ବ୍ୟବସ୍ଥା ଘରର ସ୍ଥିତି ପୋଖରୀର ପଶ୍ଚିମରେ ଘର ପୂର୍ବ ଭାଗରେ ପୋଖରୀ, ଦିଗପାଳ ସ୍ଥିତିରେ ପୂର୍ବର ମାଲିକ ଇନ୍ଦ୍ର ଯେ ଆକାଶରୁ ବର୍ଷା ଜଳର ମାଲିକ, ପଶ୍ଚିମର ମାଲିକ ବରୁଣ ଯେ ପୃଥ୍ୱୀ ଜଳର ଅଧିକାରୀ ସେ ଘରଟି ପୋଖରୀ ପଶ୍ଚିମ ସ୍ଥିତି ଅର୍ଥ ବରୁଣଆଳୟ ଯେଉଁଠି ସେ ଘରର କନ୍ୟା ଲକ୍ଷ୍ମୀ ସ୍ୱରୂପିଣୀ ଉତମା ଗୃହ ଲକ୍ଷ୍ମୀ ଶାଶୁ ଘରେ ହୋଇଥାନ୍ତି । ସାଗର କନ୍ୟା ଲକ୍ଷ୍ମୀ ଦେଖନ୍ତୁ, ମହୋଦଧିର ପଶ୍ଚିମରେ ବରୁଣ ମନ୍ଦିର ଏବେ ବି ରହିଛି । ସେହି ପୋଖରୀରେ ଥିବା ପକ୍ଷୀ ମାଛ ସେ ଗୃହରେ ପୁଅ ବିବାହ ହେଉ ଝିଅ ବିବାହ ହେଉ ମାଛ ଭୋଜିର ଏକ ଅମୋଦୀ ଭୋଜ୍ୟ ଯାହା ବିଭାଘରେ ବହିନୀ ଭାରରେ ପଠାଯାଉଥିଲା । ମାଛ ସହ ଦହି ଭାରର ଅନ୍ୟ ଏକ ସାଥି କନ୍ୟା ଘରକୁ ବର ଘର ବହିନୀ ବା ଅଦ୍ୟ ଭାର, ଯାହା ଲୋକେ ଦେଖୁଥିଲେ । ବର ରୋଷଣୀ ପଟୁଆରରେ କନ୍ୟା ଘରକୁ ଆସିଲାବେଳେ ବାଜାବାଣ ଝାଡ଼ ଆଲୁଅ ଡେଲାଇଟି ଲଣ୍ଠନ ଲାଇଟି ଆଲୁଅରେ କେତେ ପ୍ରକାର ଖେଳ ବନାଟିବୁଲା, ଫେରିଖେଳ, ଖଣ୍ଡାବୁଲା, କାଗଜରେ ପ୍ରସ୍ତୁତ ରାଜାରାଣୀ ମୂର୍ତ୍ତି, କ୍ଷଣ ଲଢ଼େଇ, କିଛି ସୁଆଙ୍ଗ ଯାହା ପଥପ୍ରାନ୍ତ ନାଟକ, ବାଣ ଫୁଟାଇରେ ରସ କଦମ ଚରଖା ଜାବେଜୀ ଘଡ଼ିବାଣ ଆତ୍ମାଜବାଣ ବମ ଫୁଟାଇ ବର ଦାଣ୍ଡ ଚମକାଇ ଆସୁଥିଲେ । ବରଯାତ୍ରୀ ସାମନ୍ତ କୁଣିଆଁ ବର ତରଫ ପୁରୋହିତ ଏମାନଙ୍କର ସ୍ୱତନ୍ତ୍ର ସମ୍ମାନ କନ୍ୟା ଘରେ ଦିଆଯାଉଥିଲା, ପାଦ ଧୌତ, ପୁଷ୍ପଗୁଚ୍ଛ ବା ମାଲ୍ୟ ପ୍ରଦାନ, ମହାପ୍ରସାଦ ଅର୍ପଣ ପରେ ଭୋଜସ୍ଥାନକୁ ବାଟକଢ଼େଇ ନେଇ ବସାଇ ସମ୍ମାନ ସହ ଖାଦ୍ୟ ପରିବେଷଣ କରାଇ ତୃପ୍ତି କରାଉଥିଲେ । ସବାରୀ ପାଲିଙ୍କୀ ଗଲା ଝାଡ଼ ଲାଇଟ ଗଲା ସେ ରୋଶଣୀ ପଟୁଆରଗଲା, କନ୍ୟାଦାନ କନ୍ୟା ପିତୃ ଗୃହରେ ହେଉ ନାହିଁ ଭଡ଼ାନିଆ କଲ୍ୟାଣ ମଣ୍ଡପରେ ଡ୍ରାମାବେଦୀରେ ବିବାହକୁ ଡ୍ରାମା ମଣ୍ଡପରେ ବରକନ୍ୟା ଅଷ୍ଟମଙ୍ଗଳା ଯାଏ ଯେଉଁମାନେ ଇନ୍ଦ୍ରାଣୀ କର୍ମରେ ଇନ୍ଦ୍ରାଣୀ ବୈଦିକ ମନ୍ତ୍ରରେ ପୁରୋହିତ କରାଇଥାନ୍ତି, ସେବେନି ଉପଢ଼ୌକନ ଦାତାଙ୍କୁ ହାତଯୋଡ଼ି ପ୍ରଣାମ କରି ତାହା ଗ୍ରହଣ କରୁଛନ୍ତି । ଏହା ପରମ୍ପରାର ସଂସ୍କାର ନା ସଂହାର ଲୋକେ କହିବେ ।

ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ
ଦୂରଭାଷ : ୯୪୩୭୧୦୩୧୨୫୩

ୱିଂଟର ଭୋମିଟିଂ ଓ ନୋରା ଭାଇରସ୍

॥ ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ବର୍ତ୍ତମାନ ଚାରିଆଡ଼େ କୁହୁଡ଼ିର ଚାଦର । ଶୀତୁଆ ପରିବେଶରେ କୋହଲା ଥଣ୍ଡା ପବନ ଜନ ଜୀବନକୁ ଅସ୍ତବ୍ୟସ୍ତ କରିବା ସହ ଅନେକଙ୍କ ପାଇଁ ବିଭିନ୍ନ ଶାରୀରିକ ସମସ୍ୟା ସବୁ ସୃଷ୍ଟି କରୁଛି । ଏହିପରି ସମୟରେ ବିଶେଷକରି ଶୀତ ଦିନେ ପ୍ରାୟତଃ ଶରୀର ଉତାପ ଖୋଜିଥାଏ ଏବଂ ଥଣ୍ଡା ହେବା ସ୍ୱାଭାବିକ । ତେବେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ଶୀତୁଆ ପରିବେଶରେ ଝାଡ଼ାବାନ୍ତି ହେଲେ ଏହାକୁ ହାଲକା ଭାବେ ଗ୍ରହଣ କରନ୍ତୁ ନାହିଁ । ତେବେ ଏହାଠାରୁ ଆହୁରି ବଡ଼ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଶୀତ ଦିନରେ ଅସ୍ୱାଭାବିକ ଭାବେ ବାନ୍ତି ହେବା । ବାନ୍ତି ହେବା ଯେ ଏକ ବଡ଼ ରୋଗ ଆମେ କହୁନା କିନ୍ତୁ ଏହି ବାନ୍ତି ୱିଂଟର ଭୋମିଟିଂ ନୁହେଁ ତ ?

ୱିଂଟର ଭୋମିଟିଂର ମୂଳ କାରଣ ହୋଇଥାଏ ନୋରୋ ଭାଇରସ । ନୋରୋ ଭାଇରସକୁ ଶୀତକାଳୀନ ବାନ୍ତି ଜୀବାଣୁ ମଧ୍ୟ କୁହାଯାଇଥାଏ । ଏହା ଏପରି ଏକ ଜୀବାଣୁ ଯାହା ଶରୀରରେ ପ୍ରବେଶ କଲା ପରେ ବାନ୍ତି ଓ ବାରମ୍ବାର ମଳତ୍ୟାଗ ହେବାଭଳି ସମସ୍ୟା ସୃଷ୍ଟି ହୋଇଥାଏ । ବିଶେଷକରି ଶିଶୁ ମାନଙ୍କୁ ଏହି ଜୀବାଣୁ ଅଧିକ ହାନି ପହଂଚାଇଥାଏ । ଜଳ ଓ ବାୟୁ ଦ୍ୱାରା ବ୍ୟାପିଥାଏ ଏହି ଭାଇରସ । ସ୍ୱାସ୍ଥ୍ୟ ବିଜ୍ଞାନ କ୍ଷେତ୍ରରେ ଏହାକୁ ଝାଡ଼ା ଓ ବାନ୍ତିର ଅଧିକ ସଂକ୍ରାମକ ରୂପ ବୋଲି କୁହାଯାଏ । ଏକ ଆମେରିକୀୟ ସ୍ୱାସ୍ଥ୍ୟ ପତ୍ରିକାରେ ପ୍ରକାଶ ପାଇଥିବା ରିପୋର୍ଟ ମୁତାବକ ପ୍ରତ୍ୟେକ ବର୍ଷ ଆମେରିକାରେ ପ୍ରାୟ ୨୦ ନିୟୁତରୁ ଅଧିକ ଲୋକ ନୋରୋ ଭାଇରସରେ ଆକ୍ରାନ୍ତ ହୁଅନ୍ତି । ୨୦୨୨-୨୩ ବର୍ଷ ତୁଳନାରେ ୨୦୨୪-୨୫ରେ ଏହି ଭାଇରସ ୪୯ ପ୍ରତିଶତ ବୃଦ୍ଧି ପାଇଥିବା ବିଭିନ୍ନ ରିସର୍ଚ୍ଚରୁ ସ୍ପଷ୍ଟ ହୋଇଛି । ଭାରତରେ ଏହି ସ୍ୱାସ୍ଥ୍ୟ ସମସ୍ୟା ସବୁ ସ୍ଥାନରେ ଦେଖିବାକୁ ମିଳୁନଥିଲେ ବି କିଛି କିଛି ସ୍ଥାନରେ ଏହି ସମସ୍ୟା ପିଲାମାନଙ୍କ ଠାରେ ଦେଖିବାକୁ ମିଳୁଥିବାର ଖବର ଆସୁଛି ।

ନୋରୋ ଭାଇରସର ଲକ୍ଷଣ ଦେଖିବାକୁ ମିଳେ ସଂକ୍ରମଣର ୧୨ରୁ ୪୮ ଘଂଟା ମଧ୍ୟରେ । ଝାଡ଼ା, ବାନ୍ତି, ପେଟ ଯନ୍ତ୍ରଣା ସହ ଏହି ସଂକ୍ରମଣ ସମୟରେ ଅତ୍ୟଧିକ ମୁଣ୍ଡବିନ୍ଧା ମଧ୍ୟ ହୋଇଥାଏ । ପେଟ ଯନ୍ତ୍ରଣା ବଢ଼ିଲେ ଏହା ଆପଣଙ୍କ ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ କୁହାଯାଉଥିବା ଲିଭରକୁ ସଂକ୍ରମିତ କରିବାର ସମ୍ଭାବନା ରହିଥାଏ ଯାହାଦ୍ୱାରା ପୀଡ଼ିତ ଜଣଙ୍କୁ ଭୋକ ଲାଗିନଥାଏ କିମ୍ବା କୌଣସି ପ୍ରକାର ଖାଦ୍ୟ ଏପରିକି ପାନୀୟ ଗ୍ରହଣ କରିବା ମାତ୍ରେ ତତ୍କାଳ ବାନ୍ତି ହୋଇଯାଏ । କିନ୍ତୁ ଜ୍ୱର କିମ୍ବା ବିଶେଷ ଭାବରେ ଶରୀରରେ ଯନ୍ତ୍ରଣା ଅନୁଭବ ହୁଏ ନାହିଁ । ଏହି ରୋଗ ପାଇଁ ସେଭଳି କୌଣସି ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା ନାହିଁ । ରୋଗ ହେବା ପରେ ୨-୩ ଦିନ ଯାଏ ଏହି ଭାଇରସର ପ୍ରଭାବ ଦେଖିବାକୁ ମିଳେ । ୩ ଦିନ ଭିତରେ ହିଁ ଏହି ରୋଗ ଦୂରେଇ ଯାଏ । ଯେହେତୁ ଝାଡ଼ାବାନ୍ତି ରୋଗର ପ୍ରମୁଖ ଲକ୍ଷଣ, ତେଣୁ ଏହି ସଂକ୍ରମଣ ସମୟରେ ଅଧିକ ପାଣି ପିଇବା ଓ ଇଲେକ୍ଟ୍ରୋଲାଇଟ ଥିବା ତରଳ ପାନୀୟ ପିଇବା ଜରୁରୀ । ଶରୀରର ଜଳୀୟ ଅଂଶ ବଜାୟ ରଖିବା ଏହି ରୋଗର ପ୍ରମୁଖ ଚିକିତ୍ସା । ବାରମ୍ବାର ସାନିଟାଇଜର ଦ୍ୱାରା ହାତ ଧୋଇବା, ଶୌଚାଳୟକୁ ସଫା ରଖିବା, ଘରର ଚଟାଣ ଭଲ ଭାବେ ପରିଷ୍କାର କରିବା ପାଇଁ ଡିସଇନଫେକ୍ଟାଂଟ ବ୍ୟବହାର କରିବା ଦ୍ୱାରା ନୋରୋ ଭାଇରସର ସଂକ୍ରମଣ କମିଯାଇପାରେ । ଏହା ବ୍ୟତୀତ ସଂକ୍ରମିତ ବ୍ୟକ୍ତିଙ୍କ ସିଧାସଳଖ ସଂସର୍ଶରେ ଆସିଲେ ମଧ୍ୟ ଏହି ରୋଗ ବ୍ୟାପିଥାଏ । ତେଣୁ ସଂକ୍ରମିତ ବ୍ୟକ୍ତିଙ୍କର ସିଧାସଳଖ ସଂପର୍କରେ ଆସିବାରୁ ଦୂରେଇ ରହିବାକୁ ଚେଷ୍ଟା କରନ୍ତୁ । ନୋରୋ ଭାଇରସ ଦ୍ୱାରା ସଂକ୍ରମିତ ବ୍ୟକ୍ତି ଅନ୍ୟମାନଙ୍କ ପାଇଁ ରୋଷେଇ କରିବା ମଧ୍ୟ ଅନୁଚିତ ।

ୱିଂଟର ଭୋମିଟିଂରେ ସବୁ ବର୍ଗର ଲୋକ ଆକ୍ରାନ୍ତ ହେବାର ଆଶଙ୍କା ଥାଏ । କିନ୍ତୁ ବୟସ୍କ ଓ ଶିଶୁମାନଙ୍କ ପାଇଁ ସଂକ୍ରମଣ ଆଶଙ୍କା ଅଧିକ । ବିଦେଶରେ ବିଶେଷକରି ଆମେରିକାର ମିଶିଗାନ, କାଲିଫର୍ଣ୍ଣିଆ, ନ୍ୟୁଜର୍ସି ଆଦି ସ୍ଥାନରୁ ଉଲ୍ଲେଖନୀୟ ସଂଖ୍ୟକ ରୋଗୀ ଚିହ୍ନଟ ହୋଇଛନ୍ତି । ଅଧ୍ୟୟନରୁ ଜଣାପଡ଼ିଛି ଯେ ଆକ୍ରାନ୍ତଙ୍କ ମଧ୍ୟରେ ଅଧିକାଂଶ ବୟସ ୬୫ ବର୍ଷରୁ ଊର୍ଦ୍ଧ୍ୱ ଓ ବଳକା ସଂକ୍ରମିତଙ୍କ ମଧ୍ୟରେ ଶିଶୁମାନଙ୍କ ସଂଖ୍ୟା ଅଧିକ । ଅନ୍ୟ ଏକ ସଂକ୍ରମିତ ବହୁଳ ଅଂଚଳ ଭର୍ଜିନିଆରେ ବିଦ୍ୟାଳୟମାନଙ୍କରେ ଶିଶୁମାନେ ଅଧିକ ସଂକ୍ରମିତ ହେଉଥିବାର ନଜର ରହିଛି । ୱିଂଟର ଭୋମିଟର ଲକ୍ଷଣ ଦେଖାଗଲେ ଅବହେଳା ବା ଅଣଦେଖା କରିବା ଠିକ ନୁହେଁ । ୱିଂଟର ଭୋମିଟ ସମସ୍ୟା ବିଷୟରେ ଠିକ ଭାବେ ଡାକ୍ତରଙ୍କୁ ଜଣାଇପାରିଲେ ଶୀଘ୍ର ଆରୋଗ୍ୟ ହେବା ସହଜ ହୋଇଥାଏ । ସର୍ବପ୍ରଥମେ ଏ ନେଇ ନିକଟସ୍ଥ ସରକାରୀ ଡାକ୍ତରଖାନା କିମ୍ବା ଲିଭର ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ । ବିଶୁଦ୍ଧ ପାଣି ଓ ସୁଷମ ଖାଦ୍ୟ ଗ୍ରହଣ କରିବା ସହ ନିରାମିଷ ଖାଦ୍ୟ ସବୁଠାରୁ ଭଲ । ସମସ୍ତ ପ୍ରକାର ନିଶାଦ୍ରବ୍ୟ ଠାରୁ ଦୂରେଇ ରୁହନ୍ତୁ । ବାହାର ଖାଦ୍ୟ, ଫାଷ୍ଟଫୁଡ, ବାସି ଖାଦ୍ୟ ଓ ଫ୍ରିଜ୍‌ରେ ରହିଥିବା ଥଣ୍ଡା ଖାଦ୍ୟ ନଖାଇବା ଭଲ । ଭୋକ ନ ଲାଗୁଥିଲେ ବାଧ୍ୟବାଧକତାରେ କୌଣସି ଖାଦ୍ୟ ଗ୍ରହଣ କରନ୍ତୁ ନାହିଁ । ୱିଂଟର ଭୋମିଟିଂ ସେପରି ଏକ ଗୁରୁତର ପେଟ ନୁହେଁ । ଏହାକୁ ନେଇ ଆତଙ୍କିତ ହୁଅନ୍ତୁ ନାହିଁ କିମ୍ବା କୌଣସି ଗୁଜବକୁ ପ୍ରଚାର ପ୍ରସାର କରନ୍ତୁ ନାହିଁ । ବରଂ ନିଜେ ସତର୍କ ରହି ଅନ୍ୟମାନଙ୍କୁ ସତର୍କ ରହିବା ପାଇଁ ପରାମର୍ଶ ଦିଅନ୍ତୁ ।

ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

ଧାମନଗର ଏସିଡିସି ବୈଠକରେ ବିକାଶମୂଳକ କାର୍ଯ୍ୟର ସମୀକ୍ଷା

ଭଦ୍ରକ, ୧୪/୦୫(ଆ.ପ୍ର) : ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଧାମନଗର ନିର୍ବାଚନ ମଣ୍ଡଳୀ ବିକାଶ କମିଟି (ଏସିଡିସି) ବୈଠକ ଅନୁଷ୍ଠିତ ହୋଇଯାଇଛି । ଉଚ୍ଚ ଶିକ୍ଷା, ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ କ୍ରୀଡା ବିଭାଗ ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ବୈଠକରେ ଯୋଗଦେଇ ବିଗତ ବର୍ଷ ଓ ଚଳିତ ବର୍ଷରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନା ଓ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମୀକ୍ଷା କରିଥିଲେ । ବୈଠକରେ ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଜଳସେଚନ, ଖାଉଟି ଯୋଗାଣ, ମତ୍ସ୍ୟ, ଉଦ୍ୟାନ, ଗମନାଗମନ, ମିଶନ ଶକ୍ତି, ପ୍ରାଣୀ ସମ୍ପଦ, ଉଠା ଜଳସେଚନ, ପୂର୍ତ୍ତ, ଗୃହ ନିର୍ମାଣ, ଗ୍ରାମ୍ୟ ଉନ୍ନୟନ ଓ ଜଳ ନିଷ୍କାସନ ବିଭାଗର ଚାଲିଥିବା ପ୍ରକଳ୍ପ କାର୍ଯ୍ୟ ସଠିକ୍ ଭାବେ ଚାଲୁଛି କି ନାହିଁ, ସେନେଇ ଖୁବ୍ ତଥ୍ୟାତ୍ମକ ଆଲୋଚନା ହୋଇଥିଲା । ଆଗାମୀ ବର୍ଷା ଋତୁ ପୂର୍ବରୁ ସମସ୍ତ ଅପୂର୍ଣ୍ଣ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାଛଡା ଧାନ ଚାଷ, ତୈଳବୀଜ ଫସଲ, ଝୋଟ, ମାଛ ଚାଷ, ଛତୁ ଚାଷ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଆର୍ଥିକ ସ୍ୱାବଲମ୍ବନ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା । ସ୍ୱୟଂ ସହାୟକ ଗୋଷ୍ଠୀମାନେ ନିଜେ ପ୍ରସ୍ତୁତ କରୁଥିବା ସାମଗ୍ରୀର ବିକ୍ରୟ ବୃଦ୍ଧି କରି ଅଧିକ ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ବୈଠକରେ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ସମେତ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ - ନୂଆପଡା ଅଭିଯାନକୁ ଶକ୍ତି ଦେଲା ରଜନା ସରପଂଚଙ୍କ ଏକ ନିଆରା ପ୍ରୟାସ

ନୂଆପଡ଼ା,୧୪/୦୫(ଆ.ପ୍ର) : ନୂଆପଡା ଜିଲ୍ଲାରେ ପରିବେଶ ସୁରକ୍ଷା ଓ ପ୍ଲାଷ୍ଟିକ ମୁକ୍ତ ସମାଜ ଗଠନ ନିମନ୍ତେ ଚାଲିଥିବା " ଏସ ୟୁ ପି ଫ୍ରି ନୂଆପଡା" ଅଭିଯାନ ବର୍ତ୍ତମାନ ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି । ଏହି ଅଭିଯାନକୁ ନୂଆ ଦିଗ ଦେଇଛି କୋମନା ବ୍ଲକର ଜଣେ ସରପଂଚଙ୍କ ନିଆରା ପଦକ୍ଷେପ । ରଜନା ଗ୍ରାମ ପଂଚାୟତର ସରପଂଚ କ୍ଷୀରସିନ୍ଧୁ ଭୋଇ ଏକ ବିବାହ ଉତ୍ସବରେ ଗ୍ରାମ ପଂଚାୟତର "ବର୍ତ୍ତନ ବ୍ୟାଙ୍କ" ବ୍ୟବହାରକୁ ପ୍ରୋତ୍ସାହନ ଦେଇ ପ୍ରାୟ ଏକ ଟନ ପ୍ଲାଷ୍ଟିକ ଆବର୍ଜନାକୁ ରୋକିବାରେ ସଫଳ ହୋଇଛନ୍ତି । ସାଧାରଣତଃ ବିବାହ ଓ ସାମାଜିକ ଉତ୍ସବମାନଙ୍କରେ ପ୍ଲେଟ୍, ପ୍ଲାଷ୍ଟିକ ଗ୍ଲାସ, କପ୍, ଚାମଚ, ପାଣି ପାଉଚ ଓ ବୋତଲ ଭଳି ଏକକ ବ୍ୟବହୃତ ସାମଗ୍ରୀର ବ୍ୟାପକ ବ୍ୟବହାର ହୋଇଥାଏ । ଏହା ପରିବେଶ ପ୍ରଦୂଷଣ ସହିତ ଗ୍ରାମାଂଚଳରେ ପ୍ଲାଷ୍ଟିକ ଆବର୍ଜନାର ପରିମାଣ ବଢ଼ିଯାଏ । କିନ୍ତୁ ସରପଂଚ କ୍ଷୀରସିନ୍ଧୁ ଭୋଇ ଏହାକୁ ରୋକିବା ପାଇଁ ସ୍ୱୟଂ ଦାୟିତ୍ୱ ନେଇ ବିବାହ ଆୟୋଜକଙ୍କୁ ବର୍ତ୍ତନ ବ୍ୟାଙ୍କ ବ୍ୟବହାର ପାଇଁ ପ୍ରେରିତ କରିଥିଲେ । ଫଳସ୍ୱରୂପ ସମଗ୍ର ଆୟୋଜନ ପରିବେଶବାନ୍ଧବ ଭାବରେ ସଫଳ ହୋଇଥିଲା । ଏହି ପଦକ୍ଷେପ କେବଳ ପ୍ଲାଷ୍ଟିକ ବ୍ୟବହାର କମେଇବାରେ ସୀମିତ ରହିନଥିଲା ବରଂ ସମାଜକୁ ପରିବେଶ ପ୍ରତି ସଚେତନ କରିବାରେ ମଧ୍ୟ ଏକ ଶକ୍ତିଶାଳୀ ସନ୍ଦେଶ ଦେଇଛି । ସରପଂଚଙ୍କ ଏହି ଉଦ୍ୟମ ଦେଖି ସ୍ଥାନୀୟ ଲୋକମାନେ ମଧ୍ୟ ବହୁତ ପ୍ରେରିତ ହୋଇଥିବା ଦେଖାଯାଉଛି । ଅନେକେ ଆଗାମୀ ସାମାଜିକ କାର୍ଯ୍ୟକ୍ରମରେ ଏଭଳି ପରିବେଶବାନ୍ଧବ ବ୍ୟବସ୍ଥାକୁ ଅନୁକରଣ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି । ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶ ସରପଂଚଙ୍କ ଏହି ପଦକ୍ଷେପକୁ ପ୍ରଶଂସା କରିବା ସହିତ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଜିଲ୍ଲାପାଳ କହିଛନ୍ତି ଯେ, "ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ ନୂଆପଡା" ଅଭିଯାନର ସଫଳତା ପାଇଁ ଏପରି ସାମୁଦାୟିକ ଭାଗୀଦାରି ଅତ୍ୟନ୍ତ ଆବଶ୍ୟକ । ସେ ଅନ୍ୟ ସମସ୍ତ ସରପଂଚ, ସମାଜସେବୀ ଓ ଗୋଷ୍ଠୀର ନେତାମାନଙ୍କୁ ମଧ୍ୟ ଏହି ଲୋକକେନ୍ଦ୍ରିକ ପ୍ରୟାସକୁ ଅନୁସରଣ କରିବାକୁ ଆହ୍ୱାନ କରିଛନ୍ତି । ଜିଲ୍ଲା ପ୍ରଶାସନର ମତାନୁସାରେ ପ୍ଲାଷ୍ଟିକ ମୁକ୍ତ ସମାଜ ଗଠନ କେବଳ ସରକାରୀ ନିୟମରେ ସମ୍ଭବ ନୁହେଁ । ଏଥିପାଇଁ ସାଧାରଣ ଲୋକଙ୍କ ସଚେତନତା ଓ ସହଯୋଗ ଅତ୍ୟାବଶ୍ୟକ । କୋମନା ବ୍ଲକର ଏହି ପ୍ରୟାସ ପ୍ରମାଣ କରିଦେଇଛି ଯେ, ଯଦି ଗ୍ରାମ ସ୍ତରରେ ନେତୃତ୍ୱ ସଚେତନ ହୁଏ ତେବେ ପରିବେଶ ସୁରକ୍ଷା ଏକ ସାମୂହିକ ଆନ୍ଦୋଳନର ରୂପ ନେଇପାରେ । ସରପଂଚଙ୍କ ଏହି ନିଆରା ପଦକ୍ଷେପ ବର୍ତ୍ତମାନ ସମଗ୍ର ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଥିବାବେଳେ,ଏହା ଆଗାମୀ ଦିନରେ ପରିବେଶବାନ୍ଧବ ସମାଜ ଗଠନରେ ଏକ ପ୍ରେରଣାଦାୟକ ମଡେଲ୍ ଭାବେ ପରିଗଣିତ ହେବ ବୋଲି ସାଧାରଣରେ ଆଶା ପ୍ରକାଶ ପାଇଛି ।

ଅତିରିକ୍ତ ବିଡିଓ ମାନମନି ବିଏଲଓ କରୁଛନ୍ତି ଜନଗଣନା

ଟାଙ୍ଗୀ-ଚୌଦ୍ୱାର, ୧୪/୦୫(ଆ.ପ୍ର) : ଟାଙ୍ଗୀ-ଚୌଦ୍ୱାର ବ୍ଲକରେ ବ୍ଲକ ପ୍ରଶାସନ ତଥା ମଣ୍ଡଳ ଉନ୍ନୟନ ଅଧିକାରୀଣୀଙ୍କ ଦ୍ୱାରା ସରକାରୀ ନିୟମକୁ ଖୋଲମଖୋଲା ଉଲଂଘନ କରାଯାଇଥିବା କୁ ନେଇ ଭାଜପା କଟକ ଜିଲା ଗ୍ରାମୀଣ ଉପସଭାପତି ହିଂମାଂଶୁ ମହାନ୍ତି ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି । ଅଭିଯୋଗ ମୁତାବକ, ସରକାରଙ୍କ ସ୍ପଷ୍ଟ ନିର୍ଦ୍ଦେଶ ଅନୁସାରେ ବି ଏଲ ଓ କାର୍ଯ୍ୟରେ ନିୟୋଜିତ ଥିବା କର୍ମଚାରୀମାନଙ୍କୁ ଜନଗଣନା କାର୍ଯ୍ୟରେ ସମ୍ପୃକ୍ତ ନକରିବାକୁ ବିଜ୍ଞପ୍ତି ଜାରି ହୋଇଥିବା ସତ୍ତ୍ୱେ, ଟାଙ୍ଗୀ-ଚୌଦ୍ୱାର ବ୍ଲକରେ ବିଏଲ୍ ଓଦିଲୀପ ଲେଙ୍କା, ଅକ୍ଷୟ ଛାଟୀ, ପ୍ରସନ୍ନ ସ୍ୱାଇଁଙ୍କୁ ଜନଗଣନା ସୁପରଭାଇଜର ଭାବେ ନିଯୁକ୍ତି ପ୍ରଦାନ କରାଯାଇଥିବା ଜଣାପଡ଼ିଛି । ଏହି ଘଟଣା ପ୍ରଶାସନିକ ନିୟମକୁ ଉଲଂଘନ କରିବା ସହିତ ସରକାରୀ ପ୍ରକ୍ରିୟାର ପାରଦର୍ଶିତାକୁ ପ୍ରଶ୍ନବାଚକ କରୁଛି । କେଉଁ ନିୟମ ଅନୁସାରେ ଏହି ନିଯୁକ୍ତି ପ୍ରଦାନ କରାଯାଉଛି ଏବଂ କାହିଁକି ସରକାରଙ୍କ ନିର୍ଦ୍ଦେଶକୁ ଅଣଦେଖା କରାଯାଉଛି, ତାହାର ନିରପେକ୍ଷ ତଦନ୍ତ ଅତ୍ୟାବଶ୍ୟକ ବୋଲି ଅଭିଯୋଗରେ ଉଲ୍ଲେଖ ରହିଛି ।ଘଟଣାର ନିରପେକ୍ଷ ତଦନ୍ତ କରି ଯଦି କୌଣସି ଅନିୟମିତତା ପ୍ରମାଣିତ ହୁଏ, ତେବେ ସମ୍ପୃକ୍ତ ଅତିରିକ୍ତ ବିଡ଼ିଓ ଶ୍ୱାସତ ଜେନାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ମହାନ୍ତି ଦାବୀ କରିଛନ୍ତି । ଏ ନେଇ ବିଡ଼ିଓ ଏନଏନ୍ ରାଜଲକ୍ଷ୍ମୀ ଓଝାଙ୍କୁ ପଚାରିବାରୁ ଜନଗଣନା ନୁହେଁ ଭୋଟର ଲିଷ୍ଟ ତ୍ରୁଟି ସଂଶୋଧନ ସମ୍ପର୍କରେ ବୁଝିବା ପାଇଁ ଯାଇଥିଲେ ବୋଲି କହିଥିଲେ ।

ତିର୍ତୋଲ ତାଲୁକ ଆଇନି ସେବା କମିଟି ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ତିର୍ତୋଲ, ୧୪/୦୫(ଆ.ପ୍ର) : ତିର୍ତୋଲ ତାଲୁକ ସେବା କମିଟି ପକ୍ଷରୁ ମଣିଜଙ୍ଗା ପଂଚାୟତ ରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ପଂଚାୟତ ସଭାଗୃହ ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ତାଲୁକ ଆଇନି ସେବା ସମିତି ଅଧ୍ୟକ୍ଷ ତଥା ତିର୍ତୋଲ ବିଚାରବିଭାଗୀୟ ଅଦାଲତର ବିଚାରପତି ସିଓନା ସିଦ୍ଧାର୍ଥ ସେଠି, ମଣିଜଙ୍ଗା ପଂଚାୟତ ସରପଂଚ ସଶଧର ମଲ୍ଲିକ, ପୂର୍ବତନ ସରପଂଚ ଅନୀଳ ସ୍ୱାଇଁ,ସମାଜ ସେବି ସୁଶାନ୍ତ ସାହୁ, ଏ ବି କେ ମମତା ମଞ୍ଜରୀ ପଟ୍ଟନାୟକ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଫଂଚାୟତର ଶତାଧିକ ଲୋକ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । କୋର୍ଟ କର୍ମଚାରୀ, କୋର୍ଟ ପୋଲିସ, ପଂଚାୟତ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ ।

ମହାରଣା ଯୋଗଦେଇ କଠିନ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ତିର୍ତୋଲ ଓକିଲ ସଂଘ ସଭାପତି ସରୋଜ କୁମାର ପାଣିଗ୍ରାହୀ, ସମ୍ପାଦକ ଟୁକନ ଚରଣ

ଗଜପତି ଆଦର୍ଶ ବିଦ୍ୟାଳୟର ଏମ୍. ଯୋଗାନନ୍ଦ ଦ୍ୱାଦଶ ସିବିଏସଇରେ ଜିଲ୍ଲାର ଟପ୍ପର

ପାରଳାଖେମୁଣ୍ଡି, ୧୪/୦୫(ଆ.ପ୍ର) : ସିବିଏସଇ ଦ୍ୱାଦଶ ଶ୍ରେଣୀର ପରୀକ୍ଷାଫଳ ପ୍ରକାଶ ପାଇଛି । ଏଥିରେ ଗଜପତି ଜିଲ୍ଲାର ରାୟଗଡ଼ ବ୍ଲକର କଇଠପଦର ଓଡିଶା ଆଦର୍ଶ ବିଦ୍ୟାଳୟର ଏମ୍.ଯୋଗାନନ୍ଦ ବିଜ୍ଞାନରେ ଟପ୍ପର (୯୨.୨) ହୋଇଛନ୍ତି । ଗଜପତି ଜିଲ୍ଲାର ବିଭିନ୍ନ ଓଡିଶା ଆଦର୍ଶ ବିଦ୍ୟାଳୟର ପରୀକ୍ଷା ଫଳରେ କଇଠପଦରର ୧୪ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୯ ଜଣ ବିଜ୍ଞାନରେ ଉତୀର୍ଣ୍ଣ ହୋଇଛନ୍ତି । ସେଥିରୁ ଏ୧ରେ ୧ , ଏ୨ରେ ୨ , ବି୧ରେ ୨, ବି୨ରେ ୪ ଜଣ ଉତୀର୍ଣ୍ଣ ହୋଇଛନ୍ତି । ସେହିପରି ବାଣିଜ୍ୟ ବିଭାଗରେ ୧୬ ଜଣଙ୍କ ମଧ୍ୟରୁ ୧୩ ଜଣ ପାସ୍ କରିଛନ୍ତି । ସେଥିରୁ ବି୧ରେ ୭, ବି୨ରେ ୨, ସି ୧ ରେ ୨ ଏବଂ ସି୨ରେ ୨ ଜଣ ଉତୀର୍ଣ୍ଣ ହୋଇଛନ୍ତି । ସେହିପରି ନୂଆଗଡ଼ ବ୍ଲକର ପତିମଳ ବିଦ୍ୟାଳୟର ୪ ଜଣଙ୍କ ମଧ୍ୟରୁ ୩ ଜଣ ପାସ୍ ହୋଇଛନ୍ତି । ସମସ୍ତେ ବି୨ରେ ପାସ୍ କରିଛନ୍ତି । ଗୁମ୍ମା ବିଦ୍ୟାଳୟର ୯ ଜଣଙ୍କ ମଧ୍ୟରୁ ୮ ଜଣ ପାସ୍ ହୋଇଛନ୍ତି । ସେଥିରେ ବି ୧ରେ ୧, ବି୨ରେ ୫ ଏବଂ ସି୧ରେ ୨ ଜଣ ପାସ୍ କରିଛନ୍ତି । କାଶୀନଗର ବ୍ଲକର ଅଲ୍ଲଡା ବିଦ୍ୟାଳୟର ୧୪ ଜଣଙ୍କ ମଧ୍ୟରୁ ୯ ଜଣ ପରୀକ୍ଷାର୍ଥୀ ପାସ୍ କରିଛନ୍ତି । ସେଥିରୁ ବି୧ରେ ୩ ଏବଂ ବି୨ରେ ୬ ଜଣ ପାସ୍ କରିଛନ୍ତି । ମୋହନା ଗୁଣ୍ଡିମା ବିଦ୍ୟାଳୟର ୧୩ ଜଣଙ୍କ ମଧ୍ୟରୁ ୪ ଜଣ ପାସ୍ କରିଛନ୍ତି । ସେଥିରୁ ବି୧ରେ ୧, ବି୨ରେ ୨ ଏବଂ ସିରେ ୧ ଜଣ ପାସ୍ କରିଛନ୍ତି ।

ସିଏମ୍ ଟ୍ରୋଫି ଫୁଟବଲ ଇଂଟର ଡିଷ୍ଟ୍ରିକ୍ଟ ପ୍ରତିଯୋଗିତା – ୨୦୨୬

ପାରଳାଖେମୁଣ୍ଡି, ୧୪/୦୫(ଆ.ପ୍ର) : ମୁଖ୍ୟମନ୍ତ୍ରୀ କପ୍ (ସିଏମ୍ ଟ୍ରୋଫି)–୨୦୨୬ ଅବସରରେ ଓଡ଼ିଶାର ଗଜପତି ଜିଲ୍ଲାରେ ୧୪ ବର୍ଷରୁ କମ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲ୍ଲାପାଳ, ଗଜପତି ଫାଲଗୁନୀ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ପ୍ରଥମ ଦିନରେ ମୋଟ ୩ ଗୋଟି ମ୍ୟାଚ ଅନୁଷ୍ଠିତ ହୋଇଥିବା ବେଳେ ବାଳକ ବର୍ଗ ମ୍ୟାଚରେ ଗଜପତି ସ୍ପୋର୍ଟସ କ୍ଲବ ଏବଂ ମୋହନା ଦଳ ବିଜୟୀ ହେଇଥିବା ବେଳେ ବାଳିକା ବର୍ଗରେ ପିମ୍ ଗୋଷାଣି ଦଳ ବିଜୟୀ ହୋଇଥିଲେ । (ଆଜି) ଦ୍ୱିତୀୟ ଦିନରେ ଅନୁଷ୍ଠିତ ବାଳକ ବର୍ଗ ଫାଇନାଲ ମ୍ୟାଚ ରେ ଜୀବା ଟାଇଗର ଦଳ ୧-୦ ଗୋଲ ରେ ଗଜପତି ସ୍ପୋର୍ଟ୍ସ କ୍ଲବ କୁ ହରାଇ ଚାମ୍ପିୟନ ହୋଇଥିଲା । ଜିଲ୍ଲା ଶିକ୍ଷା ଅଧିକାରୀ ଡ. ମାୟାଧର ସାହୁ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ଆସନ୍ତା କାଲି ବାଳିକା ବର୍ଗର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ । ପ୍ରତିଯୋଗିତାରେ ସମସ୍ତ ଦଳ ଉତ୍କୃଷ୍ଟ କ୍ରୀଡ଼ା କୌଶଳ, ଦଳୀୟ ସମନ୍ୱୟ ଓ ଶୃଙ୍ଖଳାବଦ୍ଧ ଖେଳ ପ୍ରଦର୍ଶନ କରିଥିଲେ । ଆୟୋଜକମାନଙ୍କ ପକ୍ଷରୁ ମାଇଦାନ ବ୍ୟବସ୍ଥା, ରେଫରୀ ପରିଚାଳନା, ସମୟ ସୂଚୀ ପାଳନ ଓ ଖେଳ ପରିଚାଳନା ସୁଚାରୁ ଭାବରେ କରାଯାଇଥିଲା । ଖେଳାଳୀମାନଙ୍କ ପାଇଁ ଆବଶ୍ୟକ ସୁବିଧା ସହିତ ନିରାପତା ବ୍ୟବସ୍ଥା ମଧ୍ୟ ନିଶ୍ଚିତ କରାଯାଇଥିଲା । ଦର୍ଶକମାନେ ଉତ୍ସାହର ସହ ଖେଳକୁ ଉପଭୋଗ କରିଥିଲେ ।

ଆଦିବାସୀ ଝିଅ ମୁନି ଓରାମ ମହିଳା କିକ୍ ବକ୍ସିଂରେ ରାଜ୍ୟସ୍ତରୀୟ ଚାମ୍ପିୟନ

ବଣାଇଁ, ୧୪/୦୫(ଆ.ପ୍ର) : ବଣାଇ ଉପଖଣ୍ଡ ଗୁରୁଣ୍ଡିଆ ବ୍ଲକ ନରେନ୍ଦ୍ର ପଂଚାୟତର ବଡ଼ପଡା ଗାଁର ଆଦିବାସୀ ଝିଅ ମୁନି ଓରାମ ପୁଣି ଥରେ ସଫଳତା ପାଇଛନ୍ତି । ଗଞ୍ଜାମ ଜିଲ୍ଲାର ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍ ଡୋର ଷ୍ଟାଡିୟମ୍‌ରେ ଆୟୋଜିତ ୭ମ ଓ୍ୱାକୋ ଆମେଚ୍ୟୁର କିକ୍ ବକ୍ସିଂ ଚାମ୍ପିୟାନସିପ୍-୨୦୨୬ର ମହିଳା ବର୍ଗରେ ରାଜ୍ୟ ସ୍ତରରେ ପ୍ରଥମ ସ୍ଥାନ ହାସଲ କରି ବଣାଇଁ ମାଟି ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି ମୁନି । ମୁନି ଓରାମଙ୍କ ଏହି ସଫଳତା ପାଇଁ ବଣାଇଁ ବାସୀ ତାଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ କ୍ରୀଡ଼ା କ୍ଷେତ୍ର ରେ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ନିଜ ପ୍ରଚେଷ୍ଟାରେ ନିଜ ଗାଁରେ ଦେଶୀ ଯୁଗାଡ ବ୍ୟବହାର କରି ଅଭ୍ୟାସ କରୁଥିବା ମୁନି ପୂର୍ବ ରୁ ରାଜ୍ୟ ତଥା ଜାତୀୟ ସ୍ତରରେ ମହିଳା କିକ୍ ବକ୍ସିଂରେ ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ପଦକ ହାସଲ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ତାଙ୍କର ଏହି ସଫଳତାର ଯାତ୍ରାରେ ସହଯୋଗର ହାତ ବଢ଼ାଇଥିବା ଟେନସା ନିକଟସ୍ଥ ଏମ୍ଏସ ଗୀତାରାଣୀ ମହାନ୍ତି ମାଇନ୍ସର ପ୍ରବନ୍ଧକ ବିଭୂତି ଭୂଷଣ ସାହୁ, ପିଆରଲି ଜିମ୍ ଲହୁଣୀପଡ଼ାର ମାଲିକ ରାକେଶ ଜୈସ୍ୱାଲ, କୃପାଶଙ୍କର ପ୍ରସାଦ, ସୁନ୍ଦରଗଡ ଜିଲ୍ଲା କିକ୍ ବକ୍ସିଂ ସଂଗଠନର ସଚିବ ବିଚିତ୍ର ନାରାୟଣ ଜେନା ଓ କୋଚ୍ ଅଶୋକ କୁଅଁର ତଥା ଖେଳିବା ପାଇଁ ଉତ୍ସାହିତ କରୁଥିବା ସମସ୍ତ ବଣାଇଁ ବାସୀଙ୍କୁ ମୁନି ଓରାମ କୃତଜ୍ଞତା ଜଣାଇଛନ୍ତି ।

ପତି -ପତ୍ନୀ ବିବାଦ, ପତି ଗିରଫ

ଦଶପଲ୍ଲା, ୧୪/୦୫(ଆ.ପ୍ର) : ଦଶପଲ୍ଲା ଥାନା ଅନ୍ତର୍ଗତ ରୟଡି ଓଡ଼ଶର ଗ୍ରାମରେ ପତି – ପତ୍ନୀ ବିବାଦ ଭିନ୍ନ ମୋଡ ନେଇଛି । ପରିସ୍ଥିତି ଏଭଳି ହୋଇଛି ଯେ, ପତ୍ନୀଙ୍କ ଅଭିଯୋଗ କ୍ରମେ ପୋଲିସ ପତିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ପୋଲିସ ଠାରୁ ପ୍ରାପ୍ତ ସୂଚନା ଅନୁଯାୟୀ, ଗ୍ରାମର ପ୍ରହଲ୍ଲାଦ ପ୍ରଧାନ ଓ ପତ୍ନୀ ଶିବାନୀ ନାୟକଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା । ଶିବାନୀଙ୍କ ଅଭିଯୋଗ କ୍ରମେ ଦଶପଲ୍ଲା ଥାନା କେସ୍ ନଂ ୧୧୨/୨୬ ରେ ମାମଲା ରୁଜୁ କରାଯାଇ ପ୍ରହଲ୍ଲାଦଙ୍କୁ ଗିରଫ୍ କରାଯାଇଥିବା ଥାନା ଅଧିକାରୀ ବିନୟ ରଞ୍ଜନ ପରିଡା ସୂଚନା ପ୍ରଦାନ କରିଛନ୍ତି ।

ଜିଲ୍ଲାସ୍ତରୀୟ ମେଧାବୀ ସମ୍ବର୍ଦ୍ଧନା ସମାରୋହ

ନବରଙ୍ଗପୁର, ୧୪/୦୫(ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ଆଜି ଜିଲ୍ଲା ସ୍ତରୀୟ ମେଧାବୀ ସମ୍ବର୍ଦ୍ଧନା ସମାରୋହ ଡ.ମହେଶ୍ୱର ସ୍ୱାଇଁ, ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ରେ ତଥା ଜିଲ୍ଲା ଶିକ୍ଷାଧିକାରୀ ଛତ୍ରପତି ସାହୁଙ୍କ ଆବାହକରେ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ନବରଙ୍ଗପୁର ଜିଲ୍ଲାର ଏହି ମେଧାବୀ ଛାତ୍ର ଛାତ୍ରୀ ମାନେ ନବରଙ୍ଗପୁର ମାଟି ର ଗର୍ବ ଓ ଗୌରବ ଏବଂ ଆଗକୁ ଆହୁରି ପରିଶ୍ରମ କରି ନିଜ ନିଜ କ୍ଷେତ୍ରରେ ସୁନାମ ଆଣିବା ସହ ସମାଜ ମଙ୍ଗଳରେ ନିଜକୁ ନାମ ସାର୍ଥକ କରିବାକୁ ଆହ୍ୱାନ କରିଥିଲେ ।ସେହିପରି ସମ୍ମାନିତ ଅତିଥି ଭାବେ ନବରଙ୍ଗପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀ କୃତୀ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ସାଧୁବାଦ ଜଣାଇଥିଲେ ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ଏବଂ ଜିଲ୍ଲା ଦଶମ ବୋର୍ଡ ପରୀକ୍ଷା ପାସ ହାରରେ ବର୍ତ୍ତମାନ ୧୨ ନମ୍ବରରେ ଉତୀର୍ଣ୍ଣ ହୋଇଛି ଯାହାକି ଏକ ଶୁଭ ସୂଚନା ବୋଲି କହିଥିଲେ । ଅନ୍ୟ ସମ୍ମାନିତ ଅତିଥି ଭାବେ ସାଂସଦଙ୍କ ପ୍ରତିନିଧି ଜ୍ୟୋତି ରଞ୍ଜନ କଂସ, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ଡ଼ ଓଁକାର ପଟ୍ଟନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଭରତ ଚନ୍ଦ୍ର ସାହୁ,ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ମହାଲିକ,ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଚିତରଞ୍ଜନ ପଟ୍ଟନାୟକ ଏବଂ ଜିଲ୍ଲାର ଅନ୍ୟାନ୍ୟ ପ୍ରମୁଖ ପଦାଧିକାରୀ ଯୋଗ ଦେଇଥିଲେ । ଚଳିତ ବର୍ଷ ଦଶମ ଶ୍ରେଣୀ ପରୀକ୍ଷାରେ ଇ୧ ଗ୍ରେଡ୍ ଅର୍ଥାତ୍ ୯୦% ରୁ ଅଧିକ ନମ୍ବର ରଖି ଉତୀର୍ଣ୍ଣ ହୋଇଥିବା ଜିଲ୍ଲାର ୮୦ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସୂଚନା ଅନୁସାରେ ଚଳିତ ବୋର୍ଡ ପରୀକ୍ଷା ପାସହାରରେ ଜିଲ୍ଲାରେ ୮୫ ଟି ବିଦ୍ୟାଳୟ ୧୦୦ ପ୍ରତିଶତ ସଫଳତା ହାସଲ କରିଛନ୍ତି । ୯ ଜଣ ବିଦ୍ୟାର୍ଥୀ ଇ୧ ଏବଂ୧୭୨ ଜଣ ଇ୨ ହାସଲ କରିଛନ୍ତି । ମୋଟ ୧୭୩୦୨ ଜଣ ପାସ୍ କରିଛନ୍ତି । ପାସହାର ଗତବର୍ଷ ୯୫.୩ପ୍ରତିଶତ ଏବଂ ଚଳିତ ବର୍ଷ ୯୭.୪ ପ୍ରତିଶତ ରହିଛି । ଏଠାରେ ଉଲ୍ଲେଖନୀୟ ଯେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ଏବଂ ICSE ଦ୍ୱାରା ପରିଚାଳିତ ପରୀକ୍ଷାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଉମରକୋଟର ଶାଶ୍ୱତ ପଟ୍ଟନାୟକ ସମଗ୍ର ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲା ଟପ୍ପର ହୋଇଛନ୍ତି । ସେହିପରି ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (BSE) ଦ୍ୱାରା ପରିଚାଳିତ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ସଂଯୁକ୍ତା ଉଚ୍ଚ ବିଦ୍ୟାଳୟ, ଯୋଡିଙ୍ଗାର ମେଧାବୀ ଛାତ୍ରୀ ଦେବୀପ୍ରିୟା ବାରିକ ସର୍ବୋଚ୍ଚ ନମ୍ବର ରଖିଛନ୍ତି । ଅତିଥିମାନେ ମେଧାବୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ଏବଂ ବୁଦ୍ଧିଜୀବୀମାନେ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମକୁ ଚନ୍ଦନା ମଲ୍ଲିକ ପରିଚାଳନା କରିଥିଲେ ।

ମହିଳା ମାଓବାଦୀ ବେଲା ଗିରଫ, ୧୫ ସଦସ୍ୟ ପୋଲିସ ନିକଟରେ ଆତ୍ମସମର୍ପଣ ମନସ୍ଥ

ବଣାଇଁ, ୧୪/୦୫(ଆ.ପ୍ର) : ଓଡ଼ିଶା-ଝାଡ଼ଖଣ୍ଡ ସୀମା ସଂଲଗ୍ନ ସାରଣ୍ଡା ଜଙ୍ଗଲରେ ସକ୍ରିୟ ଏକ କୋଟି ଟଙ୍କାର ପୁରସ୍କାର ଘୋଷିତ ଦୁର୍ଦ୍ଦାନ୍ତ ମାଓବାଦୀ ନେତା ମିଶିର ବେସରାଙ୍କ ଉପରେ ପୋଲିସ ଓ ସୁରକ୍ଷା ବାହିନୀର ଚାପ ଦିନକୁ ଦିନ ବଢ଼ିବାରେ ଲାଗିଛି । ଚାରିପଟୁ ଘେରାବନ୍ଦି ଏବଂ ଲଗାତାର ଚଢ଼ାଉ ପରେ ମିଶିର ବେସରା ଦଳର ପ୍ରାୟ ୧୫ ସଦସ୍ୟ ପୋଲିସ ନିକଟରେ ଆତ୍ମସମର୍ପଣ କରିବାକୁ ମନସ୍ଥ କରିଥିବା ସୂଚନା ମିଳିଛି । ଇତି ମଧ୍ୟରେ ମିଶିର ବେସରାଙ୍କ ଘନିଷ୍ଠ ସହଯୋଗୀ ଏବଂ ମୋଷ୍ଟ ଓ୍ୱାଂଟେଡ ମହିଳା ମାଓବାଦୀ ନେତ୍ରୀ ଶ୍ରଦ୍ଧା ବିଶ୍ୱାସ ଓରଫ ବେଲାଙ୍କୁ କୋଲକାତା ପୋଲିସ ମଙ୍ଗଳବାର ସନ୍ଧ୍ୟାରେ ଗିରଫ କରିଛି । ସେପଟେ ମାଧଇ ପାତ୍ରୀ କୋଲକାତାରେ ପୋଲିସ ସମ୍ମୁଖରେ ଆତ୍ମସମର୍ପଣ କରିଥିବା ମଧ୍ୟ ଜଣାପଡ଼ିଛି । କୋଲକାତା ପୋଲିସ ସେ ପଶ୍ଚିମବଙ୍ଗର ନଦିଆ ଜିଲା ଚକଦାହ ଅଂଚଳର ବାସିନ୍ଦା ବୋଲି ଜଣାପଡ଼ିଛି । ବେଲାଙ୍କ ବିରୋଧରେ ଝାଡ଼ଖଣ୍ଡ ସ୍ଥିତ ସରଣ୍ଡାରେ ପ୍ରାୟ ୨୩ଟି ମାଓବାଦୀ ହିଂସା ମାମଲା ଚାଲୁଥିବାବେଳେ ଝାଡ଼ଖଣ୍ଡ ପୋଲିସ ତାଙ୍କ ଉପରେ ୧୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଥିଲା । ଗୁପ୍ତ ସୂଚନା ଆଧାରରେ କୋଲକାତା ପୋଲିସର କାର୍ଯ୍ୟାନୁଷ୍ଠାନ କ୍ରମେ ତାଙ୍କୁ ଗିରଫ କରାଯାଇଛି । ସେ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗରେ ମାଓବାଦୀ କାର୍ଯ୍ୟକଳାପର ଅନ୍ୟପଟେ ସରଣ୍ଡାର ମଙ୍କି ଫରେଷ୍ଟ ଅଂଚଳରେ ଘେରି ହୋଇଥିବା ମିଶିର ବେସରା ଦଳର ୫୩ ମାଓବାଦୀଙ୍କ ମଧ୍ୟରୁ ୧୫ ଜଣ ସଦସ୍ୟ ଖୁବଶୀଘ୍ର ଝାଡ଼ଖଣ୍ଡ ପୋଲିସର ଶରଣ ନେଇ ଆତ୍ମସମର୍ପଣ କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି । ସୁରକ୍ଷା ବାହିନୀର ଲଗାତାର ଚାପ, ଘେରାବନ୍ଦି ଓ ଆଲୋଚନା ପଦକ୍ଷେପ ପରେ ଏହି ସଫଳତା ମିଳିଥିବା କୁହାଯାଉଛି । ଏହି ମାଓବାଦୀମାନଙ୍କ ମଧ୍ୟରେ ମିଶିର ବେସରାଙ୍କ ଘନିଷ୍ଠ ସହଯୋଗୀ ତଥା ୧୦ ଲକ୍ଷ ଟଙ୍କାର ପୁରସ୍କାର ବିଶିଷ୍ଟ ଜୋନାଲ କମାଣ୍ଡର ଅଶ୍ୱିନ, ଜୋନାଲ କମାଣ୍ଡର ଚନ୍ଦନ ଲୋହରା, ସର୍ବୋନାଲ କମାଣ୍ଡର ସୋହନ ପୁନେଇ ଓରଫ ରଙ୍ଗା, ଏରିଆ କମାଣ୍ଡର ରଜନୀ ମୁଦଗମ, ସଲୋମୀ ମୁଣ୍ଡା ଓରଫ ପାରୁଲ ସହ ଅନୀଶା, ଜେଲାନୀ ଓ ସପନା ପ୍ରଭୃତି ମାଓବାଦୀ ସଦସ୍ୟମାନେ ସାମିଲ ଅଛନ୍ତି । ସେପଟେ ମାଧଇ ପାତ୍ରୀ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି । ସେ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ । ସୂଚନା ଅନୁଯାୟୀ, ମିଶିର ବେସରାଙ୍କ ଅନୁମତି ନେବା ପରେ ସେ ପୋଲିସ ଶରଣରେ ଆସିଥିବା ବିଷୟ ସିଏ ନିଜେ କହିଛନ୍ତି । ଯଦିଓ ପୋଲିସ ଅଧିକାରୀମାନେ ଏହି ଆତ୍ମସମର୍ପଣ ଖବରକୁ ନେଇ ସିଧାସଳଖ କୌଣସି ପ୍ରତିକ୍ରିୟା ଦେବାରୁ ଦୂରେଇ ରହିଛନ୍ତି । ତେବେ ଏହି ମାଓବାଦୀମାନଙ୍କ ଠାରୁ ସୂଚନା ସଂଗ୍ରହ କରି ପୋଲିସ ଆଗାମୀ ଦିନରେ ଆହୁରି ବଡ଼ କାର୍ଯ୍ୟାନୁଷ୍ଠାନ କରିପାରେ ବୋଲି ଚର୍ଚ୍ଚା ହେଉଛି । ତେବେ ମାଓବାଦୀ ସଙ୍ଗଠନର ଏବେ ସମ୍ପୃକ୍ତ ଓଡିଶା –ଝାଡ଼ଖଣ୍ଡ ସୀମା ଅଂଚଳରେ ସକ୍ରିୟ ଦୁର୍ଦ୍ଦାନ୍ତ ମାଓବାଦୀ ନେତା ମିଶ୍ରି ବେଶରା ଯେତେ ଚାପ ସୃଷ୍ଟି ହେଲେ ମଧ୍ୟ ଆତ୍ମସମର୍ପଣ କରିବେ ନାହିଁ ବୋଲି ମନସ୍ଥ କରିଥିବା କଥା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି ।

ଖୁଂଟଗାଁରେ ବିଜେପି ପକ୍ଷରୁ ଜନ ଆକ୍ରୋଶ ମହିଳା ସମ୍ମିଳନୀ ଓ ପଦଯାତ୍ରା



ବଣାଇଁ, ୧୪/୦୫(ଆ.ପ୍ର) : ନାରୀ ଶକ୍ତି ବନ୍ଦନ ଅଧିନିୟମକୁ ବିରୋଧ କରିଥିବା ବିରୋଧୀଙ୍କ ବିପକ୍ଷରେ ନାରୀ ସମାଜ ପକ୍ଷରୁ ସମଗ୍ର ଦେଶରେ ବିକ୍ଷୋଭ ପ୍ରଦର୍ଶନ ହେଉଛି । ଏହି କ୍ରମରେ ମହିଳାଙ୍କ ପ୍ରଗତୀକୁ ବିରୋଧ କରୁଥିବା ରାଜନୈତିକ ଦଳ ଗୁଡ଼ିକ ବିରୁଦ୍ଧରେ ଖୁଂଟଗାଁ ଠାରେ ବିଜେପି ଖୁଂଟଗାଁ ମଣ୍ଡଳ ପକ୍ଷରୁ ମଣ୍ଡଳ ସଭାପତି ନିରାକାର ନାଏକଙ୍କ ନେତୃତ୍ୱରେ ଜନ ଆକ୍ରୋଶ ମହିଳା ସମାବେଶ ଓ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ପଦ ଯାତ୍ରା ଖୁଂଟଗାଁ ଲ୍ୟାମ୍ପ ସମ୍ମୁଖରୁ ବାହାରି ନୂଆଡିହି ଛକ ପର୍ଯ୍ୟନ୍ତ ଯାଇଥିଲା । କାର୍ଯ୍ୟକ୍ରମରେ ଖୁଂଟଗାଁ ମଣ୍ଡଳର ବିଭିନ୍ନ ଗ୍ରାମ ପଂଚାୟତରୁ ମହିଳାମାନେ ଯୋଗ ଦେଇଥିବା ବେଳେ ରାଉରକେଲା ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଅଭିରାମ ମହାକୁଡ଼, ରାଜ୍ୟ ପରିଷଦ ସଦସ୍ୟ ବାସୁଦେବ ସାହୁ, ପୂର୍ବତନ ଜିଲ୍ଲା ସାଧାରଣ ସମ୍ପାଦକ ହେମନ୍ତ କୁମାର ସାହୁ ପ୍ରମୁଖ ଯୋଗ ଦେଇ ନାରୀ ଶକ୍ତିଙ୍କୁ ସମ୍ବୋଧନ କରିଥିଲେ । ଖୁଂଟଗାଁ ମଣ୍ଡଳର ବରିଷ୍ଠ ବିଜେପି ନେତା ପ୍ରଦୀପ କୁମାର ସ୍ୱାଇଁ, ଗଙ୍ଗାଧର ମାହାନ୍ତ, ଲୋକନାଥ ବାରିକ, ନିରଞ୍ଜନ ନାଏକ, ଆରତୀ ନାଏକ ପ୍ରମୁଖ ଓ ସ୍ଥାନୀୟ କାର୍ଯ୍ୟକର୍ତ୍ତାମାନେ କାର୍ଯ୍ୟକ୍ରମ ଆୟୋଜନ ରେ ସହଯୋଗ କରିଥିଲେ ।

ସେଇଥ ଆରମ୍ଭ
SEITHO ARAMBHA
ଶୁକ୍ରବାର, ୧୫ ମଇ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

ସଞ୍ଜୟ ହତ୍ୟାକାଣ୍ଡ ଘଟଣା, ୪ ଦିନ ପରେ ବି ଅଭିଯୁକ୍ତଙ୍କ ଟେର ପାଉନି ପୁଲିସ, ମୋବାଇଲ ଫୋନ ଯାଂଚ ଦାବି

ଖଣ୍ଡପଡ଼ା, ୧୪/୦୫(ଆ.ପ୍ର) : ଖଣ୍ଡପଡା ଥାନା ଅଧୀନ ରୟତି ବୋଲମରା ପଂଚାୟତ, କନ୍ଧମିରିଗି ଗ୍ରାମର ସଞ୍ଜୟ ପ୍ରଧାନ(୧୮)ଙ୍କ ମୃତ୍ୟୁ ରହସ୍ୟ ଉନ୍ମୋଚନ କରିବାରେ ଗଣିଆ ପୁଲିସ ବିଫଳ ହୋଇଥିବା ଜଣାଯାଇଛି । ଘଟଣାର ୪ ଦିନ ପରେ ମଧ୍ୟ ପୁଲିସ ସଞ୍ଜୟ ବ୍ୟବହାର କରୁଥିବା ମୋବାଇଲ ଫୋନଟିକୁ ଜବତ କରି ପାରିନଥିବା ବେଳେ ଉକ୍ତ ମୋବାଇଲରେ ସବୁ କିଛି ରହସ୍ୟ ଲୁଚି ରହିଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି । ଗଣିଆ ଥାନା ଅଂଚଳର ଜଣେ ବିବାହିତ ମହିଳାଙ୍କ ସହ ଅନୈତିକ ପ୍ରେମ ସମ୍ପର୍କକୁ କେନ୍ଦ୍ର କରି ସୁଚିନ୍ତିତ ଉପାୟରେ ସଞ୍ଜୟଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ ଉଠିଥିବା ବେଳେ ହତ୍ୟାକାଣ୍ଡ ଘଟଣା ପଛରେ ଉକ୍ତ ମହିଳାଙ୍କ ସଂପର୍କୀୟମାନଙ୍କ ହାତ ଥିବା ନେଇ ଘଟଣାରୁ ସ୍ପଷ୍ଟ ବାରି ହୋଇ ପଡୁଛି । ସଞ୍ଜୟ ଭୁବନେଶ୍ୱରରେ ରହି କାଠ କାମ କରୁଥିବା ବେଳେ ଗତ ୧୦ ତାରିଖ ରାତିରେ ଫୋନ ପାଇ ସଞ୍ଜୟ ବସ ଯୋଗେ ଗଣିଆରେ ପହଂଚିଥିବା ବେଳେ ବିକଳିତ ରାତିରେ ଅତି ଅମାନୁଷିକ ଭାବେ ତାଙ୍କୁ ହତ୍ୟା କରାଯାଇଥିବା ଜଣାପଡିଛି । ତେବେ କିଏ ସଞ୍ଜୟକୁ ମୋବାଇଲ ଫୋନ ଯୋଗେ ଭୁବନେଶ୍ୱରରୁ ଡକାଇଥିଲା ତାହାର ରହସ୍ୟ ହିଁ ଉକ୍ତ ମୋବାଇଲ ଫୋନରେ ଲୁଚି ରହିଥିବା ବେଳେ ପୁଲିସ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ସେ ଦିଗ ପ୍ରତି ଧ୍ୟାନ ଦେବାର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି ସାଧାରଣରେ ଆଲୋଚନା ହେଉଛି । ସଞ୍ଜୟ ହତ୍ୟାକାଣ୍ଡ ଘଟଣା ଗଣିଆ ପୁଲିସ ପାଇଁ ଏବେ ମୁଣ୍ଡବଥାର କାରଣ ପାଲଟିଥିବା ବେଳେ ପୁଲିସ ଟିମ ପକ୍ଷରୁ ଏ ନେଇ ଅନୁସନ୍ଧାନ ଜାରି ରହିଥିବା ଜଣାପଡିଛି । ଘଟଣାସ୍ଥଳରୁ ସଞ୍ଜୟର ମୃତ ଦେହକୁ ପୁଲିସ ଜବତ କରିଥିଲେ ହେଁ ସେ ବ୍ୟବହାର କରୁଥିବା ମୋବାଇଲ ଫୋନଟିକୁ ପୁଲିସ ଅଦ୍ୟାବଧି ଜବତ କରି ପାରିନାହିଁ । ସଞ୍ଜୟର ମୋବାଇଲ ଫୋନରୁ ହିଁ ହତ୍ୟାକାଣ୍ଡ ଘଟଣାର ସମସ୍ତ ସୁରାକ ମିଳିବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଥିବା ବେଳେ ପାରିପାର୍ଶ୍ୱିକ ତଥ୍ୟକୁ ଆଧାର କରି ପୁଲିସ ଘଟଣାର ଖୋଳତାଡ କରିବାକୁ ମୃତକଙ୍କ ପରିବାରବର୍ଗଙ୍କ ସମେତ କନ୍ଧମିରିଗି ଗ୍ରାମବାସୀ ଦାବି କରିଛନ୍ତି । ସଞ୍ଜୟର ହତ୍ୟାକାରୀଙ୍କ ପାଖରେ ମୋବାଇଲ ଫୋନଟି ମହଜୁଦ ଥିବା ନେଇ ସାଧାରଣରେ ସନ୍ଦେହ ଜାତ ହୋଇଥିବା ବେଳେ ନୟାଗଡ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଓ ପୁଲିସ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଉପରୋକ୍ତ ଘଟଣାରେ ହସ୍ତକ୍ଷେପ କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି । ମୃତ ସଞ୍ଜୟଙ୍କ ମୋବାଇଲ ଫୋନର ମେସେଜ ଓ କଲ ରେକର୍ଡରୁ ହିଁ ପୁଲିସ ହତ୍ୟାକାଣ୍ଡ ଘଟଣାର ପର୍ଦ୍ଦାଫାସ କରିବାରେ ସକ୍ଷମ ହେବ ବୋଲି ଅନୁମାନ କରାଯାଉଥିବା ବେଳେ ଏ ଦିଗରେ ପୁଲିସ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି । ଶବ ବ୍ୟବଚ୍ଛେଦ ରିପୋର୍ଟ ହସ୍ତଗତ ହେବାପରେ ହତ୍ୟାକାଣ୍ଡ ଘଟଣାର ପର୍ଦ୍ଦାଫାସ ହେବ ବୋଲି ଖଣ୍ଡପଡ଼ା ଏସଡିପିଓ ସୁଦୀପ୍ତ କୁମାର ସାହୁ ସୂଚନା ଦେଉଥିବା ବେଳେ ହତ୍ୟାକାଣ୍ଡ ଘଟଣାରେ ସଂପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ମୃତକଙ୍କ ପରିବାରବର୍ଗ ଦାବି କରିଛନ୍ତି ।

ଜିଲ୍ଲାରେ ଦଶମ ଶ୍ରେଣୀ ପରୀକ୍ଷାରେ କୃତୀ ଛାତ୍ରଛାତ୍ରୀ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ

ପାରଳାଖେମୁଣ୍ଡି, ୧୪/୦୫(ଆ.ପ୍ର) : ଗଜପତି ଜିଲ୍ଲା ପ୍ରଶାସନ, ଶିକ୍ଷା ବିଭାଗ ତରଫରୁ ୨୦୨୬ ଦଶମ ଶ୍ରେଣୀ ପରୀକ୍ଷାରେ ଏ୧ ଗ୍ରେଡ୍ (୬ ଜଣ) ପ୍ରାପ୍ତ କୃତୀ ଛାତ୍ରଛାତ୍ରୀ ଓ ଜିଲ୍ଲାର ୭ଟି ବ୍ଲକର ଶୀର୍ଷ ୩ ଜଣ ସଫଳତା ଅର୍ଜନକାରୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଜଣାଇବା ପାଇଁ କଲେକ୍ଟରେଟ୍ ସ୍ଥିତ ଆର୍ ସେଟି ଭବନରେ ଏକ ଭବ୍ୟ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଗଜପତି ଜିଲ୍ଲା ପୁନର୍ବାର ସମଗ୍ର ଓଡ଼ିଶାରେ ସର୍ବାଧିକ ପାସ୍ ପ୍ରତିଶତ ୯୯.୩୧ % ହାସଲ କରି କ୍ରମାଗତ ଦ୍ୱିତୀୟ ଥର ପାଇଁ ରାଜ୍ୟରେ ଶୀର୍ଷ ସ୍ଥାନ ଅଧିକାର କରିଥିବାରୁ ସମଗ୍ର ଜିଲ୍ଲାରେ ଗର୍ବ ଓ ଆନନ୍ଦର ପରିବେଶ ସୃଷ୍ଟି ହୋଇଥିଲା । କାର୍ଯ୍ୟକ୍ରମର ଶୁଭାରମ୍ଭ ପାରଳାଖେମୁଣ୍ଡି ମହାରାଜା ଗାର୍ଲସ୍ ହାଇସ୍କୁଲର ଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ମନୋମୁଗ୍ଧକର ଉଦ୍‌ଘାଟନୀ ସଙ୍ଗୀତ ମାଧ୍ୟମରେ ହୋଇଥିଲା । ପରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ, ପ୍ରଶଂସାପତ୍ର

ଓ ସ୍ମୃତିଚିହ୍ନ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । ସମାରୋହରେ ଯୋଗଦେଇଥିବା ଅତିଥିମାନେ ନିଜ ଉଦ୍‌ବୋଧନରେ କହିଥିଲେ ଯେ, "ଗଜପତି ଆଜି କେବଳ ଏକ ଅସ୍ପିରେସନାଲ ଜିଲ୍ଲା ନୁହେଁ, ବରଂ ସମଗ୍ର ଓଡ଼ିଶା ପାଇଁ ଏକ ଇନସ୍ପିରେସନାଲ ଜିଲ୍ଲା ଭାବେ ପରିଚିତ ହୋଇଛି ।" ଜିଲ୍ଲାର ଶିକ୍ଷକ, ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ପ୍ରୟାସ ଏହି ଅଭୂତପୂର୍ବ ସଫଳତାର ମୂଳ କାରଣ ବୋଲି ସେମାନେ ମତପ୍ରକାଶ କରିଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ଡ.ମାୟାଧର ସାହୁଙ୍କ ମାର୍ଗଦର୍ଶନ ରେ ପ୍ରୟାସ 'ସୁପର ୩୦' ଦ୍ୱାରା ସଫଳତା ହାସଲ ହୋଇଥିବାର ସମସ୍ତ ଅତିଥି ଭୂରି ଭୂରି ପ୍ରଶଂସା କରିଥିଲେ । ମୁଖ୍ୟ ଅତିଥି ମାନ୍ୟବର ସଂସଦ ବ୍ରହ୍ମପୁର ପ୍ରଦୀପ କୁମାର ପାଣିଗ୍ରାହୀ ତାଙ୍କ ଭାଷଣରେ କହିଥିଲେ ଯେ, "ଗଜପତିର ଛାତ୍ରଛାତ୍ରୀମାନେ ଆଜି ପ୍ରମାଣ କରିଛନ୍ତି ଯେ ପରିଶ୍ରମ, ଶୃଙ୍ଖଳା ଓ ସଂକଳ୍ପ ଥିଲେ କୌଣସି ଲକ୍ଷ୍ୟ ଅସମ୍ଭବ ନୁହେଁ ।" ସେ ଆହୁରି କହିଥିଲେ ଯେ, ଗ୍ରାମାଂଚଳର ପ୍ରତିଭାମାନେ ଆଜି ରାଜ୍ୟସ୍ତରରେ ଗଜପତିକୁ ଗୌରବାନ୍ୱିତ କରିଛନ୍ତି । ଅନ୍ୟତମ ଅତିଥି ମାନ୍ୟବର ବିଧାୟକ ପାରଳାଖେମୁଣ୍ଡି ଇଞ୍ଜିନିୟର ରୂପେଶ କୁମାର ପାଣିଗ୍ରାହୀ ଓ ମାନ୍ୟବର ବିଧାୟକ ମୋହନ ଦାଶରଥି ଗମାଙ୍ଗ ନିଜ ଅଭିଭାଷଣରେ କହିଥିଲେ, "ଏହି ସମ୍ବର୍ଦ୍ଧନା କେବଳ ଛାତ୍ରଛାତ୍ରୀଙ୍କ ସଫଳତାର ଉତ୍ସବ ନୁହେଁ, ବରଂ ଆଗାମୀ ପିଢ଼ି ପାଇଁ ଏକ ପ୍ରେରଣାର ମଂଚ ।" ସେମାନେ ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତରେ ଉଚ୍ଚ ଲକ୍ଷ୍ୟ ନିର୍ଦ୍ଧାରଣ କରି ଜାତି ଗଠନରେ ସହଭାଗୀ ହେବାକୁ ଆହ୍ୱାନ ଜଣାଇଥିଲେ । ରେଜଲ୍ଟକୁ ନେଇ ଗର୍ବ ପ୍ରକାଶ କରିବା ସହ ଶିକ୍ଷା ବିଭାଗକୁ ଧନ୍ୟବାଦ ଦେବା ସହ ଉସାହିତ କରିଥିଲେ ଭବିଷ୍ୟତ ରେ ଆହୁରି ସୁନାମ ଅର୍ଜନ କରିବା ପାଇଁ । ଅନ୍ୟ ମାନଙ୍କ ମଧ୍ୟରେ ଦୟାମୟ ପାଢୀ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଗଜପତି, ସଲମନ୍ ରାଇକା, ଜିଲ୍ଲା ମଙ୍ଗଳ ଅଧିକାରୀ, ଗଜପତି, ନିର୍ମଳା ସେଠୀ, ଅଧ୍ୟକ୍ଷା, ପୌର ପରିଷଦ, ପାରଳାଖେମୁଣ୍ଡି, କାମଦେବ ବଡନାୟକ, ଅଧ୍ୟକ୍ଷ , ସ୍ୱତନ୍ତ୍ର ଉନ୍ନୟନ ପରିଷଦ, ଗଜପତି ମଂଚାସିନ ଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀ, ଶିକ୍ଷାବିତ୍, ଅଭିଭାବକ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଏସ୍ ଗିରିଧର ଧନ୍ୟବାଦ ଅର୍ପଣ କରିବା ସହ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଏ. ରବିକୁମାରଙ୍କ କର୍ତବ୍ୟ ନିଷ୍ଠା ଓ ପରିଶ୍ରମ ବିଷୟରେ ଆଲୋକ ପାତ କରି ସଭା କାର୍ଯ୍ୟ ସମାପ୍ତ କରିଥିଲେ । ସୁଲତା ଶୁଭଦର୍ଶିନୀ ଓ ରମାକାନ୍ତ ପଟ୍ଟନାୟକ ମଂଚ ପରିଚାଳନା କରିଥିବା ବେଳେ ଜିଲ୍ଲାର ବିଭିନ୍ନ ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ହେବା ସହ ଏକ ସୁନ୍ଦର ପରିବେଶ ମଧ୍ୟରେ ସମାପ୍ତ କରିଥିଲେ ।

ଅଗ୍ନିବିପର୍ଯ୍ୟୟ ପରିବାରଙ୍କୁ ଭେଟିଲେ ବିଡିଓ

ଦଶପଲ୍ଲା, ୧୪/୦୫(ଆ.ପ୍ର) : ଦଶପଲ୍ଲା ତହସିଲ ଅନ୍ତର୍ଗତ ଟାକରା ପଂଚାୟତର ବୁଢ଼ୁସାହି ଗ୍ରାମରେ ଗତ ମଙ୍ଗଳବାର ଦିନ ଘଟିଥିବା ଅଗ୍ନିକାଣ୍ଡରେ ଦୁଇ ପରିବାର ସର୍ବସ୍ୱ ହରାଇଥିବା ଜଣାପଡିଛି । ଘଟଣା ପରେ ପ୍ରଶାସନ ପକ୍ଷରୁ ସହାୟତା କାର୍ଯ୍ୟ ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ଦଶପଲ୍ଲା ବିଡ଼ିଓ ଶରତ କୁମାର ମଲିକ ବୁଧବାର ଦିନ ବୁଢ଼ୁସାହି ଗ୍ରାମରେ ପହଂଚି ଅଗ୍ନିବିପର୍ଯ୍ୟୟରେ କ୍ଷତିଗ୍ରସ୍ତ ପରିବାରଙ୍କୁ ଭେଟିଥିଲେ । ବିଡ଼ିଓ ଶ୍ରୀ ମଲିକ ପୀଡ଼ିତଙ୍କ ସହ ଆଲୋଚନା କରି ସେମାନଙ୍କ କ୍ଷୟକ୍ଷତିର ତଥ୍ୟ ସଂଗ୍ରହ କରିବା ସହିତ ବିପନ୍ନଙ୍କୁ ଚାଉଳ ଓ ଅନ୍ୟାନ୍ୟ ଶୁଖିଲା ସାମଗ୍ରୀ ସମେତ ବିଭିନ୍ନ ସହାୟତା ପ୍ରଦାନ କରିଛନ୍ତି । ଏଥିସହିତ ତୁରନ୍ତ ରିଲିଫ ସହାୟତା ଓ ସରକାରୀ ଅନୁଦାନ କିପରି ଶୀଘ୍ର ପ୍ରଦାନ କରାଯିବ ସେନେଇ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି । ପ୍ରଶାସନର ଏହି ତତ୍ପରତାକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଥିବା ବେଳେ, ବିଡ଼ିଓଙ୍କ ମାନବିକ ପଦକ୍ଷେପ ପାଇଁ ଦଶପଲ୍ଲା ଅଂଚଳବାସୀ ଧନ୍ୟବାଦ ଜଣାଇଛନ୍ତି । ସୂଚନା ଯୋଗ୍ୟ ଯେ, ମଙ୍ଗଳବାର ଦିନ ଅଗ୍ନିକାଣ୍ଡ ଘଟି ଗ୍ରାମର ଦଣ୍ଡଧର ନାୟକ ଓ ଅଖିଳ ନାୟକଙ୍କ ଘର, ଆସବାବପତ୍ର ସମେତ ବହୁ ମୂଲ୍ୟବାନ ସାମଗ୍ରୀ ଜଳିପୋଡ଼ି ଭସ୍ମୀଭୂତ ହୋଇଯାଇଥିଲା ।

ଦାୟିତ୍ୱ ସହ ଶିକ୍ଷାର ସାଧନା - ଇତିହାସରେ ଡକ୍ଟରେଟ୍ ହାସଲ କଲେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ

ଭଦ୍ରକ, ୧୪/୦୫(ଆ.ପ୍ର) : ପ୍ରଶାସନିକ ଦାୟିତ୍ୱର ଭିଡ଼ ମଧ୍ୟରେ ମଧ୍ୟ ଜ୍ଞାନର ସାଧନା କେବେ ଥମେ ନାହିଁ-ଏହାକୁ ପୁଣିଥରେ ସାବ୍ୟସ୍ତ କରିଛନ୍ତି ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ । ନିଜର କଠିନ କାର୍ଯ୍ୟବ୍ୟସ୍ତତା ସତ୍ତ୍ୱେ ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଇତିହାସ ବିଷୟରେ ପିଏଚଡି ଡିଗ୍ରୀ ହାସଲ କରି ଏକ ପ୍ରେରଣାଦାୟକ ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି । ସାଧାରଣତଃ ଜିଲ୍ଲାପାଳଙ୍କ ଦୈନନ୍ଦିନ କାର୍ଯ୍ୟଭାର ଅତ୍ୟନ୍ତ ଚାପପୂର୍ଣ୍ଣ ଥାଏ । ଲୋକସେବା, ବିକାଶମୂଳକ କାର୍ଯ୍ୟ, ବିପର୍ଯ୍ୟୟ ପରିଚାଳନା ଓ ପ୍ରଶାସନିକ ସମନ୍ୱୟରେ ବ୍ୟସ୍ତ ରହିବା ସତ୍ତ୍ୱେ ଜିଲ୍ଲାପାଳ ନିଜ ଶିକ୍ଷାଗତ ଲକ୍ଷ୍ୟକୁ ଅବହେଳା କରିନଥିଲେ । ଅନବରତ ପରିଶ୍ରମ,

ଅଧ୍ୟବସାୟ ଓ ଗବେଷଣା ପ୍ରତି ଆଗ୍ରହ ତାଙ୍କୁ ଏହି ସଫଳତାର ଶୀର୍ଷରେ ପହଂଚାଇଛି । ତାଙ୍କର ଗବେଷଣା ପ୍ରବନ୍ଧର ବିଷୟ ଥିଲା - "Occupational Stress, Job Satisfaction & Employee Loyalty in Hospitality Industry: A Comparative Analysis of Hotels in Odisha" । ଓଡ଼ିଶାର ହୋଟେଲ୍ ଶିଳ୍ପରେ କାର୍ଯ୍ୟରତ କର୍ମଚାରୀଙ୍କ ମାନସିକ ଚାପ, କାର୍ଯ୍ୟ ସନ୍ତୁଷ୍ଟି ଓ ସଂସ୍ଥାପ୍ରତି ନିଷ୍ଠାକୁ ନେଇ ସେ କରିଥିବା ଗବେଷଣା ଶିକ୍ଷାଜଗତରେ ଗୁରୁତ୍ୱ ପାଇଛି । ଜିଲ୍ଲାପାଳ ଭାବେ ଲୋକସେବା ଓ ଗବେଷକ ଭାବେ ଜ୍ଞାନର ସନ୍ଧାନ-ଏହି ଦୁଇଟି ଭୂମିକାକୁ ସଫଳତାର ସହ ପାଳନ କରିଥିବାରୁ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା, ବୁଦ୍ଧିଜୀବୀ ପରିଷଦ, ବିଭିନ୍ନ ମହିଳା ସଂଗଠନ, ମାଓ ମାଟି ମହୋତ୍ସବ କମିଟି, ଉତ୍କଳ ସାମ୍ବାଦିକ ସଂଘ, ଭଦ୍ରକ ଜିଲ୍ଲା ସାମ୍ବାଦିକ ସଂଘ ଆଦି ବିଭିନ୍ନ ମହଲରୁ ତାଙ୍କୁ ଅଭିନନ୍ଦନ ଜଣାଯାଇଛି । ତାଙ୍କର ଏହି ସଫଳତା ଯୁବପିଢ଼ୀଙ୍କୁ ଏକ ସନ୍ଦେଶ ଦେଉଛି-"ପରିସ୍ଥିତି ଯେତେ କଠିନ ହେଉ, ଇଚ୍ଛାଶକ୍ତି ଓ ଅଧ୍ୟବସାୟ ଥିଲେ ସ୍ୱପ୍ନ ସାକାର ହୁଏ ।"

ବିଜୁ ଜନତା ଦଳର ମଇ ୨୦ରେ ମହିଳା ସମାବେଶ ନିମନ୍ତେ ପ୍ରସ୍ତୁତି ବୈଠକ

ଧାମନଗର, ୧୪/୦୫(ଆ.ପ୍ର) : ଧାମନଗର ବ୍ଲକ ଅନ୍ତର୍ଗତ ଧୁସୁରୀ ପଂଚାୟତ ଠାରେ ବିଜୁ ଜନତା ଦଳର ମଇ ୨୦ରେ ମହିଳା ସମାବେଶ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମଙ୍ଗଳବାର ବ୍ଲକ ସଭାପତି ପ୍ରତାପ ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଦଳୀୟ ସଂଗଠନକୁ ଅଧିକ ସୁଦୃଢ଼ କରିବା ସହ ଚଳିତ ମାସ ୨୦ତାରିଖରେ ଅନୁଷ୍ଠିତ ହେବାକୁ ଥିବା ମହିଳା ସମାବେଶକୁ ସଫଳ କରିବା ପାଇଁ ରଣନୀତି ପ୍ରସ୍ତୁତ କରାଯାଇଛି । ବ୍ଲକ ଅନ୍ତର୍ଗତ ଅସୁରାଳିସ୍ଥିତ ଖୁଲାଇଶୁଣୀ ମନ୍ଦିର ପ୍ରାଙ୍ଗଣରେ ୨୦ ତାରିଖ ଅପରାହ୍ନ ୪ଘଟିକା ସମୟରେ ଏକ ବିଶାଳ ମହିଳା ସମାବେଶ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ପଂଚାୟତରୁ ପ୍ରାୟ ହଜାର ହଜାର ମହିଳା ଏହି ସମାବେଶରେ ସାମିଲ ହେବାର ଲକ୍ଷ୍ୟ ରଖାଯାଇଛି । ମହିଳାମାନଙ୍କ ସଶକ୍ତିକରଣ ଏବଂ ସାଙ୍ଗଠନିକ)କୁ ଆହୁରି କିପରି ମଜବୁତ ହେବ ତାଉପରେ ଏଠାରେ ବ୍ୟାପକ ଆଲୋଚନା କରାଯିବ ବୋଲି ସୂଚନା ଦିଆଯାଇଛି । ଏହି ବୈଠକରେ ଧାମନଗର ପଂଚାୟତ ସମିତି ପୂର୍ବତନ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ଜିଲ୍ଲା ପରିଷଦ ସଭ୍ୟ ସାରଦା ପ୍ରସନ୍ନ ସାହୁ, ପୂର୍ବତନ ବ୍ଲକ ସଭାପତି ରମେଶ ମହାନ୍ତି, ସମିତି ସଭ୍ୟ ସୂର୍ଯ୍ୟକାନ୍ତ ନାୟକ, ଜ୍ଞାନରଞ୍ଜନ ରଞ୍ଜନ ମହାକୁଡ଼, ସୁଦୀପ୍ତ ଖଟୁଆ, ସରପଂଚ ଅଜୟ କୁମାର ମଲ୍ଲିକ,ଶୀତାକାନ୍ତ ମିଶ୍ର, ପୂର୍ବତନ ସରପଂଚ ବିଜୟ ମିଶ୍ର, ଶରତ ମାଝୀ ନରେନ୍ଦ୍ର ନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ରହି ଦଳୀୟ କର୍ମକର୍ତାଙ୍କୁ ଦଳକୁ ମଜବୁତ କରିବା ପାଇଁ ପରାମର୍ଶ ଦେଇଥିଲେ । ବିଭିନ୍ନ ପଂଚାୟତର ସଭାପତି, ସରପଂଚ, ସମିତି ସଭ୍ୟ ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ଅଂଚଳରୁ ଅଧିକରୁ ଅଧିକ ମହିଳାମାନଙ୍କୁ ଆଣିବା ପାଇଁ ସହମତି ପ୍ରକାଶ କରିଥିଲେ । ଧାମନଗର ନିର୍ବାଚନ ମଣ୍ଡଳୀରେ ଆଗାମୀ ଦିନରେ ଦଳୀୟ ସ୍ଥିତିକୁ ଅଧିକ ଶକ୍ତିଶାଳୀ କରିବା ସହ ମହିଳାମାନଙ୍କୁ ସଙ୍ଗଠିତ କରିବା ପାଇଁ ଏହି ସମାବେଶ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ବୈଠକରେ ନେତା ମାନେ ବକ୍ତବ୍ୟ ରଖିଥିଲେ ।

ଟିପିସିଓଡିଏଲ ଦ୍ୱାରା ସଡ଼କ ସୁରକ୍ଷା ସପ୍ତାହ ପାଳନ



ଦଶପଲ୍ଲା, ୧୪/୦୫(ଆ.ପ୍ର) : ଟିପିସିଓଡ଼ିଏଲ ନୟାଗଡ଼ ସବଡ଼ିଭିଜନଙ୍କ ଆୟୋଜନ କ୍ରମେ ଦଶପଲ୍ଲା ସ୍ଥିତ ମେଳିଆ ତୋଟା ସମ୍ମୁଖ ଜାତୀୟ ରାଜପଥ ନଂ ୫୭ ରେ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଗାଡି ଚାଳକ ମାନଙ୍କୁ ହେଲମେଟ ପିନ୍ଧିବା ପାଇଁ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଛି । ଏବଂ ହେଲମେଟ ପିନ୍ଧିଥିବା ବାଇକ ଚାଳକ ମାନଙ୍କୁ ଚକୋଲେଟ ପ୍ରଦାନ କରି ଉତ୍ସାହିତ କରା ଯାଇଥିଲା । ନୟାଗଡ଼ ଜିଲ୍ଲା ମୁଖ୍ୟ ଯନ୍ତ୍ରୀ ସନ୍ତୋଷ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ଦଶପଲ୍ଲା ଏସଡ଼ିଓ ତନ୍ମୟ କୁମାର ପୃଷ୍ଟି, ଟିପିସିଓଡ଼ିଏଲର ସାମାଜିକ ଦାୟିତ୍ୱ ବୋଧ ଜିଲ୍ଲା ଅଧିକାରୀ କଳିଙ୍ଗ କେଶରୀ ଚାନ୍ଦ ଏବଂ ଅନ୍ୟାନ୍ୟ କର୍ମକର୍ତା ଜନ ସଚେତନତା କାର୍ଯ୍ୟକ୍ରମରେ ଯୋଗଦାନ କରି 'ସଡ଼କ ସୁରକ୍ଷା - ଜୀବନ ରକ୍ଷା'ର ବାର୍ତା ପ୍ରଦାନ କରିବା ସହିତ ହେଲମେଟ ପିନ୍ଧିବା ପାଇଁ ସମସ୍ତ ଗାଡି ଚାଳକ ମାନଙ୍କୁ ଅନୁରୋଧ କରିଥିଲେ ।

ବାଇକକୁ ୧୦୦ମିଟର ଘୋଷାଡି ନେଲା କାର, ଯୁବକ ଗୁରୁତର

ଟାଙ୍ଗୀଚୌଦ୍ୱାର, ୧୪/୦୫(ଆ.ପ୍ର) : ଚୌଦ୍ୱାର ଥାନା ଅଧୀନ କଳିଙ୍ଗ ପେଟ୍ରୋଲ ଟାଙ୍କି ସମ୍ମୁଖରେ ବୁଧବାର ରାତିରେ ବାଇକକୁ ଏକ କାର ପଛପଟୁ ଧକ୍କା ଦେବା ସହ ୧୦୦ମିଟର ଘୋଷାଡି ନେଇଛି । ଫଳରେ ବାଇକ ଚାଳକ ଗୁରୁତର ହୋଇଥିବା ଜଣାପଡିଛି । ବାଇକ ଚାଳକ ଜଣଙ୍କ ପରିଚୟ ମିଳି ନ ଥିବା ବେଳେ ଚୌଦ୍ୱାର ହାଉସିଂ ବୋର୍ଡ଼ କଲୋନୀର ବୋଲି ପୋଲିସ ସୂଚନା ଦେଇଛି । କାର ଚାଳକକୁ ଅଟକ ରଖିଥିବା ବେଳେ ପ୍ରଚୁର ନିଶାଗ୍ରସ୍ତ ଥିବା ଜଣାପଡ଼ିଛି । ସୂଚନା ମୁତାବକ, ବାଇକ ଚାଳକ ଜଣଙ୍କ ତାଙ୍କ ମାଙ୍କୁ ବସାଇ ଢେଙ୍କାନାଳ ପଟୁ ଚୌଦ୍ୱାର ଅଭିମୁଖେ ଆସୁଥିବା ବେଳେ କଳିଙ୍ଗ ପେଟ୍ରୋଲ ଟାଙ୍କି ନିକଟରେ ହଠାତ୍ ଏକ କାର (ନଂଓଡି ୦୫ଙ୍କି ୬୯୦୪) ବାଇକ୍ କୁ ଧକ୍କା ଦେବା ସହ ଘୋଷାଡି ନେଇଥିଲା । ଫଳରେ ବାଇକ ଚାଳକ ଓ ତାଙ୍କ ମାଙ୍କ ମୁଣ୍ଡ ଓ ଗୋଡରେ ଗଭୀର ଆଘାତ ଲାଗିବା ସହ ଚେତାଶୂନ୍ୟ ହୋଇପଡିଥିଲେ । ସ୍ଥାନୀୟ ଲୋକ ଓ ଚୌଦ୍ୱାର ପୋଲିସ ଉଭୟ ଉଦ୍ଧାର କରି ଚିକିତ୍ସା ପାଇଁ ପ୍ରଥମେ ସ୍ଥାନୀୟ ଏକ ନର୍ସିଂହୋମରେ ନେଇଥିଲେ ଅବସ୍ଥା ଗୁରୁତର ହେବାରୁ ଓ କଟକ ବଡ ମେଡିକାଲ ପଠାଇଛି । ପୋଲିସ ଦୁଇଟି ଗାଡିକୁ ନିଜ ହେପାଜତକୁ ନେବା ସହ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି ।

ସହଦେବ ତରାଇ ବିଦ୍ୟୁତ ଆଘାତ ପରେ ମୃତ୍ୟୁ ସହ ସଂଗ୍ରାମ, ନ୍ୟାୟ ଦାବିରେ ଧାରଣା



ବାସୁଦେବପୁର, ୧୪/୦୫(ଆ.ପ୍ର) : ବାସୁଦେବପୁର ଅଂଚଳରେ ବିଦ୍ୟୁତ ଆଘାତରେ ଗୁରୁତର ହୋଇ ଜୀବନ ସହ ସଂଗ୍ରାମ କରୁଥିବା ସହଦେବ ତରାଇଙ୍କୁ ନ୍ୟାୟ ଓ ସହାୟତା ଦାବିରେ ଗ୍ରାମବାସୀଙ୍କ ଧାରଣା । ବିଦେଇପୁର ବିଦ୍ୟୁତ କାର୍ଯ୍ୟାଳୟ ସମ୍ମୁଖରେ ମହିଳା ଓ ପୁରୁଷମାନେ ଏକତ୍ରିତ ହୋଇ ବିଦ୍ୟୁତ ବିଭାଗ ବିରୋଧରେ ଆନ୍ଦୋଳନ କରିଛନ୍ତି । ସୂଚନା ଅନୁସାରେ, ବିଦେଇପୁର ବିଦ୍ୟୁତ କାର୍ଯ୍ୟାଳୟ ଶାଖାର ସୁପରଭାଇଜର ଅଜୟ କୁମାର ପୁହାଣଙ୍କ ଡାକରେ ଗତ ୨୦ ଏପ୍ରିଲ ସମୟରେ ସହଦେବ ତରାଇ ୧୧ କେଭି ବିଦ୍ୟୁତ ଖୁଂଟରେ କାମ କରିବାକୁ ଯାଇଥିଲେ । କାମ କରୁଥିବା ସମୟରେ ହଠାତ୍ ବିଦ୍ୟୁତ ଆଘାତ ଲାଗିବାରୁ ସେ ଗୁରୁତର ଆହତ ହୋଇଥିଲେ । ବିଦ୍ୟୁତ ଆଘାତରେ ତାଙ୍କର ଗୋଟିଏ ହାତ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଥିବା ବେଳେ ସେ ବର୍ତ୍ତମାନ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି ।ପରିବାର ଲୋକେ ଅଭିଯୋଗ କରିଛନ୍ତି ଯେ, କାମ ପାଇଁ ଡାକିଥିବା ସତ୍ତ୍ୱେ ଘଟଣା ପରେ ବିଦ୍ୟୁତ ବିଭାଗର ଅଧିକାରୀମାନେ କୌଣସି ସହାୟତା କିମ୍ବା ଆର୍ଥିକ ସମର୍ଥନ ଯୋଗାଇ ନାହାନ୍ତି । ଏନେଇ ବିଭାଗକୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନଥିବାରୁ କ୍ଷୋଭ ପ୍ରକାଶ ପାଇଛି । ଏହାର ପ୍ରତିବାଦରେ କରଞ୍ଜାଡ଼ିଆ ଓ ନାଇକାଣିଡିହୀ ଗ୍ରାମର ଗ୍ରାମବାସୀମାନେ ବିଦେଇପୁର ବିଦ୍ୟୁତ କାର୍ଯ୍ୟାଳୟ ଶାଖା ସମ୍ମୁଖରେ ଧାରଣାରେ ବସିଥିଲେ । ଧାରଣାରେ ରମାକାନ୍ତ ସେବା ଫାଉଣ୍ଡେସନର ଅଧ୍ୟକ୍ଷ ରତିକାନ୍ତ ପ୍ରଧାନ, କରଞ୍ଜାଡ଼ିଆ ଗ୍ରାମ ପଂଚାୟତ ସରପଂଚ ମାରକଣ୍ଡ ତରାଇଙ୍କ ସମେତ ବହୁ ଗ୍ରାମବାସୀ ଯୋଗଦେଇଥିଲେ ।

ସ୍ୱାମୀଙ୍କ ପାଇଁ ଦିନଟିଏ ସାବିତ୍ରୀ ବ୍ରତ

ନିମାପଡା, ୧୪/୦୫(ଆ.ପ୍ର) : ଆଜି ପବିତ୍ର ସାବିତ୍ରୀ ଅମାବାସ୍ୟା । ଓଡିଆ ଘର ର ସମସ୍ତ ସଧବା ନାରୀମାନେ ଏହି ଦିନ ଭକ୍ତି ଓ ନିଷ୍ଠାର ସହିତ ନିଜ ସ୍ୱାମୀଙ୍କ ଦୀର୍ଘଜୀବନ କାମନା କରି ସାବିତ୍ରୀ ବ୍ରତ ପାଳନ କରିଛନ୍ତି । ପ୍ରାତଃରୁ ସ୍ନାନ କରି ମହାଦେବଙ୍କ ମନ୍ଦିର/ ଗ୍ରାମଦେବତୀଙ୍କ ନିକଟରେ ନୂଆ ଲୁଗା, ସିନ୍ଦୁର, ଅଳତା, ଫଳମୂଳ ଭୋଗ ଲାଗି କରିଥିଲେ । ଠାକୁରାଣୀଙ୍କ ନିକଟରେ ପୂଜା ହୋଇଥିବା ଲୁଗା ଓ ନବତସ୍ତ ପିନ୍ଧିବା ସହିତ ଅଳତା, ସିନ୍ଦୁର ପିନ୍ଧି ନିଜ ନିଜ ସ୍ୱାମୀଙ୍କୁ ପ୍ରଣାମ କରିଥିଲେ । ଠାକୁର ମାନଙ୍କ ନିକଟରେ ଭୋଗ ଲାଗି ହୋଇଥିବା ଫଳ ମୂଳ ଖାଇ ଓଷା ପାଳନ କରିଛନ୍ତି । ନିଜ ନିଜ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ସଧବା ମହିଳା ମାନେ ଏହି ବ୍ରତ।ଓଷା ପାଳନ କରିଥାନ୍ତି । କିମ୍ବଦନ୍ତୀ ରହିଛି ଯେ, ସାବିତ୍ରୀ ନିଜ ସ୍ୱାମୀ ଭକ୍ତି, ବାକପଟୁତା, ଚତୁରତା କାରଣରୁ ମୃତ୍ୟୁର ଦେବତା ଯମଙ୍କୁ ସନ୍ତୁଷ୍ଟ କରି ନିଜ ସ୍ୱାମୀ ସତ୍ୟବାନଙ୍କୁ ପୁନଃ ଜୀବନ ଦେବା ସହିତ ଶ୍ୱଶୁରଙ୍କ ଅନ୍ଧତ୍ୱ ଦୂର କରିଥିଲେ ଓ ଶ୍ୱଶୁର, ସ୍ୱମୀଙ୍କୁ ହାରିଯାଇଥିବା ରାଜ୍ୟ ଫେରସ୍ତ ଆଣି ଦେଇ ପାରିଥିଲେ । ଏଣୁ ସାବିତ୍ରୀଙ୍କୁ ମହାସତୀର ଆଖ୍ୟା ଦିଆଯାଇଅଛି । ଜ୍ୟୋଷ୍ଠ ଅମାବାସ୍ୟା ଦିନ ସଧବା ମହିଳା ମାନେ ସାବିତ୍ରୀ ଓଷା ବ୍ରତ ପାଳନ କରି ନିଜ ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା କରିବା ସହିତ ନିଜ ପରିବାରର ମଙ୍ଗଳ କାମନା କରିଥାନ୍ତି । ଏଥିପାଇଁ ପ୍ରତ୍ୟେକ ବ୍ୟକ୍ତି ନିଜ ସହଧର୍ମିଣୀଙ୍କ ପାଇଁ ବିଭିନ୍ନ ଫଳମୂଳ, ନୂଆଶାଢ଼ୀ, ବସ୍ତ୍ର, ଅଳତା, ସିନ୍ଦୁର ପ୍ରଭୃତି କିଣି ନେଇଥାନ୍ତି । ସାବିତ୍ରୀ ବ୍ରତ ଓଡିଆ ସଂସ୍କୃତି ସହିତ ଜଡିତ ହୋଇ ରହି ଆସିଛି କେଉଁ କେତେ କାଳରୁ । ସାବିତ୍ରୀ ବ୍ରତ ପାଇଁ ଏ ଅଂଚଳରେ ଥିବା ଶିବ ମନ୍ଦିର ମାନଙ୍କରେ ନାହିଁ ନ ଥିବା ଭିଡ଼ ଦେଖିବାକୁ ମିଳିଥିଲା ।

ଅସଂପୂର୍ଣ୍ଣ ମେଗା ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟନକୁ ନେଇ ବିଜେଡିର ସାମ୍ବାଦିକ ସମ୍ମିଳନୀ

ମାହାଙ୍ଗା, ୧୪/୦୫(ଆ.ପ୍ର) : ଗତ ବିଜେଡି ସରକାର ସମୟରେ ମାହାଙ୍ଗା ବ୍ଲକର ମଧୁପୁର ଠାରେ ୨୦୨୦ ମସିହାରେ ୨୧୩ କୋଟି ବ୍ୟୟ ଅଟକଳରେ ବୃହତ ମେଗା ପାନୀୟ ଜଳ ପ୍ରକଳ୍ପ ଶିଳାନ୍ୟାସ କରାଯିବା ସହ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲା । ତେବେ ବିଜେଡି ସରକାର ସମୟରେ ଏହି ପ୍ରକଳ୍ପର କାର୍ଯ୍ୟ ସଂପୂର୍ଣ୍ଣ ହୋଇପାରିନଥିଲା । ମୋହନ ସରକାର ଆସିବା ପରେ ଏହି ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିଲେ ମଧ୍ୟ ଏହାକୁ ସଂପୂର୍ଣ୍ଣ କରାନଯାଇ ରାଜନୈତିକ ଫାଇଦା ଉଦ୍ଦେଶ୍ୟରେ ଅତି ତରବରିଆ ଭାବେ ପଂଚାୟତରାଜ ମନ୍ତ୍ରୀ ରବି ନାରାୟଣ ନାୟକଙ୍କ ଦ୍ୱାରା ମାହାଙ୍ଗା ବିଧାୟକଏହି ପ୍ରକଳ୍ପର ଉଦ୍ ଘାଟନ କରିଥିବାରୁ ଏହାକୁ ମାହାଙ୍ଗା ବିଜେଡି ପକ୍ଷରୁ ମଧୁପୁର ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ବିରୋଧ କରାଯିବା ସହ ପ୍ଲାକାର୍ଡ ଧରି ପ୍ରତିବାଦ କରାଯାଇଛି । ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନାଙ୍କ ପୌରହିତ୍ୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ହୃଷିକେଶ ସ୍ୱାଇଁ, ବ୍ଲକ ଉପାଧ୍ୟକ୍ଷ ସତ୍ୟ ନାରାୟଣ ମହାନ୍ତି, କଟକ ଜିଲ୍ଲା ବିଜେଡି ଉପସଭାପତି ପ୍ରଶାନ୍ତ ପଟ୍ଟନାୟକ, ଜିଲ୍ଲା ପରିଷଦ ସଭ୍ୟ ଜଗବନ୍ଧୁ ସେଠୀ, ରିୟାଜୁଲ ହୋଦା,ସମିତିସଭ୍ୟ ବନଲତା ଦଳାଇ, ମଧୁପୁର ସରପଂଚ ରବୀନ୍ଦ୍ର ବାଗ ପ୍ରମୁଖ ଯୋଗଦେଇ ଡବଲ ଇଞ୍ଜିନ ସରକାର କେବଳ ପୁରୁଣା ପ୍ରକଳ୍ପର ରଙ୍ଗ ବଦଳାଇ ଅସଂପୂର୍ଣ୍ଣ ପ୍ରକଳ୍ପକୁ ଉଦ୍‌ଘାଟନ କରିବା ଘଟଣାକୁ ତୀବ୍ର ନିନ୍ଦା କରିବା ସହ କଡ଼ୁ ସମାଲୋଚନା କରିଥିଲେ । ବର୍ତମାନ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ୪୪ ପଂଚାୟତରେ ପାଇପ ସଂଯୋଗୀକରଣ କାର୍ଯ୍ୟ ଅସଂପୂର୍ଣ୍ଣ ରହିବା ସହ ଧାର୍ଯ୍ୟ ୫୦ ହଜାର ପରିବାରଙ୍କ ନିକଟରେ ଏହି ପାନୀୟ ଜଳ ପହଂଚି ନ ଥିବା ଅଭିଯୋଗ କରିଛନ୍ତି । ନିମ୍ନମାନର ପାଇପ ବିଛା କାର୍ଯ୍ୟ ଯୋଗୁ ବିଭିନ୍ନ ସ୍ଥାନରେ ପାଇପ ଫାଟି ପାଣି ନଷ୍ଟ ହେବା ସହ ରାସ୍ତାଘାଟ ଜରାଜୀର୍ଣ୍ଣ ହୋଇ ପଡିଥିବା ବେଳେ ମାହାଙ୍ଗା ବ୍ଲକରେ କୋଟି କୋଟି ଟଙ୍କା ପଡି ରହିବା ସହ ଉନ୍ନତିମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ଏପରିକି ପଂଚାୟତ ସମିତି ବୈଠକ କରାନଯିବା ଓ ଇ ପୋର୍ଟାଲ ମାଧ୍ୟମରେ କେନ୍ଦ୍ର ଓ ରାଜ୍ୟର ଅନୁଦାନ ଅର୍ଥ ପ୍ରଦାନ କରାନଯିବା ଘଟଣାରେ ପଂଚାୟତରାଜ ମନ୍ତ୍ରୀ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ବୋଲି ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି । ତେବେ କାହା ସ୍ୱାର୍ଥରେ ଏହି ଅଧା ପନ୍ତରିଆ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକୁ ଖୋଦ ପଂଚାୟତରାଜ ମନ୍ତ୍ରୀ ଉଦ୍‌ଘାଟନ କଲେ ତାହାକୁ ନେଇ ମାହାଙ୍ଗାବାସୀ ଆଗାମୀ ଦିନରେ କଡା ଜବାବ ଦେବେ ବୋଲି ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ।

ଧାମନଗର-ଦୋବଲ,ଫଳପୁର ରାସ୍ତା ଘଂଟା ଘଂଟା ଧରି ଜାମ୍,ଟ୍ରାଫିକ ସମସ୍ୟା, ଲୋକେ ହନ୍ତସନ୍ତ

ଧାମନଗର, ୧୪/୦୫(ଆ.ପ୍ର) : ଦୋବଲ,ଫଳପୁର ରାସ୍ତା ଘଂଟା ଘଂଟା ଧରି ଜାମ୍,ଟ୍ରାଫିକ ସମସ୍ୟା,ଲୋକେ ହନ୍ତସନ୍ତ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି । ଧାମନଗର ବିଜ୍ଞାପିତ ଅଂଚଳ ପରିଷଦ ଘୋଷଣା ହେଲାପରେ ବିଭିନ୍ନ କାର୍ଯ୍ୟାଳୟ,ଉନ୍ନତିକରଣ କାର୍ଯ୍ୟ,ସହରାଂଚଳ ଅଭିବୃଦ୍ଧି ହେତୁ ଅତ୍ୟଧିକ ଜନ ସମାଗମ ବଢ଼ି ବଢ଼ି ଚାଲିଛି ତା ସାଙ୍ଗକୁ ଟ୍ରାଫିକ ସମସ୍ୟା ବୃଦ୍ଧି ପାଉଛି । ଧାମନଗର ସହର ମାନ୍ୟତା ପାଇବା ପରେ ବହୁ ଛୋଟ ବଡ଼ ଦୋକାନ ମାନ ଖୋଲୁଛି । ଦୋକାନୀ ଓ ଉଠା ଦୋକାନୀ ମାନେ ରାସ୍ତା ଉଭୟ ପାର୍ଶ୍ୱରେ ସେମାନଙ୍କ ପସରା ମେଲାଇ ବ୍ୟବସାୟ କରୁଥିବା ବେଳେ ଯାତାୟତରେ ଘୋର ବାଧା ସୃଷ୍ଟି କରୁଛନ୍ତି । ଯାହା ଫଳରେ ସାନ ବଜାର ଠାରୁ ମେଡିକାଲ ବଜାର ପର୍ଯ୍ୟନ୍ତ ରାସ୍ତାଟି ବହୁ ସମୟରେ ଗହଳି ହୋଇ ଯାତାୟତରେ ଘୋର ବାଧା ସୃଷ୍ଟି ହେବା ସହ ଘଂଟା ଘଂଟା ଧରି ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି । ବିଶେଷ କରି ସପ୍ତାହର ଦୁଇଦିନ ରବିବାରରେ ଓ ବୁଧବାର ସାପ୍ତାହିକ ହାଟ ହେତୁ ଅଧିକ ଗହଳି ହେଉଛି । ସେଥି ମଧ୍ୟରୁ ରବିବାର ଛୁଟି ଦିନ ଥିବାରୁ ଟିକେ କମ ଗହଳି ହେଉଥିବା ସ୍ଥଳେ ବୁଧବାର ସମସ୍ତ କାର୍ଯ୍ୟାଳୟ ଖୋଲା ରହୁଥିବାରୁ ସର୍ବାଧିକ ଗହଳି ହୋଇ ଘଂଟା ଘଂଟା ଧରି ରାସ୍ତା ଜାମ ରହୁଛି । ଏହି ସମୟରେ ଆମ୍ବୁଲାନ୍ସ,ଦମକଳ ଗାଡ଼ି ଏପରିକି ଖୋଦ ପୁଲିସ ଗାଡ଼ି ମଧ୍ୟ ବହୁସମୟ ଧରି ଫଶି ରହୁଛି । ଏଥିପାଇଁ ପୋଲିସକୁ ନାକେଦମ ହେବାକୁ ପଡୁଛି । ସାନ ବଜାର ଠାରୁ ମେଡିକାଲ ବଜାର ଯାଏ ୫ ଟି ବ୍ୟାଙ୍କ ରହୁଥିବାରୁ କାର୍ଯ୍ୟ ଦିବସରେ ବହୁ ଜନ ସମାଗମ ହେଉଛି । କେତେକ ସମୟରେ ଟ୍ରାଫିକ ସମସ୍ୟାକୁ ନେଇ ବିଗତ ଦିନରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି । ସରକାର ତଥା ଜିଲ୍ଲା ପ୍ରଶାସନ ଏହାର ସ୍ଥାୟୀ ସମାଧାନ ଓ ଦୂରୀକରଣ ନିମନ୍ତେ ଧାମନଗର ବିଜ୍ଞାପିତ ଅଂଚଳ ପରିଷଦ ଅନ୍ତର୍ଗତ ସ୍ୱାଗତ ତୋରଣ ପାଖରୁ ଧାମନଗର କଲେଜ ପର୍ଯ୍ୟନ୍ତ ରାସ୍ତାରେ ଡିଭାଇଡର ନିର୍ମାଣ ପୂର୍ବକ ଦୁଇଥାକିଆ ରାସ୍ତା କରାଯାଉ ବୋଲି ସାଧାରଣରେ ଦାବି କରିଛନ୍ତି । ଏଥି ସହିତ ବଡ଼ ଓ ସାନ ବଜାର ଛକରେ ଗୋଲେଇ ନିର୍ମାଣ କରାଯାଉ ଏବଂ ଜୟନଗର ଠାରୁ ମେଡିକାଲ ବଜାର ଯାଏ ଏକ ବାଇପାସ ରାସ୍ତା ନିର୍ମାଣ କରାଯାଉ । ଏଥି ସହିତ ସହରୀ ମାଷ୍ଟରପ୍ଲାନ ପ୍ରସ୍ତୁତ ପୂର୍ବକ ଘର ଓ ଦୋକାନ ଘର ନିର୍ମାଣ କରୁଥିବା ଲୋକଙ୍କୁ ଡ୍ରେନ ନିର୍ମାଣ ପାଇଁ ବାଧ୍ୟତାମୂଳକ କରାଯାଉ । ତାହେଲେ ଯାଇ ରାସ୍ତା ଜାମ ଓ ଟ୍ରାଫିକ ସମସ୍ୟା ଦୂର ହୋଇପାରିବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ, ୧୪/୦୫(ଆ.ପ୍ର) : ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ପ୍ରଦତ୍ତ କାର୍ଯ୍ୟକ୍ରମ ଅନୁସାରେ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ଦ୍ୱାରା ଦରିଦ୍ର ନାରାୟଣ ଯୋଗୀ ଋଷି ଲଛମନ ଶିଶୁ ଆଶ୍ରମରେ କଠିନ ବର୍ଜ୍ୟ ବସ୍ତୁରୁ କିପରି ବ୍ୟବହାର ଉପଯୋଗୀ ଦ୍ରବ୍ୟମାନ ପ୍ରସ୍ତୁତ ହୋଇପାରିବ ଏବଂ ନାଲସା ଦ୍ୱାରା ଜାରି ହୋଇଥିବା ୧୫୧୦୦ ସମ୍ପୂର୍ଣ ଟୋଲଫ୍ରି ନମ୍ବରର କିଭଳି ସଠିକ ବ୍ୟବହାର କରିବେ ସେ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ, ଜିଲ୍ଲା ଶିଶୁ ଓ ଯତ୍ନ ଅଧିକାରୀ, ଭଦ୍ରକ ଅବିନାଶ ମହାନ୍ତି, ଜିଲ୍ଲା ଆଇନ ସେବା ପ୍ରାଧିକରଣର ଏଏଲଡିଏସ୍ ସହାୟକ, ଡ. ତାପସ କୁମାର ମହାନ୍ତି, ଏହି ଶିଶୁ ଆଶ୍ରମର ସମ୍ପାଦକ, ଲୋକନାଥ ପତି ଏବଂ ଆଶ୍ରମର ଅନ୍ୟାନ୍ୟ ସହକର୍ମୀଗଣ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ସଚେତନତା କରାଇ ଥିଲେ । ଏହି ଅବସରରେ ପିଲାମାନଙ୍କୁ ନେଇ ସୁରକ୍ଷିତ ଶୈଶବ, ସୁରକ୍ଷିତ ଭବିଷ୍ୟତ ଉପରେ ଏକ ଶୋଭାଯାତ୍ରା କରାଯାଇଥିଲା । ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମୀଗଣ ଏହି ସଚେତନତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ଶୌଚାଳୟରେ ଝୁଲୁଛି ତାଲା: ନାହିଁ ନଥିବା ଅସୁବିଧାରେ ରୋଗୀ ଓ ପର୍ଯ୍ୟଟକ

ନିମାପଡା, ୧୪/୦୫(ଆ.ପ୍ର) : ସରକାରଙ୍କ 'ବାହ୍ୟ ମଳମୁକ୍ତ' ଅଭିଯାନ ଚାରିଛକ ଅଂଚଳରେ ଏବେ ବାଟବଣା ହେଲା ଭଳି ମନେହେଉଛି । ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ ଅନ୍ତର୍ଗତ ଚାରିଛକଠାରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ସୁଲଭ ଶୌଚାଳୟ ଦୀର୍ଘ ଦିନ ଧରି ବନ୍ଦ ହୋଇ ପଡ଼ିରହିଛି । ଉଦଘାଟନ ହେବାର ଅଳ୍ପ ଦିନ ପରେ ଏଥିରେ ତାଲା ପଡ଼ିଥିବାରୁ ଏହା ସାଧାରଣ ଲୋକଙ୍କ କୌଣସି କାମରେ ଆସୁନାହିଁ । ଅସୁବିଧାରେ ପର୍ଯ୍ୟଟକ ଓ ଜନସାଧାରଣ । ଚାରିଛକ ଏକ ପ୍ରମୁଖ ବ୍ୟବସାୟିକ କେନ୍ଦ୍ର ଓ ଯାତାୟାତର ମୁଖ୍ୟ ସ୍ଥଳ ହୋଇଥିବାରୁ ଏଠାକୁ ଦୈନିକ ହଜାର ହଜାର ଲୋକଙ୍କ ସମେତ ବିଭିନ୍ନ ଅଂଚଳରୁ ପର୍ଯ୍ୟଟକମାନେ ଆସିଥାନ୍ତି । ମାତ୍ର ଶୌଚାଳୟରେ ତାଲା ପଡ଼ିଥିବାରୁ ବାହାରୁ ଆସୁଥିବା ଲୋକେ ଓ ପର୍ଯ୍ୟଟକମାନେ ଶୌଚ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଶେଷ କରି ମହିଳାମାନେ ଅତି ଶୋଚନୀୟ ପରିସ୍ଥିତି ଭୋଗୁଛନ୍ତି । ଚାରିଛକ ବଜାରରେ କୌଣସି ଶୌଚାଳୟ ନଥିବା ବେଳେ ବଜାରରେ ଜାଗା ଟିକିଏ ବି ନାହିଁ ବହୁ ରାସ୍ତା କଡ଼ରେ ବ୍ୟବସାୟୀମାନେ ମାଡି ବସି ଦୋକାନ କରିଥିବାରୁ ଶୌଚ ହେବାକୁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ, ଶୌଚାଳୟଟି ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ମଧ୍ୟରେ ହିଁ ନିର୍ମାଣ କରାଯାଇଛି । ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ବାଧ ହୋଇ ରାସ୍ତା କଡ଼ରେ ଶୌଚ କରୁଛନ୍ତି । ଏହାଦ୍ୱାରା ସ୍ୱାସ୍ଥ୍ୟକେନ୍ଦ୍ର ଅଂଚଳରେ ଅପରିଷ୍କାର ପରିବେଶ ସୃଷ୍ଟି ହେଉଛି, ଯାହା ସଂକ୍ରମଣର ଭୟ ବଢ଼ାଉଛି । କେନ୍ଦ୍ର ଓ ରାଜ୍ୟ ସରକାର ସ୍ୱଚ୍ଛତା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଏଠାରେ ପ୍ରଶାସନିକ ଅବହେଳା ସ୍ପଷ୍ଟ ବାରି ହୋଇପଡୁଛି । ଏହି ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ବାସିନ୍ଦା ଓ ବୁଦ୍ଧିଜୀବୀମାନେ ନିମାପଡ଼ା ବିଧାୟିକା ତଥା ଓଡ଼ିଶାର ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦୃଷ୍ଟି ଆକର୍ଷଣ ବାର ବାର କରିଛନ୍ତି । ଅଂଚଳବାସୀଙ୍କ ସୁବିଧା ପାଇଁ ତୁରନ୍ତ ଏହି ବନ୍ଦ ଥିବା ଶୌଚାଳୟକୁ କାର୍ଯ୍ୟକ୍ଷମ କରିବା ସହ ଆବଶ୍ୟକ ସ୍ଥଳେ ନୂତନ ଶୌଚାଳୟ ନିର୍ମାଣ କରିବାକୁ ଜନସାଧାରଣରେ ଦାବି ହୋଇଛି ।

ପାରଳାଖେମୁଣ୍ଡିସ୍ଥିତ ସେଂଚୁରିଆନ ପବ୍ଲିକ୍ ସ୍କୁଲ୍ ସିବିଏସଇ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ୨୦୨୬ରେ ଉଲ୍ଲେଖନୀୟ ସଫଳତା ହାସଲ

ପାରଳାଖେମୁଣ୍ଡି, ୧୪/୦୫(ଆ.ପ୍ର) : ପାରଳାଖେମୁଣ୍ଡିରେ ଅବସ୍ଥିତ ସେଂଚୁରିଆନ ପବ୍ଲିକ୍ ସ୍କୁଲ୍ ସିବିଏସଇ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଶ୍ରେଷ୍ଠ ପାସ୍ ହାର ସହିତ ଏକ ଉଲ୍ଲେଖନୀୟ ସ୍ଥାନ ହାସଲ କରିଛି । ସୁଶ୍ରୀ ବନ୍ଦନା ରାଉତ ୯୨.୪ % ମାର୍କ ସହିତ ସ୍କୁଲ ଶ୍ରେଷ୍ଠ ହୋଇଥିବା ବେଳେ ଅନିତା ରାଜୁ ୯୧.୨ % ଦ୍ୱିତୀୟ ସ୍ଥାନ ରଖିଥିବା ବେଳେ ଅଭିଳାଷା ପାତ୍ର ୯୦ % ମାର୍କ ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଛାତ୍ରଛାତ୍ରୀମାନଙ୍କର ସାମଗ୍ରିକ ପ୍ରଦର୍ଶନ ଅତ୍ୟନ୍ତ ପ୍ରଶଂସନୀୟ ହୋଇଛି । ତିନି ଜଣ ଛାତ୍ରୀ ୯୦% ରୁ ଅଧିକ ନମ୍ବର ରଖିଛନ୍ତି । ଏଥିସହିତ ୧୨ ଜଣ ଛାତ୍ରଛାତ୍ରୀ ୮୦ % ରୁ ଅଧିକ ନମ୍ବର ରଖିଛନ୍ତି, ୨୬ଜଣ ଛାତ୍ରଛାତ୍ରୀ ୭୦ % ରୁ ଅଧିକ ନମ୍ବର ରଖିଛନ୍ତି ଏବଂ ୨୯ ଜଣ ଛାତ୍ରଛାତ୍ରୀ ୬୦ %ରୁ ଅଧିକ ନମ୍ବର ରଖିଛନ୍ତି, ଯାହା ଶୈକ୍ଷିକ ଉତ୍କର୍ଷତାର ଏକ ବ୍ୟାପକ ପରିସର ପ୍ରଦର୍ଶନ କରିଛି । ଛାତ୍ରଛାତ୍ରୀଙ୍କ ସଫଳତାରେ ଗର୍ବ ପ୍ରକାଶ କରି ସଭାପତି ପ୍ରଫେସର ମୁକ୍ତିକାନ୍ତ ମିଶ୍ର, ଉପାଧ୍ୟକ୍ଷ ପ୍ରଫେସର ଡି ଏନ୍ ରାଓ, ବିଦ୍ୟାଳୟର ଅଧ୍ୟକ୍ଷା ସୁନିତା ପାଣିଗ୍ରାହୀ, ଅଂଚଳିକ ନିର୍ଦ୍ଦେଶକ ସମିତ ପାତ୍ର, ଉପାଧ୍ୟକ୍ଷ ଜେ ଜେ ନାୟକ, ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏବଂ କର୍ମଚାରୀମାନେ ଛାତ୍ରଛାତ୍ରୀଙ୍କୁ ସେମାନଙ୍କର କୃତିତ୍ୱ ହାସଲ ପାଇଁ ଅଭିନନ୍ଦନ ଜଣାଇଛନ୍ତି ।

ମୁଖ୍ୟମନ୍ତ୍ରୀ ବସ୍ ସେବାକୁ ବସଷ୍ଟାଣ୍ଡରେ ଅନୁମତି ମିଳୁନି

ପାରଳାଖେମୁଣ୍ଡି, ୧୪/୦୫(ଆ.ପ୍ର) : ଗତ ୨୦ ଅକ୍ଟୋବର ୨୦୨୩ ଠାରୁ ମୋ ବସ୍ ଓ ମୁଖ୍ୟମନ୍ତ୍ରୀ ବସ୍ ସେବା ଗଜପତି ଜିଲ୍ଲାରେ ଆରମ୍ଭ ହୋଇଛି । ଏଥିରେ ପ୍ରାୟ ୩୬ଟି ସରକାରୀ ବସ୍ ଜିଲ୍ଲାରେ ଯାତାୟତ କରୁଛି । ବିଡମ୍ବନାର ବିଷୟ ସେହି ସବୁ ବସ୍ ଗୁଡିକୁ ବସଷ୍ଟାଣ୍ଡରେ ରଖିବାକୁ ଅନୁମତି ଦିଆଯାଉନାହିଁ । ବରଂ ଯାତ୍ରୀମାନେ ଖରାତରାରେ ବାହାରେ ସେହି ସବୁ ବସକୁ ଅପେକ୍ଷା କରିବାକୁ ପଡୁଛି । ଆହୁରି ସରକାରୀ ବସ୍ ଅଗ୍ରୀମ ଟିକଟ ବୁକିଂ କେନ୍ଦ୍ର ଭଡାରେ ଲାଗିଛି । ଏହିସବୁ ଦ୍ୱନ୍ଦ ଭିତରେ ଯାତ୍ରୀମାନେ ବିଶେଷକରି ହଇରାଣ ହେଉଛନ୍ତି । ଏଦିଗରେ ପାରଳାଖେମୁଣ୍ଡି ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମଣ ମୁର୍ମୁ ଏବଂ ଗଜପତି ଆରଟିଓ ପ୍ରସନ୍ନ କୁମାର ଦାସଙ୍କୁ ପଚାରିବାରୁ ସେମାନେ ଯାତ୍ରୀ ମାନଙ୍କର ଯେମିତି ସୁବିଧା ହେବ ସେ ଦିଗରେ ଦୃଷ୍ଟି ଦେବେ ବୋଲି କହିଛନ୍ତି ।

ବିଜେପି ଜିଲ୍ଲା ଅନୁସୂଚିତ ଜାତି ମୋର୍ଚ୍ଚା ସା ସଂପାଦକ ନିଯୁକ୍ତି ହେଲେ ସୁଧୀର ବାଗ

ଧର୍ମଗଡ଼, ୧୪/୦୫(ଆ.ପ୍ର) : ବିଜେପି ସୁପ୍ରିମୋ ମୋହନ ଚରଣ ମାଝୀଙ୍କ ଅନୁମୋଦନ କ୍ରମେ କଳାହାଣ୍ଡି ଜିଲ୍ଲା ଅନୁସୂଚିତ ଜାତି ମୋର୍ଚ୍ଚା ସାଧାରଣ ସଂପାଦକ ଭାବେ ନିଯୁକ୍ତି ଘୋଷଣା କରାଯାଇଛି । ଏହି ତାଲିକାରେ କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ପର୍ଲା ମଣ୍ଡଳ ପୂର୍ବତନ ସଭାପତି ସୁଧୀର ଚନ୍ଦ୍ର ବାଗ ବିଜେପି ଜିଲ୍ଲା ଅନୁସୂଚିତ ଜାତି ମୋର୍ଚ୍ଚା ସାଧାରଣ ସମ୍ପାଦିକ ଭାବେ ସ୍ଥାନ ପାଇଛନ୍ତି । ଧର୍ମଗଡ଼ର ଉଦୀୟମାନ ଯୁବ ନେତୃତ୍ୱ କରୁଥିବା ନେତା ସୁଧୀର ବାଗ, ବିଜେପି ର ଜଣେ ସମର୍ପିତ ଯୁବ ନେତା ଚେହେରା ହୋଇଥିବା ବେଳେ ଜଣେ ସମାଜସେବୀ ଭାବେ ମଧ୍ୟ ଜିଲ୍ଲା ରେ ନିଜର ସ୍ୱତନ୍ତ୍ରତା ସୃଷ୍ଟି କରିପାରିଛନ୍ତି । ପୂର୍ବରୁ ମଧ୍ୟ ତାଙ୍କୁ ଦଳ ପକ୍ଷରୁ ଦିଆଯାଇଥିବା ଦାୟିତ୍ୱ ସେ ସୁଚାରୁ ରୂପେ ସମ୍ପାଦନ କରିଛନ୍ତି ବର୍ତ୍ତମାନ ତାଙ୍କୁ କଳାହାଣ୍ଡି ବିଜେପି ଅନୁସୂଚିତ ଜାତି ମୋର୍ଚ୍ଚା ଜିଲ୍ଲା ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦେଇଥିବାରୁ ସେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, ଜିଲ୍ଲା ସଭାପତି ଯୁଗଳ କିଶୋର ପୋଡ଼, ବିଧାୟକ ସୁଧୀର ରଂଜନ ପଟଯୋଶୀ, ପୂର୍ବତନ ମନ୍ତ୍ରୀ ପ୍ରଦୀପ ନାଏକଙ୍କ ସମେତ ଦଳୀୟ କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

ଅବକାରୀ ବିଭାଗର ଚଢ଼ାଉ

ନବରଙ୍ଗପୁର, ୧୪/୦୫(ଆ.ପ୍ର) : ଜିଲ୍ଲାପାଳ ଡ଼କ୍ଟର ମହେଶ୍ୱର ସ୍ୱାଇଁ ତଥା ଅବକାରୀ ଅଧିକ୍ଷକ ପ୍ରତାପ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ, ଅବକାରୀ ନିରୀକ୍ଷକ ଦିଲ୍ଲୀପ କୁମାର ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନବରଙ୍ଗପୁର ଥାନା ଅର୍ନ୍ତଗତ, କୋଇ ଗୁଡା ଗ୍ରାମ ନିକଟରେ ଅବକାରୀ ଚଢା କରୁଥିବା ସମୟରେ, ଜଣେ ପୁରୁଷ ଆସାମୀ, ଧର୍ମେନ୍ଦ୍ର ସିଂ ନିକଟରୁ ୨୦ (କୋଡ଼ିଏ)ଲିଟର ବାହାର ରାଟି ମଦ ଜବତ ଓ ଗୋଟିଏ ମୋଟର ସାଇକେଲ ଜବତ କରାଯାଇଛି । ଏବଂ ମାଝୀ ଗୁଡା ଗ୍ରାମର ବନ୍ଧ ସାହି ରେ ଚଢ଼ାଉ କରି, ଜଣେ ମହିଳା ଜଣେ ପୁରୁଷ ବିଜୁ ଡ଼ଙ୍ଗରି ନିକଟରୁ ୧୫(ପନ୍ଦର)ଲିଟର ଚୋରା ଦେଶୀ ହାତ ଭାଟି ମଦ ଜବତ କରାଯାଇ ଆସାମୀ ଦୁଇ ଜଣଙ୍କୁ, ଘଟଣା ସ୍ଥଳରେ ୩୫ BNSSର ସୁଚନା ଦେଇ ଛାଡି ଦିଆ ଗଲା. PR No- ୧୮/୨୦୨୬-୨୭ & ୧୯/୨୦୨୬-୨୭of Inspetor of Excise, Nabarangpur, Rangeରେ, ମକଦ୍ଦମା ରୁଜୁ କରାଯାଇଛି । ଏହି ଚଢାଉରେ ରିସମା ସୁନା ଓ ଆକ୍ରମ ଖାନ, ସହଯୋଗ କରି ଥିଲେ ।

ବାଦପୁର ଆଦର୍ଶ ବିଦ୍ୟାଳୟର ଟପ୍ପର ହେଲେ ଶୁଭଶ୍ରୀ, ଦ୍ୱିତୀୟ ସ୍ଥାନରେ ଅଭିଷେକ

ପାତ୍ରପୁର, ୧୪/୦୫(ଆ.ପ୍ର) : ପ୍ରକାଶ ପାଇଛି ଚଳିତ ବର୍ଷ ସି ବି ଏସ ଇ ଦ୍ୱାଦଶ ଶ୍ରେଣୀର ପରୀକ୍ଷା ଫଳ କ୍ଷ ୨୦୨୬ ବର୍ଷର ପରୀକ୍ଷା ରେ ପାସ୍ ହାର ୮୫ .୨୦ ରହିଥିବା ବେଳେ ଓଡିଶାରେ ପାସ୍ ହାର ରହିଛି ୭୬.୮୧ ଯାହାକି ଗତବର୍ଷ ଅପେକ୍ଷା ପାସ୍ ହାର କମିଛିସ ଏହି ପରୀକ୍ଷାରେ ଛାତ୍ରଙ୍କୁ ପଛରେ ପକାଇ ଛାତ୍ରୀ ମାନେ ବାଜି ମାରି ନେଇଛନ୍ତି । ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ ବାଦପୁର ଆଦର୍ଶ ବିଦ୍ୟାଳୟରେ ମଧ୍ୟ ପୁଅଙ୍କୁ ପଛରେ ପକାଇ ବାଜି ମାରି ନେଇଛନ୍ତି ଝିଅ । ପ୍ରକାଶ ଥାଉକି ଚଳିତ ବର୍ଷ ମୋଟ ୫୦ ଜଣ ପରୀକ୍ଷା ଦେଇଥିବା ବେଳେ ୪୦ ଜଣ ପାସ କରିଥିବା ଜଣାପଡିଛି । ପାସ୍ ହାର ୮୦ % ଥିବାବେଳେ ବିଦ୍ୟାଳୟରେ ଦୁଇଜଣ ଛାତ୍ର ଛାତ୍ରୀ ୯୦ %ରୁ ଅଧିକ ମାର୍କ ରଖିଛନ୍ତି । ଆଦର୍ଶ ବିଦ୍ୟାଳୟ ବାଦପୁର ପାଇଁ ଗୌରବ ଆଣିଛନ୍ତି ସୁବର୍ଣ୍ଣପୁର ଗ୍ରାମର ଗଣେଶ ସେଠୀ (ପ୍ରଧାନଶିକ୍ଷକ)ଙ୍କ ଝିଅ ଶୁଭଶ୍ରୀ ସେଠି । ଶୁଭଶ୍ରୀ ୯୬.୨ ରଖିଥିବା ବେଳେ ଏହି ଗ୍ରାମର ସହଦେବ ପ୍ରଧାନଙ୍କ ପୁଅ ଅଭିଷେକ ପ୍ରଧାନ ୯୩ % ମାର୍କ ରଖି କୃତିତ୍ୱ ହାସଲ କରିଛନ୍ତି । ଏହି ଦୁଇ ତାରକା ପାଇଁ ସୁବର୍ଣ୍ଣପୁର ଗ୍ରାମ ଗର୍ବିତ ବୋଲି ନାଏବ ସରପଂଚ ମାଧବ ଡାଡତ୍ୟା ପ୍ରକାଶ କରିବା ସହ ଉଭୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ସଭାମଣ୍ଡପର ପୁର୍ନଉଦ୍ଧାର ଓ ବିକାଶ ପାଇଁ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ହାତକୁ ନେଲା

ନିମାପଡା, ୧୪/୦୫(ଆ.ପ୍ର) : ପୁରୀଜିଲ୍ଲା ନିମାପଡା ବ୍ଲକ ଅନ୍ତର୍ଗତ ଚାରିଛକ ନିକଟସ୍ଥ ତୁଳସୀପୁର ପଂଚାୟତ ଐତିହାସିକ ସଭାମଣ୍ଡପରେ ପ୍ରତ୍ୟେକ ବର୍ଷ ପ୍ରସିଦ୍ଧ ଦୋଳ ପୂର୍ଣ୍ଣିମା ଅବସରରେ ଚାରି ଠାକୁର ମାଧବର ମାଧବାନନ୍ଦ ଜୀଉ, ଛଣିଜଙ୍ଗର ପ୍ରଭୁ ରାଧାକାନ୍ତ,ଅମରେଶ୍ୱରର ପ୍ରଭୁ ଅମରେଶ୍ୱର ଓ ବଦେଶ୍ୱରର ପ୍ରଭୁ ବଦେଶ୍ୱର ବଡ ସଭାମଣ୍ଡପ ଉପରେ ବିରାଜମାନ କରି ହଜାର ହଜାର ସଂଖ୍ୟାର ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି । ଏହି ଐତିହାସିକ ସଭାମଣ୍ଡପଟି ଏକାଦଶ ଶତାବ୍ଦୀର ହୋଇଥିବାରୁ ଏହାର ରକ୍ଷଣା ବେକ୍ଷଣ ଅଭାବରୁ ଏହି ସ୍ଥାନଟି ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଥିଲା । ଅବହେଳିତ ଅବସ୍ଥାରେ ଥିବା ଏହି ପୀଠର ପୁର୍ନଉଦ୍ଧାର ନିମନ୍ତେ ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପରେ ଓଡିଶା ରାଜ୍ୟ ପ୍ରତ୍ନତତ୍ତ୍ୱ, ଓଡିଆ ଭାଷା,ସାହିତ୍ୟ ଏବଂ ସଂସ୍କୃତି ବିଭାଗ ଓଡିଶା ସରକାର ଏହାର ବିକାଶ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ଏହି ସ୍ମାରକଟି ଓଡିଶା ପ୍ରାଚୀନ ସ୍ମାରକୀ ଅଟେ, ଉକ୍ତ ପୀଠର ପୁର୍ନଉଦ୍ଧାର ଓ ସଭାମଣ୍ଡପର ରକ୍ଷଣା ବେକ୍ଷଣ କରିବାକୁ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଏହାକୁ ହାତକୁ ନେଇଛନ୍ତି । ସଂରକ୍ଷଣ ଅଂଚଳ ମଧ୍ୟରେ ଯେ କୌଣସି ନିର୍ମାଣ ବେଆଇନ ଏବଂ ଆଇନର ଧାରା ୧୬ ଅନୁଯାଇ ଦଣ୍ଡନୀୟ, ଯାହା ସାତବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ,୫୦ହଜାର ପର୍ଯ୍ୟନ୍ତ ଜରିମାନା କିମ୍ବା ଉଭୟ ଲାଗୁ କରାଯିବା ପାଇଁ ସୁଚନା ଫଳକରେ ଉଲ୍ଲେଖ ରହିଛି । ଏହା ବ୍ୟତୀତ ଓଡିଶା ଉନ୍ନୟନ କର୍ତ୍ତୃପକ୍ଷ(ଯୋଜନା ଏବଂ ନିର୍ମାଣ ମାନଦଣ୍ଡ)ନିୟମ ୨୦୨୦ ଧାରା ୨୦ ଅନୁଯାଇ ଏହି ସ୍ମାରକୀର ବାହ୍ୟ ସୀମାର ଏକଶହ ମିଟର ମଧ୍ୟରେ କୌଣସି ନିର୍ମାଣ କାର୍ଯ୍ୟ କରାଯିବ ନାହିଁ ଉକ୍ତ ଫଳକରେ ଲିପିବଦ୍ଧ ହୋଇଅଛି । ରାଜ୍ୟ ସରକାର ଉକ୍ତ ପୀଠର ଉନ୍ନତି କରଣ ଓ ବିକାଶ ପାଇଁ ଉଦ୍ୟମ ଜାରୀ ରଖିଥିବାରୁ ଚାରିଠାକୁରଙ୍କ ସେବକ ତ୍ରିଲୋଚନ ପୁଷ୍ପାଳକ, ଲୋଚନ ପୁଷ୍ପାଳକ, ମହେନ୍ଦ୍ର ମହାପାତ୍ର, କୃଷ୍ଣଚନ୍ଦ୍ର ମହାପାତ୍ର, ଚକ୍ରଧର ପାଣି, ଗଙ୍ଗାଧର ପାଣି, ଚୈତନ ପାଣି, ପୂର୍ଣ୍ଣଚନ୍ଦ୍ର ପାଣି, ଗଙ୍ଗାଧର ପାଣି, ନରେନ୍ଦ୍ର ପୁଷ୍ପାଳକ, ପ୍ରାଚୀ ସଂସ୍କୃତି ସୁରକ୍ଷା ପରିଷଦର ଆବାହକ ପଣ୍ଡିତ ତ୍ରିଲୋଚନ ମିଶ୍ର,ପ୍ରାଚୀ ସାହିତ୍ୟ ସଂସଦର ସଭାପତି ପ୍ରଫେସର ଗୋପୀନାଥ କର,ସଂପାଦକ ଐତିହାସିକ ଡଃ ସନ୍ତୋଷ କୁମାର ମିତ୍ର, ବରିଷ୍ଠ ନାଗରୀକ ମଂଚର ସଂପାଦକ କାହ୍ନୁ ଚରଣ ବେହେରା, ଭଗବାନସାହୁ ଚାରିଟେବୁଲ ଟ୍ରଷ୍ଟର ସଂପାଦକ ପ୍ରଫୁଲ୍ଲ କୁମାର ସାହୁ, ଶିକ୍ଷାବିତ ନୀରଞ୍ଜନ କର, ଦ୍ୱିଜବର ମୁଦୁଲି, କୈଳାଶ ଚନ୍ଦ୍ର ତ୍ରିପାଠୀ, ତ୍ରିଲୋଚନ କର, ସମାଜସେବୀ ଚନ୍ଦ୍ରକାନ୍ତ ବଳାଇ, କୃଷ୍ଣଚନ୍ଦ୍ର ରାଉତ,ସନାତନ ପାତ୍ର, ବନବିହାରୀ ଦାଶ, ଲକ୍ଷ୍ମୀଧର ବେହେରା, ସୁବାସ ଚନ୍ଦ୍ର ସାହୁ, ଦିବାକର କର ସ୍ମୃତି ସଂସଦ ଓ ପାଠାଗାର କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର କର, କବିରାଜ କୁଳମଣି ସାହୁ ମେମୋରିଆଟ୍ରଷ୍ଟର ଅଧ୍ୟକ୍ଷ ଡଃ କେଦାରନାଥ ସାହୁଙ୍କ ସମେତ ବିଭିନ୍ନ ସଂଗଠନର କାର୍ଯ୍ୟକର୍ତ୍ତା ଓ ସ୍ଥାନୀୟ ଗ୍ରାମବାସୀ ପ୍ରମୁଖ ରାଜ୍ୟ ସରକାର ଏବଂ ସ୍ଥାନୀୟ ବିଧାୟିକା ତଥା ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କୁ ସାଧୁବାଦ ଜଣାଇଛନ୍ତି ।

ବେଆଇନ ଦେଶୀ ନିର୍ମିତ ଅସ୍ତ୍ରଶସ୍ତ୍ର ନିର୍ମାଣ ୟୁନିଟ୍ ଠାବ ୪୨ଟି ଦେଶୀ ବନ୍ଧୁକ ଜବତ, ୧୫ ଗିରଫ

ବାଲିଗୁଡ଼ା, ୧୪/୦୫(ଆ.ପ୍ର) : କନ୍ଧମାଳ ଜିଲ୍ଲାରେ ଅପରାଧ ଓ ଅପରାଧୀଙ୍କ ନିୟନ୍ତ୍ରଣ ସହ ଆଇନଶୃଙ୍ଖଳା ବ୍ୟବସ୍ଥା କୁ ବଜାୟ ରଖିବା ପାଇଁ କନ୍ଧମାଳ ଏସପି ହରିଶ ବିଶିଙ୍କ ସ୍ୱତନ୍ତ୍ର ବେଆଇନ ଦେଶୀ ନିର୍ମିତ ଅସ୍ତ୍ରଶସ୍ତ୍ର ନିର୍ମାଣ ୟୁନିଟ୍ ଓ ଦେଶୀ ବନ୍ଧୁକ ଠାବ ଅଭିଯାନ ଆରମ୍ଭ କରିଛନ୍ତି । ଏଥିରେ ପୁଲିସକୁ ବଡ ସଫଳତା ମିଳି ଥିବା ବାଲିଗୁଡ଼ା ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଶୁଭମ ଭୋସଲେ ଗୁରୁବାର ସାମ୍ବାଦିକ ସମ୍ମିଳନୀରେ ଜଣାଇଛନ୍ତି । ଜିଲ୍ଲାର ୩ଟି ବେଆଇନ ଦେଶୀ ନିର୍ମିତ ଅସ୍ତ୍ରଶସ୍ତ୍ର ନିର୍ମାଣ ୟୁନିଟ ଠାବ ହୋଇ ଥିବା ବେଳେ ୪୨ ଦେଶୀ ବନ୍ଧୁକ ଜବତ କରିବା ସହ ୧୫ ଜଣଙ୍କୁ ଗିରଫ କରାଯାଉଛି । ବେଆଇନ ଦେଶୀ ନିର୍ମିତ ଅସ୍ତ୍ରଶସ୍ତ୍ର ନିର୍ମାଣ ୟୁନିଟ ଗୁଡ଼ିକ ତୁମୁଡ଼ିବନ୍ଧ, ବ୍ରାହ୍ମଣୀ ଗାଁ ଓ ଫିରିଙ୍ଗିଆ ଥାନା ଅଂଚଳରେ ଠାବ ପରେ ନଷ୍ଟ କରାଯାଇଛି । ତୁମୁଡ଼ିବନ୍ଧ ଥାନା ଅଂଚଳ ରୁ ୧୮ ଟି ଦେଶୀ ବନ୍ଧୁକ ଜବତ ହୋଇଥିବା ବେଳେ ଜଣେ ବ୍ୟକ୍ତି ଗିରଫ ସେହି ଭଳି ବ୍ରାହ୍ମଣୀ ଗାଁ ୨ ଟି ଦେଶୀ ବନ୍ଧୁକ ସହ ଜଣେ ଗିରଫ, ଗୋଛାପଡା ଥାନା ୩ ବନ୍ଧୁକ ଜବତ ୨ ଗିରଫ, ଦାରିଙ୍ଗବାଡ଼ି ଥାନା ୩ ବନ୍ଧୁକ ଜବତ, ରେଇଖୋଲ ଥାନାରୁ ୨ ବନ୍ଧୁକ ଜବତ ୨ଗିରଫ, ରାଇକିଆ ୨ ବନ୍ଧୁକ ଜବତ ଜଣେ ଗିରଫ, ଖଜୁରୀପଡ଼ା ୧ ବନ୍ଧୁକ ଜବତ ଜଣେ ଗିରଫ, ଟିକାବାଲି ଥାନା ଅଂଚଳରୁ ୪ ଦେଶୀ ବନ୍ଧୁକ ଜବତ ୩ ଗିରଫ, ଚକାପାଦ ୨ ବନ୍ଧୁକ ଜବତ ଜଣେ ଗିରଫ, କୋଟଗଡ ୩ ବନ୍ଧୁକ ଜବତ ଜଣେ ଗିରଫ, ବାଲିଗୁଡ଼ା ଥାନା ଅଂଚଳରୁ ଜଣେ ଗିରଫ ୧ ବନ୍ଧୁକ ଜବତ ହୋଇଥିବା ବାଲିଗୁଡ଼ା ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଶୁଭମ ଭୋସଲେ ସାମ୍ବାଦିକ ସମ୍ମିଳନୀ ରେ ଜଣାଇଛନ୍ତି । ଏହି ଅଭିଯାନ ଆଗାମୀ ଦିନ ରେ ମଧ୍ୟ ଯୋରଦାର କରାଯିବ ବୋଲି କହିଛନ୍ତି । ତେବେ ଏହି ଦେଶୀ ଚୋରା ବନ୍ଧୁକ କେଉଁଠାରେ ତିଆରି ହେଉଥିଲା ଏବଂ କେବଳ ଶିକାରୀମାନଙ୍କ ପାଖରେ ପହଂଚୁ ଥିଲା ନା ଅନ୍ୟ କେଉଁ ଆଡେ ଯାଉଥିଲା ସେନେଇ ତଦନ୍ତ ଜାରି ରଖିଛି କନ୍ଧମାଳ ପୁଲିସ ।

ସେବକ ମାୟାଧର ଥିଲେ ଜଣେ ପରୋପକାରୀ ଦରଦୀ ମଣିଷ

ଭଦ୍ରକ,୧୪/୦୫(ଆ.ପ୍ର) : ସେବକ ମାୟାଧର ଥିଲେ ଜଣେ ପରୋପକାରୀ ଓ ଦରଦୀ ମଣିଷ । ସେ ସଦା ସର୍ବଦା ଚାରଣ ଓ କବି ବିଶିଷ୍ଟ ଅତିଥି ଭାବେ ଦୁଃଖୀଙ୍କ ମୁଁହରେ ମୁଁହରେ ହସ ଫୁଟାଉ ଥିଲେ । ସେ ବିଭିନ୍ନ ସଂଗଠନରେ ରହି ଦାୟିତ୍ୱ ସୁଚାରୁରୂପେ ତୁଲାଉଥିଲେ ବୋଲି ଆଜି ଭଦ୍ରକ ବ୍ଲକର ଭାନ୍ଦିଆ ନିକଟସ୍ଥ ସାନଭି ମଣ୍ଡପ ଠାରେ ବାର୍ଷିକ ଶ୍ରାଦ୍ଧ ଉତ୍ସବରେ ଅନୁଷ୍ଠିତ ସ୍ମୃତି କବିତା ପାଠୋତ୍ସବ ଓ ସଭାରେ ଅତିଥିମାନେ ଯୋଗଦେଇ କହିଛନ୍ତି । ଶିଶୁ ସାହି ସାହିତ୍ୟିକ ଡଂ. ଅଭୟ ସୂତାରଙ୍କ ସଭାପତିତ୍ୱରେ ପୁଅ ନିରଞ୍ଜନ ନାୟକ ମଂଚ ଆମନ୍ତ୍ରଣ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ସାଂସଦ ମଞ୍ଜୁଲତା ମଣ୍ଡଳ, ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ଯୋଗଦେଇ ଥିଲେ । ସମ୍ମାନିତ ଅତିଥିଭାବେ ସଂସ୍କୃତି ଅଧିକାରିଣୀ ତନୁଜା ସିର୍କା, ପ୍ରାକ୍ତନ ଧାମନଗର କଲେଜ ଅଧ୍ୟକ୍ଷ ପବିତ୍ର ପାଣିଗ୍ରାହୀ, ପ୍ରାକ୍ତନ ପ୍ରାଧ୍ୟାପକ ଅଟଳ ବିହାରୀ ନାୟକ, ପଣ୍ଡିତ ବେଦଧାରୀ ମହାପାତ୍ର, ବରିଷ୍ଠ ସାମ୍ବାଦିକ ରବିନାରାୟଣ ଖିଲାର ପ୍ରାକ୍ତନ ଅଧ୍ୟକ୍ଷ ଶିବଚରଣ ଖାମ୍ରାଇ, ପ୍ରାକ୍ତନ ଅଧ୍ୟକ୍ଷ ସୁଚିତ୍ରା ପାଣିଗ୍ରାହୀ, ଶିକ୍ଷାବିତ ଗଦାଧର ପଣ୍ଡା, କୈଳାଶ ଚନ୍ଦ୍ର ପଣ୍ଡା, ଡା ଅନିଲ କୁମାର ଦାଶ, ସାମାଜିକ କର୍ମୀ ଅଞ୍ଜନା ମିଶ୍ର, କାବୟତ୍ରୀ ଦମୟନ୍ତୀ ରାଉତ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମାୟାଧରଙ୍କ ଜୀବନୀ ଉପରେ ସ୍ମୃତି ଚାରଣ କରିଥିଲେ । କବିତା ପାଠୋତ୍ସବରେ କବିତା ସଂଯୋଜନା କରିଥିଲେ କବୟିତ୍ରୀ ଜାନକୀ ପାଢ଼ୀ ଓ ମନୋରମା ରାୟ । କବି ଦୁର୍ଯ୍ୟୋଧନ ମିଶ୍ର, ବାବୁଲାଲ ଦାସ,ରମେଶ ଚନ୍ଦ୍ର ସ୍ୱାଇଁ, ଶ୍ରଦ୍ଧାଞ୍ଜଳି ମିଶ୍ର, ବଇତାଳି ଖିଲାର, ଅଞ୍ଜୁବାଳା ରାଉତ, ଅକ୍ଷୟ ଜେନା, ଅମର ଶତପଥୀ ଅମୂଲ୍ୟ ରାଉତ, ସାବିତ୍ରୀ ସେଠି, ସନ୍ଧ୍ୟା ରାଣୀ ଜେନା, ମମତା ସାହୁ, ମନୋରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମାୟାଧର ନାୟକଙ୍କ ସ୍ମୃତି ଚାରଣ କରିଥିଲେ ଓ କବିତା ପାଠୋତ୍ସବ କରିଥିଲେ । କବୟିତ୍ରୀ ସଂଯୁକ୍ତାରାଣୀ ନାୟକ ସମସ୍ତଙ୍କୁ କୃତଜ୍ଞତା ଦେଇଥିଲେ ।

ଟିମ୍ ଇଣ୍ଡିଆରେ ସ୍ଥାନ ପାଇଲେ ସୂର୍ଯ୍ୟବଂଶୀ

ମୁମ୍ବାଇ, ୧୪/୫(ନ୍ୟୁ.ଏ): ଜୁନ୍ ମାସରେ ଭାରତ, ଶ୍ରୀଲଙ୍କା ଓ ଆଫଗାନିସ୍ତାନ ଟ୍ରାଇ-ସିରିଜ୍ । ଏନେଇ ଭାରତୀୟ ଦଳ ଘୋଷଣା । ବିସିସିଆଇ ଚୟନ କମିଟି ୧୫ଜଣିଆ ଦଳ ଘୋଷଣା କରିଛି । ଏଥିରେ ତିଲକ ବର୍ମାଙ୍କୁ ଅଧିନାୟକ ଦାୟିତ୍ୱ ମିଳିଥିବା ବେଳେ ରିଆନ୍ ପରାଗ ଉପଅଧିନାୟକ ଦାୟିତ୍ୱ ତୁଲାଇବେ । ସବୁଠୁ ବଡ଼ କଥା ହେଲେ ୧୫ ବର୍ଷୀୟ ବିସ୍ଫୋରକ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀଙ୍କୁ ପ୍ରଥମ ଥର ପାଇଁ ଟିମ୍ ଇଣ୍ଡିଆ ସୁଯୋଗ ମିଳିଛି । ସେହିପରି ଇଣ୍ଡିଆନ ପ୍ରିମିୟର ଲିଗରେ ଜଲୱା ଦେଖାଉଥିବା ବ୍ୟାଟର ପ୍ରିୟାନ୍ସ ଆରିୟା ଏବଂ ବୋଲର ଅଂଶୁଲ କମ୍ବୋଜଙ୍କୁ ଦଳରେ ସ୍ଥାନ ପାଇଛନ୍ତି । ବିସିସିଆଇରୁ ମିଳିଥିବା ସୂଚନା ମୁତାବକ, ଏହି ତିନିକିଆ ଟ୍ରାଇ-ସିରିଜ୍ ଇଣ୍ଡିଆ-ଇ ସହିତ ଶ୍ରୀଲଙ୍କା-ଇ ଏବଂ ଆଫଗାନିସ୍ତାନ-ଇ ମଧ୍ୟରେ ଖେଳାଯିବ । ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାର ଡାମ୍ବୁଲା ଇଂଟର ନ୍ୟାସନାଲ ଷ୍ଟାଡିୟମରେ ଖେଳାଯିବ । ଏହି ଟ୍ରାଏ-ସିରିଜ୍ ପାଇଁ ଇଣ୍ଡିଆ-ଇରେ ଅନେକ ଯୁବ ପ୍ରତିଭାଙ୍କୁ ସୁଯୋଗ ମିଳିଛି । ଯେଉଁମାନେ ଘରୋଇ କ୍ରିକେଟ୍ ଏବଂ ଆଇପିଏଲରେ ଜବରଦସ୍ତ ପ୍ରଦର୍ଶନ ଜାରି ରଖିଛନ୍ତି । ସବୁଠାରୁ ବଡ଼ କଥା ହେଲା ଏହି ସିରିଜ୍ ମାଧ୍ୟମରେ ଟିମ୍ ଇଣ୍ଡିଆରେ ବୈଭବ ସୂର୍ଯ୍ୟବଂଶୀଙ୍କ ଏଂଟ୍ରି ହୋଇଛି । ସେହିପରି ପ୍ରିୟାଂଶ ଆରିୟା, ଆୟୁଷ ବଦୋନୀ, ନିଶାନ୍ତ ସିନ୍ଧୁ ଏବଂ ହର୍ଷ ଦୁବେ ମଧ୍ୟ ସୁଯୋଗ ମିଳିଛି । ୱିକେଟ କିପର ଭାବେ ପ୍ରଭସିମ୍ରନ ସିଂହ ଏବଂ କୁମାର କୁଶାଗ୍ରଙ୍କୁ ଟିମରେ ସାମିଲ୍ କରାଯାଇଛି । ବୈଭବ ସୂର୍ଯ୍ୟବଂଶୀ ଆଇପିଏଲ ୨୦୨୬ ରେ ଦମଦାର ପ୍ରଦର୍ଶନ ଜାରି ରଖିଛନ୍ତି । ସେ ରାଜସ୍ଥାନ ରଏଲ୍ସ ପାଇଁ ଖେଳୁଛନ୍ତି । ବର୍ତ୍ତମାନ ସୁଦ୍ଧ ୧୧ଟି ମ୍ୟାଚ୍‌ରେ ୪୪୦ ରନ୍ ସଂଗ୍ରହ କରିବାରେ ସକ୍ଷମ ହୋଇଛନ୍ତି । ଏଥିରେ ଗୋଟିଏ ଶତକୀୟ ଇନିଂସ ରହିଛି । ସେ ୪୦.୦୦ ଆଭରେଜ୍ ଏବଂ ୨୩୬.୫୫ ଷ୍ଟ୍ରାଇକ୍ ରେଟରେ ବ୍ୟାଟିଂ ଜାରି ରଖିଛନ୍ତି । ସେ ଗୋଟିଏ ଶତକ ଏବଂ ଦୁଇଟି ଅର୍ଦ୍ଧଶତକ ରହିଛି । ସେହିପରି ୧୧ଟି ମ୍ୟାଚରେ ୩୮ଟି ଚୌକା ଏବଂ ୪୦ଟି ଛକା ମାରିସାରିଛନ୍ତି । ସେ ଏହା ପୂର୍ବରୁ ଭାରତ ଅଣ୍ଡର-୧୯ ଦଳର ସ୍ଥାନ ପାଇ ସାରିଛନ୍ତି । ଅଷ୍ଟ୍ରେଲିଆ ଅଣ୍ଡର-୧୯ ବିରୋଧରେ ୫୮ଟି ବଲରେ ଶତକ ହାସଲ କରିଥିଲେ । ୨୦୨୪ ଏସିସି ଅଣ୍ଡର-୧୯ ଏସିଆ କପରେ ସେ ୧୭୬ ରନର ଜବରଦସ୍ତ ଇନିଂସ ଖେଳି ଭାରତକୁ ଫାଇନାଲରେ ପହଂଚାଇବାରେ ବଡ଼ ଭୂମିକା ଗ୍ରହଣ କରିଥିଲେ । ରଣଧୀର ବର୍ମା ଅଣ୍ଡର-୧୯ ଟୁର୍ଣ୍ଣାମେଂଟରେ ବୈଭବ ଅପରାଜିତ ୩୩୨ ରନ୍ କରିଥିଲେ । ୨୦୨୬ ଅଣ୍ଡର-୧୯ ବିଶ୍ୱକପ୍ ଫାଇନାଲ୍‌ରେ ବୈଭବ ସୂର୍ଯ୍ୟବଂଶୀ ଇଂଲଣ୍ଡ ବିରୋଧରେ କେବଳ ୮୦ଟି ବଲରେ ବିସ୍ଫୋରକ ୧୭୫ ରନ୍ କରିଥିଲେ । ଏହି ଐତିହାସିକ ଇନିଂସରେ ସେ ୧୫ଟି ଚୌକା ଓ ୧୫ଟି ଛକା ମାରିଥିଲେ । ତାଙ୍କର ଏହି ଅଦ୍ଭୁତ ଇନିଂସ ବଳରେ ଭାରତ ଟୁର୍ଣ୍ଣାମେଂଟ ଜିତିବାରେ ସଫଳ ହୋଇଥିଲା । ଇଣ୍ଡିଆ-ଇ ଦଳ: ତିଲକ୍ ବର୍ମା (ଅଧିନାୟକ), ପ୍ରିୟାଂଶ ଆର୍ଯ୍ୟ, ବୈଭବ ସୂର୍ଯ୍ୟବଂଶୀ, ରିୟାନ ପରାଗ (ଉପ-ଅଧିନାୟକ), ଆୟୁଷ ବଦୋନୀ, ନିଶାନ୍ତ ସିନ୍ଧୁ, ହର୍ଷ ଦୁବେ, ସୂର୍ଯ୍ୟାଂଶ ଶେଡଗେ, ପ୍ରଭସିମରନ ସିଂହ (ୱିକେଟ କିପର), କୁମାର କୁଶାଗ୍ର (ୱିକେଟ କିପର), ବିପ୍ରାଜ ନିଗମ, ଯଶ ଠାକୁର, ଯୁଦ୍ଧବୀର ସିଂହ, ଅଂଶୁଲ କାମ୍ବୋଜ ଏବଂ ଅର୍ଶଦ ଖାନ ।

ଡ୍ରୋନ ଆଟାକ: ଓମାନରେ ବୁଡ଼ିଲା ଭାରତୀୟ ପଣ୍ୟବାହୀ ଜାହାଜ

ନୂଆଦିଲ୍ଲୀ, ୧୪/୫(ନ୍ୟୁ.ଏ): ଓମାନ ଉପକୂଳରେ ଘଟିଛି ବଡ଼ ଅଘଟଣ । ଗୋଟିଏ ଭାରତୀୟ ଜାହାଜ ଉପରେ ହୋଇଛି ଡ୍ରୋନ ଆଟାକ । ଗୁଜରାଟର ହାଜି ଅଲୀ ନାମକ ଜାହାଜ ଉପରେ ଡ୍ରୋନ ମାଡ଼ ହେବାରୁ ଏହା ସମୁଦ୍ରରେ ବୁଡ଼ି ଯାଇଛି । ଏହି ପଣ୍ୟବାହୀ ଜାହାଜରେ ୧୪ ଜଣ ଭାରତୀୟ କ୍ରୁ ସଦସ୍ୟ ରହିଥିଲେ । ସେମାନଙ୍କୁ ବୁଡ଼ି ଯାଇଥିବା ଜାହାଜରୁ ଓମାନ ଅଧିକାରୀମାନେ ସୁରକ୍ଷିତ ଉଦ୍ଧାର କରିଛି । ଭାରତୀୟ ଜାହାଜ ଉପରେ ଡ୍ରୋନ ଆଟାକ ଉକ୍ତ ଅଂଚଳରେ ସାମୁଦ୍ରିକ ସୁରକ୍ଷା ଉପରେ ପ୍ରଶ୍ନ ଉଠାଇଛି । ଷ୍ଟ୍ରେଟ ଅଫ ହର୍ମୁଜରେ ଇରାନ ଓ ଆମେରିକା ଟିଭତା ଚାଲିଥିବା ଏବେ ଏପରି ଘଟଣା ସମସ୍ତଙ୍କୁ ଆତଙ୍କିତ କରିଛି । ବୁଡ଼ି ଯାଇଥିବା ପଣ୍ୟବାହୀ ଜାହାଜଟି ଦେବଭୂମି ଦ୍ୱାରକା ଜିଲ୍ଲାରେ ଥିବା ସାଲାୟା ବନ୍ଦରରେ ପଞ୍ଜିକରଣ ହୋଇଥିଲା । ପଶୁମାନଙ୍କୁ ଧରି ଜାହାଜଟି ସୋମାଲିଆରୁ ଶାରଜା ଆଡ଼କୁ ଆସୁଥିବା ବେଳେ ବୁଧବାର ଭୋର ସମୟରେ ଆକ୍ରମଣ ସାମ୍ନା କରିଛି । ଭୋର ପ୍ରାୟ ୩.୩୦ରେ ଜାହାଜଟି ଓମାର ଉତରପୂର୍ବ ଉପକୂଳରେ ଥିବା ଲିମାହ ଅତିକ୍ରମ କରୁଥିଲଷା । ଏହି ସମୟରେ ହଠାତ୍ ଜାହାଜ ଉପରେ ଗୋଟିଏ ଡ୍ରୋନ ଦ୍ୱାରା ଆକ୍ରମଣ କରାଯାଇଥିଲା । ଆକ୍ରମଣ ପରେ ଜାହାଜରେ ନିଆଁ ଲାଗି ଯାଇଥିଲା । ଫଳରେ ଏହା ଉପରୁ ନାବିକ ନିୟନ୍ତ୍ରଣ ହରାଇଥିଲେ । ଶେଷରେ ଏହା ଗଭୀର ସମୁଦ୍ରରେ ବୁଡ଼ି ଯାଇଛି । ତେବେ ଜାହାଜରେ ନିଆଁ ଲାଗିବା କ୍ଷଣୀ ଏହା ମଧ୍ୟରେ ଥିବା ୧୪ ଜଣ କ୍ରୁ ସଦସ୍ୟ ତୁରନ୍ତ ବିପର୍ଯ୍ୟୟ ସିଗ୍ନାଲ ଦେଇଥିଲେ ଓ ଜୀବନ ରକ୍ଷାକାରୀ ବୋଟର ବ୍ୟବହାର କରିଥିଲେ । କିଛି ସମୟ ପରେ ଓମାନ ତଟରକ୍ଷୀ ବାହିନୀ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ସେମାନେ ଘଟଣା ସ୍ଥଳରେ ପହଂଚି ସମସ୍ତ କ୍ରୁ ସଦସ୍ୟଙ୍କୁ ତୁରନ୍ତ ଡାବା ବନ୍ଦରକୁ ଆଣିଛନ୍ତି । ଶିପ ମାଲିକ ସୁଲତାନ ଅହମଦ ସାମ୍ଭାରର ପରବର୍ତ୍ତୀ ଅବସ୍ଥାରେ ସମସ୍ତ କ୍ରୁ ସଦସ୍ୟ ସୁରକ୍ଷିତ କରିଥିବା ସୁନିଶ୍ଚିତ କରିଛନ୍ତି । ଆକ୍ରମଣ କିଏ କରିଛି, ସେକଥା ଏଯାଏ ଜଣାପଡ଼ିନି । କିନ୍ତୁ ଭାରତର ବୈଦେଶିକ ମନ୍ତ୍ରଣାଳୟ ଆକ୍ରମଣକୁ ଅଗ୍ରହଣୀୟ ବୋଲି କହିଛି । ମନ୍ତ୍ରଣାଳୟ କହିଛି ଯେ "ଭାରତୀୟ ପତାକା ଥିବା ଜାହାଜ ଉପରେ ଆକ୍ରମଣ ଆଦୌ ଗ୍ରହଣୀୟ ନୁହେଁ । ବ୍ୟବସାୟିକ ଜାହାଜ ଓ ସାଧାରଣ ମାରିନର୍ସ ଉପରେ କ୍ରମାଗତ ଆକ୍ରମଣରେ ଆମେ ଚିନ୍ତିତ ।" ବୁଡ଼ି ଯାଇଥିବା ଜାହାଜରେ ଅନେକ ପଶୁ ରହିଥିଲେ । ଏଥିଯୋଗୁ ସେମାନେ ଗଭୀର ସମୁଦ୍ରରେ ଭାସି ଯାଇଛନ୍ତି ।

ତୃତୀୟ ପର୍ଯ୍ୟାୟ ଏସ୍ଆଇଆର ଘୋଷଣା କଲେ ଇସିଆଇ

ନୂଆଦିଲ୍ଲୀ, ୧୪/୫(ନ୍ୟୁ.ଏ): ଭାରତୀୟ ନିର୍ବାଚନ ଆୟୋଗ (ଇସିଆଇ) ଗୁରୁବାର ଓଡ଼ିଶା ସମେତ ୧୬ଟି ରାଜ୍ୟ ଓ ୩ଟି କେନ୍ଦ୍ର ଶାସିତ ଅଂଚଳ ପାଇଁ ତୃତୀୟ ପର୍ଯ୍ୟାୟରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କରିବାକୁ ଘୋଷଣା କରିଛନ୍ତି । କେବଳ ହିମାଚଳ ପ୍ରଦେଶ, ଜମ୍ମୁ ଓ କାଶ୍ମୀର ଓ ଲଦାଖକୁ ଏଥିରୁ ବର୍ତ୍ତମାନ ପାଇଁ ବାଦ୍ ଦିଆଯାଇଛି । ତୃତୀୟ ପର୍ଯ୍ୟାୟରେ ଓଡ଼ିଶା, ଆନ୍ଧ୍ର ପ୍ରଦେଶ, ଅରୁଣାଚଳ ପ୍ରଦେଶ, ଚଣ୍ଡୀଗଡ଼, ଦାଦ୍ରା ନଗର ହାଭେଳି ଓ ଦମନ ଦିଉ, ହରିୟାଣା, ଝାଡ଼ଖଣ୍ଡ, କର୍ଣ୍ଣାଟକ, ମହାରାଷ୍ଟ୍ର, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ଦିଲ୍ଲୀ, ପଞ୍ଜାବ, ସିକ୍କିମ, ତ୍ରିପୁରା, ତେଲଙ୍ଗାନା ଓ ଉତରଖଣ୍ଡ ରହିଛି । ଏହି ପର୍ଯ୍ୟାୟରେ ୩ ଲକ୍ଷ ୯୪ ହଜାର ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲଓ) ଘରକୁ ଘର ବୁଲି ପାଖାପାଖି ୩୬.୭୩ କୋଟି ଭୋଟରଙ୍କ ଯାଂଚ କରିବେ । ମେ ୩୦ ତାରିଖରୁ ବିଏଲଓ ଘରକୁ ଘର ବୁଲି ଭୋଟର ତାଲିକା ଯାଂଚ କରିବା ସହିତ ଜୁଲାଇରୁ ଅକ୍ଟୋବର ମଧ୍ୟରେ ଡ୍ରାଫ୍ଟ ଭୋଟର ତାଲିକା ପ୍ରକାଶ କରିବେ । ଦିଲ୍ଲୀରେ ଚୂଡ଼ାନ୍ତ ଭୋଟର ତାଲିକା ଅକ୍ଟୋବର ୭ ତାରିଖରେ ପ୍ରକାଶ କରାଯିବ । ହିମାଚଳ ପ୍ରଦେଶ, ଜମ୍ମୁ ଓ କାଶ୍ମୀର ଓ ଲଦାଖରେ ପରବର୍ତ୍ତୀ ସମୟରେ ତୃତୀୟ ପର୍ଯ୍ୟାୟ ଜନଗଣନା ପରେ ସ୍ୱତନ୍ତ୍ର ଭାବେ ଏସ୍ଆଇଆର କରାଯିବ । ପାଣିପାଗ ଓ ଅନ୍ୟ ସବୁ ଆହ୍ୱାନପୂର୍ଣ୍ଣ ସ୍ଥିତିକୁ ଲକ୍ଷ୍ୟ କରି ଏହି ଏସ୍ଆଇଆର କରାଯିବ । ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ସମସ୍ତ ଭୋଟରଙ୍କୁ ତୃତୀୟ ପର୍ଯ୍ୟାୟ ଏସ୍ଆଇଆରରେ ଅଂଶଗ୍ରହଣ କରିବାକୁ ନିବେଦନ କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ବିହାରରେ ଜୁନ୍‌ରୁ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ହୋଇଥିଲା । ଏହାପରେ ଅକ୍ଟୋବର ୨୦୨୫ରେ ଉତର ପ୍ରଦେଶ, ପଶ୍ଚିମବଙ୍ଗ ପ୍ରମୁଖ ୯ ରାଜ୍ୟ ଓ ତିନି କେନ୍ଦ୍ରଶାସିତ ଅଂଚଳରେ ଏସ୍ଆଇଆର ହୋଇଥିଲା । ଉତର ପ୍ରଦେଶରେ ସର୍ବାଧିକ ୨.୦୪ କୋଟି ଭୋଟର ବାଦ୍ ପଡ଼ିଥିବାବେଳେ ପଶ୍ଚିମବଙ୍ଗରେ ୮୩.୮୬ ଲକ୍ଷ ଭୋଟର ବାଦ୍ ପଡ଼ିଥିଲେ । ପ୍ରଥମ ଦୁଇ ପର୍ଯ୍ୟାୟରେ ୧୩ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ୫୯ କୋଟି ଭୋଟରଙ୍କ ଯାଂଚ କରାଯାଇଥିଲା ।

ଉତର ପ୍ରଦେଶରେ ପ୍ରଳୟଙ୍କରୀ ଝଡ଼ବର୍ଷା, ୮୯ ମୃତ

ଲକ୍ଷ୍ନୌ, ୧୪/୫(ନ୍ୟୁ.ଏ): ଉତର ପ୍ରଦେଶରେ ବୁଧବାର ସନ୍ଧ୍ୟାରେ ପ୍ରଳୟଙ୍କାରୀ ବର୍ଷା ଝଡ଼ ଯୋଗୁଁ ରାଜ୍ୟର ବିଭିନ୍ନ ସ୍ଥାନରେ ୮୯ ଜଣ ଲୋକଙ୍କର ମୃତ୍ୟୁ ହୋଇଛି । ସନ୍ଧ୍ୟାରେ ପ୍ରବଳ ବର୍ଷା ହେବା ସହିତ ପବନ ଓ ଧୂଳିଝଡ଼ ଜନଜୀବନ ଅସ୍ତବ୍ୟସ୍ତ କରିପକାଇଥିଲା । ଅନେକ ସ୍ଥାନରେ ଗଛ ଉପୁଡ଼ି ରାସ୍ତାରେ ପଡ଼ି ରହିଥିବା ଯୋଗୁଁ ଯାତାୟାତ ପ୍ରଭାବିତ ହୋଇଥିଲା । ପ୍ରୟାଗରାଜ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା । ଏଠାରେ ୨୧ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ସନ୍ଥ ରବିଦାସ ନଗରରେ ୧୪ ଜଣଙ୍କର ମୃତ୍ୟୁ ହୋଇଛି, ଫତେହପୁରରେ ୧୧ ଜଣଙ୍କର ମୃତ୍ୟୁ ହୋଇଛି ଓ ମିର୍ଜାପୁରରେ ୧୦ ଜଣଙ୍କର ମୃତ୍ୟୁ ହୋଇଛି । ଉନ୍ନାଓ, ବଦାୟୁଁ, ବରେଲି ଓ ପ୍ରତାପଗଡ଼ ସମେତ ଅନ୍ୟ ଅନେକ ଜିଲ୍ଲାରେ ମଧ୍ୟ ଝଡ଼ ଯୋଗୁଁ ଗଛ ଉପୁଡ଼ି ପଡ଼ିଛି, ଘର କ୍ଷତିଗ୍ରସ୍ତ ହୋଇଛି ଓ କାନ୍ଥ ଭୁଶୁଡ଼ି ପଡ଼ିଛି । ଉତର ପ୍ରଦେଶ କର୍ତ୍ତୃପକ୍ଷଙ୍କ ରିପୋର୍ଟ ଅନୁଯାୟୀ, ଝଡ଼ବର୍ଷା ଯୋଗୁ ୫୩ ଜଣ ଲୋକ ଆହତ ହୋଇଥିବାବେଳେ ୧୧୪ଟି ପଶୁଙ୍କ ମୃତ୍ୟୁ ହୋଇଛି । ଅନେକ ଜିଲ୍ଲାରେ ଘର ଓ ସମ୍ପତି କ୍ଷତିଗ୍ରସ୍ତ ହୋଇଛି । କାନ୍ଥ ଓ ଗଛ ପଡ଼ି ଲୋକଙ୍କ ମୃତ୍ୟୁ ହୋଇଛି । କେତେକ ସ୍ଥାନରେ ବଜ୍ରପାତ ଯୋଗୁଁ ଲୋକଙ୍କ ମୃତ୍ୟୁ ହୋଇଛି । ଭାରତୀୟ ପାଣିପାଗ ବିଭାଗ ଉତର ଭାରତରେ ପଶ୍ଚିମାଝଡ଼ ପ୍ରଭାବରେ ଝଡ଼ବର୍ଷା ନେଇ ଚେତାବନୀ ଦେଇଛି ।

ନିର୍ବାଚନୀ ପରବର୍ତ୍ତୀ ହିଂସା ମାମଲାରେ ଓକିଲାତି କରିବାକୁ ହାଇକୋର୍ଟ ପହଂଚିଲେ ମମତା

କୋଲକାତା, ୧୪/୫(ନ୍ୟୁ.ଏ): ନିର୍ବାଚନ ହାରିବା ପରେ ଓକିଲ ବନି ଯାଇଛନ୍ତି ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ । ଦୀର୍ଘ ୧୫ ବର୍ଷ ହେଲା ବେଙ୍ଗଲର ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ମମତାଙ୍କୁ ନିକଟରେ ବିଜେପି ହରାଇବାକୁ ସକ୍ଷମ ହୋଇଥିଲା । ଏବେ ବେଙ୍ଗଲରେ ବିଜେପିର ପ୍ରଥମ ସରକାର କାର୍ଯ୍ୟ କରୁଛି । ବିଜେପି କ୍ଷମତାକୁ ଆସିବା ପରେ ମମତାଙ୍କୁ ନୂଆ ଅବତାରରେ ଦେଖିବାକୁ ମିଳିଛି । ଆଜି ସେ ଓକିଲଙ୍କ ଭଳି କଳା କୋଟ ପିନ୍ଧି ମାମଲା ଲଢ଼ିବାକୁ କ୍ୟାଲକାଟା ହାଇକୋର୍ଟରେ ପହଂଚି ଯାଇଛନ୍ତି । ବେଙ୍ଗଲ ବିଧାନସଭା ନିର୍ବାଚନ ପରେ ରାଜ୍ୟରେ ଦେଖାଯାଇଥିବା ହିଂସାକାଣ୍ଡ ଘଟଣାରେ ମମତା ଟିଏମସି ପକ୍ଷରୁ ନିଜେ ହିଁ ମାମଲା ଲଢ଼ିବାକୁ ନିଷ୍ପତି ନେଇଛନ୍ତି । ବେଙ୍ଗଲ ହିଂସାକାଣ୍ଡକୁ ନେଇ ଟିଏମସିର ବରିଷ୍ଠ ନେତା ତଥା ଆଇନଜୀବୀ କଲ୍ୟାଣ ବାନାର୍ଜୀଙ୍କ ପୁଅ ଶୀର୍ଷନ୍ୟ ବନ୍ଦୋପାଧ୍ୟାୟ ଗୋଟିଏ ଆବେଦନ ଦାଖଲ କରିଛନ୍ତି । ନିର୍ବାଚନ ସରିବା ପରେ ଟିଏମସିର କର୍ମୀଙ୍କୁ ଆକ୍ରମଣ କରାଯିବା ସହ ପାର୍ଟି ଅଫିସରେ ପୋଡ଼ାଜଳା କରାଯାଇଥିବା ସେ ଅଭିଯୋଗ କରିଛନ୍ତି । ଏବେ ମମତା ଏହି ମାମଲା ଲଢୁଥିବା ବେଳେ ଆଜି ଶୁଣାଣି ବେଳେ ସେ ପ୍ରଭାବିତ ଲୋକଙ୍କ ସୁରକ୍ଷା ଦାବି କରିଛନ୍ତି । ସେ କୋର୍ଟକୁ କହିଛନ୍ତି, "ମୁଁ ସମସ୍ତ ବିଚାରପତିଙ୍କୁ ଆଦରର ସହ ପ୍ରଣାମ କରୁଛି । କାରଣ ହାଇକୋର୍ଟରେ ଏହା ମୋର ପ୍ରଥମ ଉପସ୍ଥାପନା । ଜଣେ ଆଇନଜୀବୀ ଭାବେ ମୁଁ ଏହି ମାମଲା ଲଢ଼ିବି ।" ନିଜର ଯୁକ୍ତି ଉପସ୍ଥାପନ ବେଳେ ମମତା ସାମ୍ନାକୁ ଆସିଥିବା ହିଂସାର ଭିଡିଓ କଥା ଉଠାଇଥିଲେ । ଏହାପରେ ସେ କହିଛନ୍ତି, ଛୋଟ ପିଲା, ମହିଳା ଓ ସଂଖ୍ୟାଲଘୁ ସଂପ୍ରଦାୟର ଲୋକଙ୍କୁ ମଧ୍ୟ ଛଡ଼ା ଯାଇ ନାହିଁ । ଟାର୍ଗେଟ ହିଂସାକାଣ୍ଡ ଯୋଗୁ ୧୦ ଜଣଙ୍କ ମୃତ୍ୟୁ ହୋଇଛି । ଏହାର ତାଲିକା ମଧ୍ୟ ସେ କୋର୍ଟକୁ ଦେଇଛନ୍ତି । ସେ ଆହୁରି ଦାବି କରିଛନ୍ତି ଯେ ଅନୁସୂଚିତ ଜାତିର ଲୋକଙ୍କୁ ଆକ୍ରମଣ କରାଯିବା ସହ ଜଣେ ୯୨ ବର୍ଷୀୟ ବିଧବାଙ୍କୁ ତାଙ୍କ ଘରୁ ବାହାର କରି ଦିଆଯାଇଛି । ବିଭିନ୍ନ ସଂପ୍ରଦାୟର ଲୋକଙ୍କ ସମ୍ପତିକୁ ମଧ୍ୟ ନଷ୍ଟ କରାଯାଇଛି । ପ୍ରାଣ ହରାଇଥିବା ୧୦ ଜଣଙ୍କ ମଧ୍ୟରୁ ୬ ଜଣ ହିନ୍ଦୁ । ଏନେଇ ପୁଲିସ୍ କୌଣସି ଏଫଆଇଆର ରୁଜୁ କରୁ ନଥିବା ମମତା ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି । ଜଣେ ୧୨ ବର୍ଷୀୟ ଝିଅଙ୍କୁ ମଧ୍ୟ ଦୁଷ୍କର୍ମ ଧମକ ମିଳିଥିବା ଅଭିଯୋଗ କରିଛନ୍ତି ମମତା । ବେଙ୍ଗଲ ସ୍ଥିତି ବିଜେପି ଜିତିବା ପରେ ଦିନକୁ ଅଧିକ ଖରାପ ହେବାରେ ଲାଗିଛି । ଦିନକୁ ଦିନ ହିଂସାକାଣ୍ଡ ଘଟୁଥିବା ବେଳେ ମାଛ ମାର୍କେଟ ଭଳି ସ୍ଥାନଗୁଡ଼ିକୁ ଭାଙ୍ଗି ଦିଆଯାଉଛି । ଦୟା କରି ହାଇକୋର୍ଟ ବେଙ୍ଗଲବାସୀଙ୍କୁ ସୁରକ୍ଷା ଦିଅନ୍ତୁ । ଏହା ଆଦୌ ଗୋଟିଏ ବୁଲଡୋଜର ରାଜ୍ୟ ନୁହେଁ ବୋଲି ସେ କହିଛନ୍ତି । ହାଇକୋର୍ଟ ମମତାଙ୍କ ଯୁକ୍ତିକୁ ଶୁଣିବା ସହ ଏହାର ଶୁଣାଣି ଜାରି ରଖିବାକୁ ନିଷ୍ପତି ନେଇଛନ୍ତି । ଏବେ ହାଇକୋର୍ଟଙ୍କ ରାୟ ଉପରେ ସମସ୍ତଙ୍କ ନଜର ରହିଛି ।

ଏୟାର ଇଣ୍ଡିଆର ୨୬,୮୦୦ କୋଟି କ୍ଷତି

ମୁମ୍ବାଇ, ୧୪/୫(ନ୍ୟୁ.ଏ): ଟାଟା ଗ୍ରୁପ୍ ଅଧୀନରେ ପରିଚାଳିତ ହେଉଥିବା ଏୟାର ଇଣ୍ଡିଆ ୨୦୨୫-୨୬ ଆର୍ଥିକ ବର୍ଷରେ ରେକର୍ଡ ୨୬,୮୦୦ କୋଟି ଟଙ୍କା (୨୮୦ କୋଟି ଡଲାର)ର କ୍ଷତି ସହିଛି । ୨୦୨୨ରେ ସରକାରଙ୍କଠାରୁ କମ୍ପାନିକୁ ଅଧିଗ୍ରହଣ କରିବା ପରଠାରୁ ଏହା ହେଉଛି ଏୟାର ଇଣ୍ଡିଆର ସର୍ବାଧିକ କ୍ଷତି । ଏହି ବର୍ଷ ଗୁଜରାଟର ଅହମଦାବାଦରେ କମ୍ପାନିର ଏକ ବିମାନ ମର୍ମନ୍ତୁଦ ଦୁର୍ଘଟଣାର ଶିକାର ହୋଇଥିଲା । ଟାଟା ଗ୍ରୁପର ଅନ୍ୟତମ ସହଯୋଗୀ ସିଙ୍ଗାପୁର ଏୟାରଲାଇନ୍ସ ପ୍ରକାଶ କରିଥିବା ଆର୍ଥିକ ଫଳାଫଳରୁ ଏହି ତଥ୍ୟ ସାମ୍ନାକୁ ଆସିଛି । ଟାଟା ଓ ସିଙ୍ଗାପୁର ଏୟାରଲାଇନ୍ସ ମିଳିତ ଭାବେ ଏୟାର ଇଣ୍ଡିଆର ଦେଖାଶୁଣା କରୁଛନ୍ତି । ୨୦୨୨ରେ କେନ୍ଦ୍ର ସରକାରଙ୍କଠାରୁ ୧୮ ହଜାର କୋଟି ଟଙ୍କାରେ ଏୟାର ଇଣ୍ଡିଆକୁ ଟାଟା ଗ୍ରୁପ୍ କିଣିଥିଲା । ସେହି ସମୟରେ କମ୍ପାନି ପାଖରେ ଯୌଥ ଉଦ୍ୟୋଗ ଭାବେ ଦୁଇଟି ଅନ୍ୟ ଏୟାରଲାଇନ୍ ଏୟାର ଏସିଆ ଇଣ୍ଡିଆ ଓ ଭିସ୍ତାରା ରହିଥିଲା । ମାଲେସିଆର ଏୟାର ଏସିଆ ସହ ମିଶି ଟାଟା ଗ୍ରୁପ୍ ଏୟାର ଏସିଆ ଇଣ୍ଡିଆ ଓ ସିଙ୍ଗାପୁର ଏୟାରଲାଇନ୍ସ ସହ ମିଶି ଭିସ୍ତାରାର ପରିଚାଳନା କରୁଥିଲା । ଏୟାର ଏସିଆ ଇଣ୍ଡିଆରୁ ଏୟାର ଏସିଆ ଓହରିଯିବା ପରେ ତାହା ସମ୍ପୂର୍ଣ୍ଣ ରୂପେ ଟାଟା ମାଲିକାନାକୁ ଚାଲିଆସିଥିଲା । ଏହାପରେ ସବୁ ବିମାନ କମ୍ପାନିଗୁଡ଼ିକୁ ଗୋଟିଏ ସଂସ୍ଥାରେ ପରିଣତ କରିବା ଲାଗି ଏୟାର ଇଣ୍ଡିଆ ଗ୍ରୁପ୍ ଗଠନ କରାଯାଇଥିଲା । ସେହି ଗ୍ରୁପର ସିଂହ ଭାଗ ଅଂଶଧନ ଟାଟା ପାଖରେ ଥିବା ବେଳେ ଅବଶିଷ୍ଟ ଅଂଶଧନ ସିଙ୍ଗାପୁର ଏୟାରଲାଇନ୍ସ ପାଖରେ ରହିଛି ।

ଦିଲ୍ଲୀରେ ଲାଗୁ ହେଲା ଦୁଇ ଦିନିଆ ୱାର୍କ ଫ୍ରମ ହୋମ ନିୟମ

ନୂଆଦିଲ୍ଲୀ, ୧୪/୫(ନ୍ୟୁ.ଏ): ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ଏବେ ଦେଶରେ ତୈଳ ସଙ୍କଟ ଦେଖିବାକୁ ମିଳିଛି । ଗତ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ପେଟ୍ରୋଲ ଓ ଡିଜେଲ ବ୍ୟବହାର କମ କରିବାକୁ କହିଥିଲେ । ଏଥିସହ ୱାର୍କ ଫ୍ରମ ହୋମ ବା ଘରେ ରହି କାମ କରିବାର ପରାମର୍ଶ ଦେଇଥିଲେ । ପ୍ରଧାନମନ୍ତ୍ରୀ ମୋଦିଙ୍କ ଘୋଷଣା ପରେ ଏବେ ଦିଲ୍ଲୀରେ ଲାଗୁ ହୋଇଛି ଦୁଇ ଦିନିଆ ୱାର୍କ ଫ୍ରମ ହୋମ ନିୟମ । ସେହିପରି ଦିଲ୍ଲୀର କୌଣସି ମନ୍ତ୍ରୀ ଆସନ୍ତା ଗୋଟିଏ ବର୍ଷ ଯାଏ ବିଦେଶ ଗସ୍ତ କରିବେ ନାହିଁ । ଦିଲ୍ଲୀର ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ତାଙ୍କ ଘୋଷଣା ଅନୁଯାୟୀ, ଏଣିକି ଦିଲ୍ଲୀର ସରକାରୀ ଅଫିସର କର୍ମଚାରୀମାନେ ସପ୍ତାହକୁ ଦୁଇ ଦିନ ଘରେ ରହି କାମ କରିବେ । ସେମାନେ ଯଥା ସମ୍ଭବ ସରକାରୀ ଓ ବ୍ୟକ୍ତିଗତ କାମରେ କମ ଗାଡ଼ିର ବ୍ୟବହାର କରିବେ । ଯାତ୍ରା ଓ ତୈଳ ବ୍ୟବହାର ହ୍ରାସ କରିବାକୁ ଏଣିକି ୫୦% ସରକାରୀ ମିଟିଂ ଅନଲାଇନରେ ହେବ । ଟ୍ରାଫିକ ଓ ତୈଳ ସଂରକ୍ଷଣ ପାଇଁ ଦିଲ୍ଲୀ ସରକାର ଓ ଏମସିଡି ପକ୍ଷରୁ ଅଫିସ ଟାଇମକୁ ବଦଳାଇ ଦିଆଯାଇଛି । ଲୋକଙ୍କ ମଧ୍ୟରେ ତୈଳ ସଂରକ୍ଷଣର ସଚେତନା ସୃଷ୍ଟି କରିବା ପାଇଁ ଦିଲ୍ଲୀ ସରକାର ଗୋଟିଏ କାର୍ଯ୍ୟକ୍ରମ ମଧ୍ୟ ଚଳାଇବେ । ସରକାରୀ ଗାଡ଼ିର ବ୍ୟବହାର କମ କରିବାକୁ ମଧ୍ୟ ସରକାର ନିଷ୍ପତି ନେଇଛି । ସରକାରୀ ଅଧିକାରୀଙ୍କୁ ଉପଲବ୍ଧ ହେଉଥିବା ପେଟ୍ରୋଲ ସୀମାକୁ ୨୦% ହ୍ରାସ କରି ଦିଆଯାଇଛି । ପୂର୍ବରୁ ମାସକୁ ସରକାରୀ କର୍ମଚାରୀମାନେ ୨୦୦ରୁ ୨୫୦ ଲିଟର ପେଟ୍ରୋଲ ବ୍ୟବହାର କରୁଥିଲେ । ସାଧାରଣ ପରିବହନକୁ ପ୍ରୋତ୍ସାହିତ କରିବାକୁ ଦିଲ୍ଲୀ ଗୋଟିଏ ମେଟ୍ରୋ ଦିବସ ପାଳନ କରିବ । ପ୍ରତି ସୋମବାର ସରକାରୀ କର୍ମଚାରୀ ଓ ମନ୍ତ୍ରୀମାନେ ମେଟ୍ରୋ ବ୍ୟବହାର କରି ଅଫିସ ଆସିବେ । ସେହିପରି ଲୋକଙ୍କୁ ସପ୍ତାହର ଗୋଟିଏ ଦିନକୁ ନୋ କାର ଦିବସ ଭାବେ ପାଳନ କରିବାକୁ ସରକାର ଆହ୍ୱାନ ଦେଇଛନ୍ତି । ଆଗାମୀ ୬ ମାସ ଯାଏ ଦିଲ୍ଲୀ ସରକାର କୌଣସି ନୂଆ ଗାଡ଼ି କିଣିବେ ନାହିଁ । କର୍ମଚାରୀଙ୍କ ମଧ୍ୟରେ ସାଧାରଣ ପରିବହନର ବ୍ୟବହାରକୁ ବୃଦ୍ଧି କରିବା ପାଇଁ ୨୯ଟି ସରକାରୀ କଲୋନୀରେ ୫୮ଟି ସ୍ୱତନ୍ତ୍ର ବସ ଚଳାଚଳ କରିବ । ପରିବହନ ଭତାକୁ ୧୦% ବୃଦ୍ଧି କରାଯିବ । ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ନିଜର କାରକେଡରେ ଥିବା ଗାଡ଼ି ସଂଖ୍ୟାକୁ ୬୦% କମ କରି ଦେଇଛନ୍ତି । ଏଣିକି ତାଙ୍କ କାରକେଡରେ ୪ଟି ଗାଡ଼ି ରହିବ । ଏହା ମଧ୍ୟରୁ ୨ଟି ଗାଡ଼ି ଇଭି ଶ୍ରେଣୀର ହେବ । ବିଦ୍ୟୁତ ସଂରକ୍ଷଣ ପାଇଁ ସରକାରୀ ଅଫିସରେ ଚାଲୁଥିବା ସମସ୍ତ ଏସି ୨୪ରୁ ୨୬ ଡିଗ୍ରୀ ମଧ୍ୟରେ ହିଁ ରହିବ । ଅଯଥା ବିଦ୍ୟୁତ ଖର୍ଚ୍ଚକୁ ରୋକିବା ପାଇଁ ସବୁ ସରକାରୀ ଅଫିସରେ ଗୋଟିଏ ମାଷ୍ଟର ସୁଇଚ ରହିବ । ଏହି ସବୁ ନିଷ୍ପତି ଆସନ୍ତାକାଲି ଠାରୁ କାର୍ଯ୍ୟକାରୀ ହେବ ବୋଲି ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା କହିଛନ୍ତି ।

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସମ୍ପାଦକ : ଶୁଭେନ୍ଦୁ ଦାସ
Editor : Subhendu Das